


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-182 ♦SUNDAY ♦28 DECEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୮୨ ♦ରବିବାର ♦୨୮ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ଚୀନ୍‌ରେ ବିଶ୍ୱର ସବୁଠାରୁ ଲମ୍ବା ଏକ୍ସପ୍ରେସ୍‌ୱେ ସୁଡ଼ଙ୍ଗ ଲୋକାର୍ପିତ

■ ବେଜିଂ, ୨୭ ।୧୨(ଏଜେନ୍ସି): ଚୀନ ବିଶ୍ୱର ସବୁଠାରୁ ଲମ୍ବା ଏକ୍ସପ୍ରେସୱେ ସୁଡଙ୍ଗ ଉଦଘାଟନ କରିଛି । ଜିନଜିଆଙ୍ଗର ଉଇଗୁର ସ୍ୱୟଂ ଶାସିତ ଅଞ୍ଚଳରେ ୨୨.୧୩ କିମି ଲମ୍ବା ଏକ୍ସପ୍ରେସୱେ ସୁଡଙ୍ଗ ଖୋଲିଛି । ଏହାକୁ ବିଶ୍ୱର ସବୁଠାରୁ ଲମ୍ବା ସୁଡଙ୍ଗ ବୋଲି କୁହାଯାଇଛି । ଏହା ଦ୍ୱାରା ଦୁର୍ଗମ ତିଆନଶାହା ପର୍ବତମାଳାରେ ଯାତ୍ରା ସମୟକୁ ଯଥେଷ୍ଟ ହ୍ରାସ କରିଛି । ଏହି ସୁଡଙ୍ଗ ନର୍ମାଣରେ ବିଶ୍ୱସ୍ତରୀୟ ମାନଦଣ୍ଡକୁ ଅନୁସରଣ କରାଯାଇଛି ବୋଲି ଚୀନର ଯୋଗାଯୋଗ ନିର୍ମାଣ କମ୍ପାନୀର ଅଧ୍ୟକ୍ଷ ସୋଙ୍ଗ ହାଇଲିଆଙ୍ଗ କହିଛନ୍ତି । ଏହା ଶୁକ୍ରବାର ଦିନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଛି । ଉତ୍ତର ଓ ଦକ୍ଷିଣ ଜିନ୍‌ଜିଆଙ୍ଗ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକୁ ଏହି ସୁଡଙ୍ଗ ଯୋଗ କରୁଛି । ଏହା ଏକ ପ୍ରମୁଖ ଧମନୀ ଭାବେ କାର୍ଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି । ତିଆନଶାନ ପର୍ବତମାଳକ



କେନ୍ଦ୍ରୀୟ ଜିନଜିଆଙ୍ଗରେ ପ୍ରାୟ ୨, ୫୦୦ କିମି ପର୍ଯ୍ୟନ୍ତ ବ୍ୟାପୀଛି । ଏହି ନୂଆ ଏକ୍ସପ୍ରେସୱେ ସୁଡଙ୍ଗ ଖୋଲିବା ସହ ଉରୁମକି ଓ କୋରଲା ମଧ୍ୟରେ ଯାତ୍ରା ପ୍ରାୟ ୭ ଘଣ୍ଟାରୁ ୩ ଘଣ୍ଟାକୁ ହ୍ରାସ ପାଇଛି ।

## ବିଶ୍ୱର ସବୁଠାରୁ ଧନୀ ଭାରତୀୟ ବଂଶୋଦ୍ଭବ ସିଇଓ ଜୟଶ୍ରୀ ଉଲ୍ଲାଲ୍

■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ଦିନକୁ ଦିନ ବିଦେଶରେ ଭାରତୀୟ ବଂଶୋଦ୍ଭବଙ୍କ ଦବଦବା ବଢ଼ିବାରେ ଲାଗିଛି । ଭାରତୀୟ ବଂଶୋଦ୍ଭବ ସିଇଓଙ୍କ ମଧ୍ୟରେ ସର୍ବପ୍ରଥମେ ମନକୁ ଆସେ ଆଲ୍‌ଫାବେଟ୍ ଇଙ୍କ୍‌ର ସୁନ୍ଦର ପିଚାଇ ଏବଂ ମାଇକ୍ରୋସଫ୍ଟର ସତ୍ୟ ନାଡେଲାଙ୍କ ନାମ । ଏକଥା ସତ ଯେ, ଏହି ଦୁଇ ବ୍ୟକ୍ତି ଦୁନିଆର ଦୁଇଟି ଶକ୍ତିଶାଳୀ କମ୍ପାନିକୁ ଚଳାଉଛନ୍ତି । କିନ୍ତୁ ଏହି ତାଲିକାରେ ସୁନ୍ଦର ପିଚାଇ ଏବଂ ସତ୍ୟ ନାଡେଲାଙ୍କୁ ଟପିଯାଇଛନ୍ତି ଆଉ ଜଣେ ଭାରତୀୟ ବଂଶୋଦ୍ଭବ ସିଇଓ ଜୟଶ୍ରୀ ଉଲ୍ଲାଲ୍ ।

### ପଛରେ ରହିଗଲେ ସତ୍ୟ ନାଡେଲା, ସୁନ୍ଦର ପିଚାଇ

### ସମ୍ପତ୍ତି ୫୦,୧୭୦ କୋଟି ଟଙ୍କା

ଶ୍ରୀମତୀ ଉଲ୍ଲାଲ୍ ହେଉଛନ୍ତି ଆରିଷ୍ଟା ନେଟୱାର୍କସର ସଭାପତି ଏବଂ ସିଇଓ । ହୁରୁନ୍ ରିପୋର୍ଟ ଅନୁଯାୟୀ, ଜୟଶ୍ରୀ ଉଲ୍ଲାଲଙ୍କ ମୋଟ ସମ୍ପତ୍ତି ୫୦,୧୭୦ କୋଟି ଟଙ୍କାରେ ପହଞ୍ଚିଛି । ସତ୍ୟ ନାଡେଲା ▶ପୃଷ୍ଠା-୭



### 'ଫ୍ଲୋ-ମିଟର' ବିନା ମନଇଚ୍ଛା ଜଳ ଶୋଷୁଛନ୍ତି ଶିଳ୍ପ ସଂସ୍ଥା

# ୭ ନଦୀରୁ ମାତ୍ରାଧିକ ପାଣିଚୋରି

### ୩୧ ଡିଭିଜନକୁ ଚିଠି ଲେଖିଲା ଜଳସମ୍ପଦ ବିଭାଗ

### ୩ ମାସରେ ଫ୍ଲୋ-ମିଟର ନ ଲଗାଇଲେ ୬ ଗୁଣ ଜରିମାନା

### ୫୮୯୦ କୋଟିର ଜଳକର ବକେୟା ଆଦାୟ କେବେ



■ ଭୁବନେଶ୍ୱର, ୨୭।୧୨ (ସମିସ): ରାଜ୍ୟ ସରକାର ଶିଳ୍ପ ସଂସ୍ଥାମାନଙ୍କୁ ସେମାନଙ୍କ ଚାହିଦା ମୁତାବକ ଜଳ ନେବାକୁ ଅନୁମତି ଦେଇଥାନ୍ତି । ଏହା ମଧ୍ୟ ଜଳସମ୍ପଦ ବିଭାଗର ଧାର୍ଯ୍ୟ ନିୟମ ଅନୁଯାୟୀ, ଚୁକ୍ତିନାମା ଦ୍ୱାରା ଅନୁମୋଦିତ ହୋଇଥାଏ । କିନ୍ତୁ ରାଜ୍ୟରେ ଶିଳ୍ପ ସଂସ୍ଥାମାନେ ଜଳକର ପୈଠ କରୁ ନ ଥିବା ବେଳେ ଚୁକ୍ତିନାମାଠାରୁ ବହୁମାତ୍ରାରେ ମନଇଚ୍ଛା ନଦୀ ଅବବାହିକାରୁ ଜଳ ଉଠାଉଛନ୍ତି । ଜଳ ଉଠାଣର ହିସାବ ପାଇଁ ଶିଳ୍ପ ସଂସ୍ଥାମାନଙ୍କ ପାଇଁ ଚୁକ୍ତିନାମା ଅନୁଯାୟୀ 'ଫ୍ଲୋ ମିଟର୍' ବାଧ୍ୟତାମୂଳକ ଥିବା ବେଳେ ଏହି ନିୟମକୁ ମଧ୍ୟ ସଂସ୍ଥାମାନେ ମାନୁନାହାନ୍ତି ।

ବ୍ରାହ୍ମଣୀ ଓ ମହାନଦୀ ମୁଖ୍ୟତଃ ରାଜ୍ୟର ପ୍ରମୁଖ ଶିଳ୍ପାଞ୍ଚଳଗୁଡ଼ିକୁ ଜଳ ଯୋଗାଣରେ ପ୍ରମୁଖ ଭୂମିକା ରଖୁଥିବା ବେଳେ ଏବେ ଏହି ଦୁଇ ନଦୀ ସମେତ ରାଜ୍ୟର ୭ ନଦୀ ଜଳଚୋରିର ସର୍ବାଧିକ ଶିକାର ହୋଇଛନ୍ତି । ଜଳବାୟୁ ପରିବର୍ତ୍ତନ ଓ ନିଅଣ୍ଟିଆ ବର୍ଷା ଯୋଗୁଁ ଏହି ନଦୀଗୁଡ଼ିକରେ ଜଳ ପ୍ରବାହ କମୁଛି । ଏପରିସ୍ଥଳେ ବିନା 'ଫ୍ଲୋ ମିଟର୍'ର ବ୍ୟବହାରରେ ମାତ୍ରାଧିକ ଜଳ ଉତ୍ତୋଳନ ଆଗାମୀ ଦିନରେ ଜଳକଷ୍ଟ ସହ ପରିବେଶୀୟ ସଙ୍କଟ ଆଶଙ୍କାକୁ ଉଜ୍ଜିବୀତ କରିବା ସହ ପରିବେଶବିତ୍‌ମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

ମାତ୍ରାଧିକ ଜଳ ଉତ୍ତୋଳନ ଓ ଜଳଚୋରିକୁ ନେଇ ବିଭିନ୍ନ ମହଲରେ ଏକାଧିକବାର ଅଭିଯୋଗ, ଉଦବେଗ ପ୍ରକାଶ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଛି । ରାଜ୍ୟବ୍ୟାପୀ ଏହି ସାଂଘାତିକ ଜଳଚୋରି ସମ୍ପର୍କରେ ଅବଗତ ହେବା ପରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ୩୧ଟି ଜଳସମ୍ପଦ ଡିଭିଜନକୁ ଚିଠି ଲେଖିଛନ୍ତି । ଯେଉଁମାନେ ଏପରି ଜଳଚୋରି କାର୍ଯ୍ୟରେ ଲିପ୍ତ ଅଛନ୍ତି ଏବଂ ଚୁକ୍ତିନାମାର ଅନୁପାଳନ କରୁ ନାହାନ୍ତି ଅର୍ଥାତ୍ 'ଫ୍ଲୋ ମିଟର' ଲଗାଉନାହାନ୍ତି, ସେମାନଙ୍କଠାରୁ ୬ ଗୁଣ ଜରିମାନା ଆଦାୟ କରାଯିବ ବୋଲି ଚରମବାଣୀ ଶୁଣାଇଛନ୍ତି । ଗୋଟିଏ ପଟେ ବିଭିନ୍ନ ଶିଳ୍ପ ସଂସ୍ଥା ଉପରେ ରାଜ୍ୟ ସରକରଙ୍କର ପ୍ରାୟ ୫୮୯୦ କୋଟି ଟଙ୍କାର ଜଳକର ବକେୟା ରହିଛି । ଯାହାକୁ ସରକାର ଆଦାୟ କରିବାରେ ବିଫଳ ହୋଇଛନ୍ତି । ସମାନ ସମୟରେ ନଦୀ ଅବବାହିକା ଗୁଡ଼ିକରୁ ଏପରି ମନଇଚ୍ଛା ଜଳ ଉଠାଣ ଭବିଷ୍ୟତରେ ପରିବେଶ ଉପରେ ବିରାଟ କୁପ୍ରଭାବ ସୃଷ୍ଟି କରିବ ବୋଲି ପରିବେଶବିତ୍ ମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ଓଡ଼ିଶା ଜଳସେଚନ ଆଇନ ଏବଂ ନିୟମ, ୧୯୫୯ ଏବଂ ଓଡ଼ିଶା ଜଳସମ୍ପଦ ନିୟମ, ୧୯୬୧ ଅନୁଯାୟୀ ଶିଳ୍ପ ସଂସ୍ଥାମାନଙ୍କୁ ଚୁକ୍ତି (ଆବଣ୍ଟନ) ଅନୁଯାୟୀ ଜଳ ନେବାକୁ ଅନୁମତି ଦିଆଯାଏ । ଚୁକ୍ତି ଅନୁଯାୟୀ ଶିଳ୍ପ ସଂସ୍ଥାମାନେ ଜଳଉଠାଣ ପୂର୍ବରୁ ଉଠାଣ ସ୍ଥାନରେ 'ଫ୍ଲୋ ମିଟର' ଲଗାଇବାକୁ ବାଧ ଅଟନ୍ତି । ଏହି 'ଫ୍ଲୋ ମିଟର' ଲାଗିବା ଦ୍ୱାରା ଉକ୍ତ ସଂସ୍ଥା ଚୁକ୍ତି ମାତ୍ରା ଅନୁଯାୟୀ ଜଳ ଉଠାଉଛନ୍ତି କି ନାହିଁ, ତାହା ▶ପୃଷ୍ଠା-୭

### ଆର୍ଥିକ ସଙ୍କଟ, ବେକାରୀ ସହ ଯୁଝୁଛି ବାଂଲାଦେଶ

## ଜିଡିପି ଅଭିବୃଦ୍ଧି ୭ରୁ ୪%କୁ ହ୍ରାସ

■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି):ବାଂଲାଦେଶ ବର୍ତ୍ତମାନ ସବୁଠାରୁ କଷ୍ଟକର ଆର୍ଥିକ ସମୟ ଦେଇ ଗତି କରୁଛି । କିଛି ଦିନ ପୂର୍ବରୁ ଏସିଆର ଉଦୀୟମାନ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ ବିବେଚିତ ଏହି ଦେଶ ଏବେ ଗମ୍ଭୀର ଅନିଶ୍ଚିତତା ଏବଂ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛି । ରାଜନୈତିକ ଅସ୍ଥିରତା, ବର୍ଦ୍ଧିତ ବେକାରି ଏବଂ ଦୁର୍ବଳ ହେଉଥିବା ଅର୍ଥନୀତି ସେଠାରେ ସାଧାରଣ ଲୋକଙ୍କ ଜୀବନ କଷ୍ଟକର କରିଦେଇଛି । ରାଜନୈତିକ ପରିବର୍ତ୍ତନ ପରେ ଅନ୍ତରୀଣ ସରକାର ସ୍ଥିରତା ଏବଂ ସଂସ୍କାର ଆଣିବା ଆଶା କରାଯାଉଥିଲା । ହେଲେ ସେଠାର ବର୍ତ୍ତମାନ ପରିସ୍ଥିତି ଭିନ୍ନ । ନିରନ୍ତର ପ୍ରତିବାଦ, ହିଂସା ଏବଂ ଅନିଶ୍ଚିତ ନିଷ୍ପତ୍ତି ବାଂଲାଦେଶର ଅର୍ଥନୀତିକୁ ପଙ୍ଗୁ କରିଦେଇଛି । ନିବେଶକଙ୍କ ବିଶ୍ୱାସ ଦୁର୍ବଳ ହୋଇଛି ଏବଂ ଅନେକ କମ୍ପାନୀ ଦେଶ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି ।



### ଦେଶ ଛାଡିବେ ଅନେକ କମ୍ପାନୀ

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଅନୁଯାୟୀ, ବାଂଲାଦେଶର ଆର୍ଥିକ ଅଭିବୃଦ୍ଧି ହାର ଦ୍ରୁତ ହ୍ରାସ ପାଇଛି । ପୂର୍ବରୁ ୭ ପ୍ରତିଶତ ପାଖାପାଖି ରହୁଥିବା ଦେଶର ଜିଡିପି ଅଭିବୃଦ୍ଧି ଏବେ ୪ ପ୍ରତିଶତ ତଳକୁ ଖସିଆସିଛି । ଉତ୍ପାଦନରେ ବିଳମ୍ବ, କଠୋର ନୀତି ଏବଂ ରାଜନୈତିକ ଅନିଶ୍ଚିତତା ଏହାର ମୁଖ୍ୟ କାରଣ ବୋଲି ବିବେଚନା କରାଯାଉଛି । ଯଦିଓ ବର୍ତ୍ତମାନ ପୂର୍ବ ସମୟ ତୁଳନାରେ ମୁଦ୍ରାସ୍ଫୀତି କିଛି ମାତ୍ରାରେ ହ୍ରାସ ପାଇଛି, ତଥାପି ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ମହଙ୍ଗା ରହିଛି । ଏହା ସିଧାସଳଖ ସାଧାରଣ ପରିବାରଗୁଡିକର କ୍ରୟ ଶକ୍ତିକୁ ପ୍ରଭାବିତ କରୁଛି । ଯେତେବେଳେ ଖର୍ଚ୍ଚ ବୃଦ୍ଧି ପାଏ ଏବଂ ଆୟ ହ୍ରାସ ପାଏ, ଘରୋଇ ଚାହିଦା ଦୁର୍ବଳ ହେବା ନିଶ୍ଚିତ । ସରକାରୀ ତଥ୍ୟ ଅନୁଯାୟୀ, ଦେଶରେ ବେକାରି ହାର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି । ନିଯୁକ୍ତି ହ୍ରାସ ପାଉଛି, ଯାହା ବିଶେଷକରି ଯୁବପିଢ଼ି ଏବଂ ଶ୍ରମିକ ▶ପୃଷ୍ଠା-୭

## ହୋଟେଲ ରୁମ୍‌ରେ ଯୁବକଙ୍କୁ ହତ୍ୟା

### ୨ ଦିନ ପରେ ଶବ ଉଦ୍ଧାର

■ ବାଲେଶ୍ୱର, ୨୭ ।୧୨ (ସମିସ): ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ସୂରଜ ହୋଟେଲରୁ ଆଜି ଜଣେ ଯୁବକଙ୍କ ଗଳିତ ଶବ ଉଦ୍ଧାର ହୋଇଛି । ମୃତକ ହେଲେ, ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ଦାନ୍ତିଆମୁହାଁ ଫାଣ୍ଡି ଜାମବଣୀ ଅଞ୍ଚଳର ଆକାଶ ମହାନ୍ତ । ଦୁଇ ଦିନ ତଳୁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଆକାଶଙ୍କ ପତ୍ନୀଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ପୁଲିସ ଆକାଶଙ୍କ ସାଙ୍ଗ ରାମଚନ୍ଦ୍ର ସିଂଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ଅପରପେକ୍ଷ, ଏହି ହତ୍ୟାକାଣ୍ଡରେ ଜଣେ ରହସ୍ୟମୟୀ ମହିଳାଙ୍କ ଭୂମିକା ସାମ୍ନାକୁ ଆସିଛି । ସେ ଫେରାର୍ ଥିବାରୁ ତାଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ତନାଘନା ଚଳାଇଛି । ତେବେ କେଉଁ କାରଣରୁ ଆକାଶଙ୍କୁ ହତ୍ୟା କରାଯାଇଛି, ସେ ସଂପର୍କରେ ପୁଲିସ ଅଧିକ ତଦନ୍ତ ଚଳାଇଛି । ବ୍ୟବଚ୍ଛେଦ ରିପୋର୍ଟ ଏବଂ ରହସ୍ୟମୟୀ ମହିଳାଜଣଙ୍କ ଧରାପଡ଼ିବା ପରେ ସତ ପଦାକୁ ଆସିବ ବୋଲି ପୁଲିସ ଆଶାବାଦୀ ଅଛି ।

### ରହସ୍ୟମୟୀ ମହିଳାଙ୍କୁ ଖୋଜୁଛି ପୁଲିସ

### ହୋମଗାର୍ଡ ପରୀକ୍ଷା ଦେବାକୁ ସାଙ୍ଗ ସହ ଆସିଥିଲେ

ପୁଲିସ୍ ସୂଚନାନୁଯାୟୀ, ଆକାଶ ଓ ରାମଚନ୍ଦ୍ର ହୋମଗାର୍ଡ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ । ଆଡମିଟ୍ କାର୍ଡ ଆଣିବା ପାଇଁ ଗତ ୨୫ ତାରିଖରେ ରାମଚନ୍ଦ୍ର ନିଜ ବାଇକ୍‌ରେ ଆକାଶଙ୍କୁ ତାଙ୍କ ଘରୁ ନେଇ ବେତନଟୀ ଥାନାକୁ ଯାଇଥିଲେ । ସେଠାରେ ଆକାଶଙ୍କ ଆଡମିଟ୍ କାର୍ଡ ମିଳିଥିବା ବେଳେ କୌଣସି କାରଣରୁ ରାମଚନ୍ଦ୍ରଙ୍କୁ ମିଳିନଥିଲା । ଏ ସଂପର୍କରେ ପଚାରିବାକୁ ଦୁହେଁ ବାଲେଶ୍ୱର ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ଆସିଥିଲେ । ସେମାନେ ବେତନଟୀରୁ ବାଲେଶ୍ୱର ଆସୁଥିବା ବେଳେ ଦାନ୍ତିଆମୁହାଁ ଛକରୁ ଜଣେ ମହିଳାଙ୍କୁ ସାଙ୍ଗରେ ନେଇ ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ହୋଟେଲ ସୂରଜର ୫୦୨ ନମ୍ବର ରୁମରେ ରାତିରେ ▶ପୃଷ୍ଠା-୭

## ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବେ ନିତିନ ନବୀନ

■ ନୂଆଦିଲ୍ଲୀ, ୨୭ ।୧୨ (ଏଜେନ୍ସି): ବିଜେପିର କାର୍ଯ୍ୟକାରୀ ଅଧ୍ୟକ୍ଷ ନିତିନ ନବୀନ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ସମ୍ଭାବନା ରହିଛି । ମିଳିଥିବା ସୂଚନା ଅନୁଯାୟୀ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଜାନୁଆରୀ ୧୮ରୁ ଆରମ୍ଭ ହୋଇ ୨୦ ସୁଦ୍ଧା ସଂପନ୍ନ ହେବ । ନିର୍ବାଚନରେ ନବୀନ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବାର ସମ୍ଭାବନା ରହିଛି । ଏହାହେଲେ ନବୀନ ବିଜେପିର ସବୁଠାରୁ କନିଷ୍ଠ ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବେ ।୨୦୨୯ ପର୍ଯ୍ୟନ୍ତ ସେ ଏହି ଗୁରୁଦାୟିତ୍ୱ ବହନ କରିବେ ।୨୦୨୯ ରେ ଲୋକସଭା ନିର୍ବାଚନ ହେବା ପର୍ଯ୍ୟନ୍ତ ସେ ଅଧ୍ୟକ୍ଷ ପଦରେ ରହିବେ । ଜାନୁଆରୀ ୧୫ ପରେ ପାର୍ଟିର ସବୁ ରାଜ୍ୟ ସଭାପତିଙ୍କୁ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଡକାଇବ ।ଦେଶର ଅର୍ଦ୍ଧାଧିକ ରାଜ୍ୟରେ ରାଜ୍ୟ ସଭାପତିଙ୍କୁ ନିର୍ବାଚିତ କରାଯାଇଛି ।୩୭ଟି ରାଜ୍ୟ ୟୁନିଟରୁ ୨୯ଟିରେ ଅନ୍ତରୀଣ ନିର୍ବାଚନ ଶେଷ ହୋଇସାରିଛି । ନିତିନ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବେ । ଫଳରେ ବିଜେପିର ମୁଖ୍ୟ ନିର୍ବାଚନ ଅଧିକାରୀ କେ ଲକ୍ଷ୍ମଣ ଔପଚାରିକ ଭାବେ ନିତିନଙ୍କୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଘୋଷଣା କରିବେ ବୋଲି କୁହାଯାଉଛି । ସୂଚନାଯୋଗ୍ୟ ଯେ ନିତିନ ଡିସେମ୍ବର ୧୪ ।।ରେ ବିଜେପିର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ▶ପୃଷ୍ଠା-୭

### ୧୮ରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ, ୨୦ରେ ଘୋଷଣା

## କଂଗ୍ରେସର ଅଡୁଆ ବଢ଼ାଇଲେ ଦିଗ୍‌ବିଜୟ

■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ଆଜି ଏଠାରେ କଂଗ୍ରେସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ସିଡବ୍ଲ୍ୟୁସିର ବୈଠକ ଚାଲିଥିବା ବେଳେ ଦଳର ବରିଷ୍ଠ ନେତା ଦିଗବିଜୟ ସିଂହ ବିଜେପି ଏବଂ ଆରଏସଏସକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନାରନ୍ଦ୍ର ମୋଦୀଙ୍କ ଫଟୋ ପୋଷ୍ଟ କରିଛନ୍ତି । ଏହାକୁ ନେଇ କଂଗ୍ରେସ ଆଜି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଛି । କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ମଧ୍ୟ ଦିଗବିଜୟ ଆଜି ଏହି ପ୍ରସଙ୍ଗ ଉଠାଇବାକୁ ଉଦ୍ୟମ କରିଥିଲେ । କିନ୍ତୁ ଦଳୀୟ ସଭାପତି ଖଡ଼ଗେ ଏବଂ ଅନ୍ୟ ନେତାମାନେ ତାଙ୍କୁ ଅଟକାଇଥିଲେ । ପୂର୍ବରୁ ମୋଦୀଙ୍କୁ ପ୍ରଶଂସା କରି କଂଗ୍ରେସ ସାଂସଦ ଶଶୀ ଥରୁର ତାଙ୍କ ଦଳକୁ ଅଡୁଆରେ ପକାଇଥିବା ବେଳେ ସାମାଜିକ ଗଣମାଧ୍ୟମରେ ଦିଗବିଜୟଙ୍କ ଏଭଳି ପୋଷ୍ଟିଂ କଂଗ୍ରେସ ଭିତରେ ଚାଲିଥିବା ଆଭ୍ୟନ୍ତରୀଣ କନ୍ଦଳକୁ ପଦାରେ ପକାଇଦେଇଛି ।



### ବିଜେପି-ଆର୍‌ଏସ୍‌ଏସ୍‌କୁ ପ୍ରଶଂସା କରି ସିଡବ୍ଲ୍ୟୁସି ବୈଠକରେ ଅପଦସ୍ଥ

କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ଚାଲିଥିବା ବେଳେ ଦିଗବିଜୟ ସିଂହ ଆଜି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୋଦୀଙ୍କ ଏକ ଫଟୋ ପୋଷ୍ଟ କରିବା ସହିତ ବିଜେପି ଏବଂ ଆର୍‌ଏସ୍‌ଏସ୍‌ର ସାଂଗଠନିକ ଦକ୍ଷତାର ପ୍ରଶଂସା କରିଥିଲେ ।୧୯୯୬ରେ ନିଆଯାଇଥିବା ଏହି ଫଟୋରେ ବିଜେପି ନେତା ଆଡ଼ଭାନୀ ଚୌକିରେ ବସିଥିବା ବେଳେ ତାଙ୍କ ସାମନାରେ ତ।ଳେ ବସିଛନ୍ତି ମୋଦୀ । ଶଙ୍କର ସିଂହ ବାଘେଲା ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଉତ୍ସବର ଥିଲା ଏହି ଫେଟୋ । ଏହି ଫଟୋକୁ ଚମତ୍କାର ଦର୍ଶାଇ ଦିଗବିଜୟ ଲେଖିଛନ୍ତି ଯେ ବିଜେପି ଓ ସଂଘର ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଯିଏକି ଆଡ଼ଭାନୀଙ୍କ ପାଦ ପାଖରେ ବସିଥିଲେ, ଆଜି ସେ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି । ଏହା ହେଉଛି ସଂଗଠନର ଶକ୍ତି । ଏହାକୁ ପୋଷ୍ଟ କରିବା ସହିତ ଏଥିରେ କଂଗ୍ରେସ ସଭାପତି ଖଡ଼ଗେ, ସୋନିଆ ଏବଂ ରାହୁଲ ଗାନ୍ଧୀଙ୍କୁ ଟାଗ୍ କରିଛନ୍ତି ଦିଗବିଜୟ । ତାଙ୍କର ଏହି ପୋଷ୍ଟ କଂଗ୍ରେସ ରାଜନୀତିରେ କଂପନ ସୃଷ୍ଟି କରିଛି । ଏହାକୁ ନେଇ କଂଗ୍ରେସ ନେତାମାନେ ନିରବ ରହିଥିବା ବେଳେ ବିଜେପି କଂଗ୍ରେସ ନେତା ▶ପୃଷ୍ଠା-୭

## ଦୋକାନ ସହ ଦୋକାନୀଙ୍କୁ ଜାଳିଦେଲେ



■ କେନ୍ଦ୍ରାପଡ଼ା, ୨୭ ।୧୨ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ବାରେଣୀ ବଜାରରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଥିବା ଏକ ହୃଦୟବିଦାରକ ଘଟଣା ସାରା ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ଦୋକାନ ଭିତରେ ଶୋଇଥିବା ବେଳେ ନିଆଁରେ ପୋଡ଼ି ଜଣେ ପରିବା ବ୍ୟବସାୟୀଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ମୃତ ବ୍ୟବସାୟୀ ହେଉଛନ୍ତି, ଗରଦପୁର ବ୍ଲକ୍ କଳାବୁଦା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ସୁବାସ ମଳିକ (୪୬) । ବାରେଣୀ ବଜାରରେ ଥିବା ଏକ ଆଜବେଷ୍ଟସ ଘରେ ସେ ଭେରାଇଟି ଷ୍ଟୋରରେ ସମସ୍ତ ପ୍ରକାରର ଡ୍ରେସ, ପରିବା ଓ ତେଜରାତି ବ୍ୟବସାୟ କରୁଥିଲେ । ଶୁକ୍ରବାର ରାତିରେ ସୁବାସ କଳାବୁଦା ନିକଟ ଏକ ମଣ୍ଡପରେ ଭୋଜି ଖାଇ ପ୍ରାୟ ସାଢ଼େ ୧୧ଟାରେ ଘରକୁ ଫେରିଥିଲେ । ଘରେ କିଛି ଖାଦ୍ୟ ଦେବା ପରେ ▶ପୃଷ୍ଠା-୭

### ବାରେଣୀ ବଜାରରେ ଉତ୍ତେଜନା

## ସଶକ୍ତ ସଂଗଠନ ପାଇଁ ନବୀନ ଆଙ୍କିଲେ ରୋଡ୍‌ମ୍ୟାପ୍

### ପ୍ରଥମ ପର୍ଯ୍ୟାୟରେ ବିଜେଡିର ୧୧ ଜିଲ୍ଲା କମିଟି ପୁନର୍ଗଠିତ

■ ଭୁବନେଶ୍ୱର, ୨୭।୧୨ (ସମିସ): ଦଳର ପ୍ରତିଷ୍ଠା ଦିବସ ଉଦ୍‌ବୋଧନରେ ସଂଗଠନକୁ ନେଇ ବଡ଼ ସଙ୍କେତ ଦେଇଥିଲେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଆଜି କିମ୍ବା କାଲି ନୁହେଁ; ଆସନ୍ତା ୧୦୦ ବର୍ଷ ଯାଏଁ ବିଜେଡିର ପ୍ରତିଟି କାର୍ଯ୍ୟକର୍ତ୍ତା ଓଡ଼ିଶାବାସୀଙ୍କ ସ୍ୱର ହୋଇ ରାଜ୍ୟର ସ୍ୱାର୍ଥ ପାଇଁ କାମ କରିବେ ବୋଲି ନବୀନ ଦମ୍ଭୋକ୍ତି ପ୍ରକାଶ କରିଥିଲେ । ନବୀନଙ୍କ ଗତକାଲିର ଭାଷଣରୁ ଦଳର ସାଂଗଠନିକ ବିନ୍ୟାସ ତଥା ସଂସ୍କାରକୁ ନେଇ ସ୍ପଷ୍ଟ ସୂଚନା ମିଳିଥିବା ବେଳେ ମାତ୍ର ଗୋଟିଏ ଦିନ ମଧ୍ୟରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି । ତୃଣମୂଳ ସ୍ତରରେ ସଂଗଠନକୁ ମଜଭୂତ କରି ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଦଳକୁ ପୁଣିଥରେ ଏକ ନମ୍ବର କରିବା ପାଇଁ ନବୀନ ନିଜେ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି ।

ଶନିବାର ନବୀନ ପ୍ରାଥମିକ ପର୍ଯ୍ୟାୟରେ ୧୧ଟି ଜିଲ୍ଲାରେ ନୂଆ ଜିଲ୍ଲା କମିଟି ଗଠନ କରିଛନ୍ତି । ଦଳର କାର୍ଯ୍ୟକ୍ରମ, ସରକାରଙ୍କ ବିଫଳତାକୁ ତୃଣମୂଳ ସ୍ତରରେ ପ୍ରତିଟି ଲୋକଙ୍କ ପାଖରେ ଏହି ନୂଆ କମିଟିର ସଦସ୍ୟମାନେ ପହଞ୍ଚାଇବେ ବୋଲି ଦଳ ପକ୍ଷରୁ କୁହାଯାଇଛି । ତୃଣମୂଳସ୍ତରରେ ସାଂଗଠନିକ ପୁନର୍ବିନ୍ୟାସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ପଞ୍ଚାୟତରୁ ଶଙ୍ଖ ଭବନ ଯାଏଁ ଏକାଧିକ ନୂଆ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଦଳର ବରିଷ୍ଠ ନେତାଙ୍କ ପକ୍ଷରୁ ସୂଚନା ମିଳିଛି ।

### ଆଗକୁ ବ୍ଲକ ଓ ପଞ୍ଚାୟତ ସଂଗଠନର ପାଳି

### ନଜରରେ ରହିବ ପୌର ଓ ପଞ୍ଚାୟତ ନିର୍ବାଚନ

ଶନିବାର ଯେଉଁ ୧୧ଟି ଜିଲ୍ଲାରେ ଜିଲ୍ଲା କମିଟିଗୁଡ଼ିକର ପୁନର୍ଗଠନ କରାଯାଇଛି, ସେଗୁଡ଼ିକ ମଧ୍ୟରେ ବୌଦ୍ଧ, କନ୍ଧମାଳ, ଦେବଗଡ, ଗଜପତି, କେନ୍ଦୁଝର, ଅନୁଗୋଳ, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି ଓ ସୋନପୁର ଅନ୍ୟତମ । ଏହି ଜିଲ୍ଲା କମିଟିଗୁଡ଼ିକରେ ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ନବୀନ ନୂଆକରି ନିଯୁକ୍ତି ପ୍ରଦାନ କରିଛନ୍ତି । ଖୁବ୍‌ଶୀଘ୍ର ଅବଶିଷ୍ଟ ଜିଲ୍ଲାରେ କମିଟିର ପୁନର୍ଗଠନ କରାଯିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।



ପ୍ରତିଷ୍ଠା ଦିବସ ଅଭିଭାଷଣରେ ନବୀନ ମୁଖ୍ୟତଃ ୩ଟି ଦିଗକୁ ଇଙ୍ଗିତ କରିଥିଲେ । ଦୃଢ଼ ସଂଗଠନ ମାଧ୍ୟମରେ ବିରୋଧୀଙ୍କ ପ୍ରତିଟି 'ନେରେଟିଭ୍'ର ଉପଯୁକ୍ତ ମୁକାବିଲା ଏବଂ ରାଜ୍ୟ ସରାକାରଙ୍କ ବିଫଳତାକୁ ▶ପୃଷ୍ଠା-୭




ସକାଳ
THE SAKALA
www.sakalaepaper.com

## ଟ୍ରମ୍ପ- ଜେଲେନ୍‌ସ୍କି ବୈଠକ ପୂର୍ବରୁ କିଭ୍‌ରେ ରୁଷିଆର ଆକ୍ରମଣ

କିଭ୍, ୨୭ ।୧୨(ଏଜେନ୍ସି): ରୁଷିଆ- ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ୪ ବର୍ଷ ପୂରଣ କରିଥିଲେ ମଧ୍ୟ ବନ୍ଦ ହେବାର ନାମ ନେଉନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କିଙ୍କ ବୈଠକର ଠିକ୍ ପୂର୍ବରୁ ହିଁ ରୁଷିଆ ରାଜଧାନୀ କିଭ୍ ଉପରେ ଆକ୍ରମଣ କରିଛି । ରବିବାର ଫ୍ଲୋରିଡାରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଏହି ବୈଠକରେ ପୁଟିନ ଛୋଟ ପଡୋଶୀ ଦେଶ ଉପରେ ଆକ୍ରମଣ କରିବା, ଆରମ୍ଭ ହୋଇଥିବା ଯୁଦ୍ଧ ବନ୍ଦ କରିବା ଓ ଉଭୟ ପକ୍ଷ ନିୟନ୍ତ୍ରଣ ବଜାୟ ରଖିବା ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ଯୁଦ୍ଧ ସବୁଠାରୁ ଘାତକ ସାବ୍ୟସ୍ତ ହୋଇଛି । ରୁଷିଆ ଶନିବାର ସକାଳେ ୫୦୦ ଡ୍ରୋନ୍ ଓ ୪୦ ବାଲାଷ୍ଟିକ ମିସାଇଲ ସହ ଆକ୍ରମଣ କରିବା ସହ ଶକ୍ତି ଓ ନାଗରିକ ଭିତ୍ତିଭୂମିକୁ ଟାର୍ଗେଟ କରିଛି ବୋଲି ଜେଲେନ୍‌ସ୍କି କହିଛନ୍ତି । ଯଦି ରୁଷିଆ ଖ୍ରୀଷ୍ଟମାସ୍ ଓ ନୂଆବର୍ଷର ସମୟରେ ଆକ୍ରମଣ କରି ଘର ଓ ଆପାର୍ଟମେଣ୍ଟଗୁଡିକୁ ଧ୍ୱଂସ କରେ ତେବେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ସେ କହିଛନ୍ତି । ରୁଷିଆର ଏହି ଆକ୍ରମଣରେ ୮ ଜଣ ଲୋକ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଜଣେ ୧୬ ବର୍ଷର ପିଲା ରହିଛି । କେତେଘଣ୍ଟା ଧରି କିଭ୍‌ରେ ହୋଇଥିବା ଏହି ଆକ୍ରମଣରେ କେହି ମୃତାହତ ହୋଇ ନଥିଲେ ମଧ୍ୟ ଭିତ୍ତିଭୂମିଗୁଡିକ କ୍ଷତିଗ୍ରସ୍ତ ହୋଇଛି । ଏକ ୧୮ ମହଲା କୋଠାରେ ନିଆଁ ଲାଗିଯାଇଥିଲା ।

## ବ୍ରିଟେନ ଡେପୁଟି ହାଇକମିସନରଙ୍କୁ ପାକିସ୍ତାନର ସମନ

ଇସଲାମାବାଦ୍, ୨୭ ।୧୨(ଏଜେନ୍ସି): ପାକିସ୍ତାନ ଇସଲାମାବାଦସ୍ଥିତ ବ୍ରିଟେନ ଡେପୁଟି ହାଇକମିଶନର ମ୍ୟାନ କାନେଲଙ୍କୁ ସମନ କରିଛି । ବ୍ରିଟେନରେ ଆୟୋଜିତ ଏକ ରାଲିରେ ଜଣେ ମହିଳା ପାକିସ୍ତାନ ସେନାଧ୍ୟକ୍ଷ ତଥା ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଅସିମ ମୁନୀରଙ୍କ ଉପରେ ସମ୍ଭାବ୍ୟ ଆକ୍ରମଣ ହେବା ନେଇ କହୁଥିବା ଭିଡିଓ ଇଣ୍ଟରନେଟ୍‌ରେ ଭାଇରାଲ ହେବା ପରେ ପାକିସ୍ତାନ ଏହି ସମନ ଜାରି କରିଛି । ଉତ୍ତର ଇଂଲଣ୍ଡର ବ୍ରାଡଫର୍ଡରେ ଏକ ରାଲିରେ ଭାଷଣ ଦେଉଥିବା ଅବସରରେ ମହିଳା ଜଣକ ଏକ କାର୍ ବୋମା ବିସ୍ଫୋରଣରେ ମୁନୀରଙ୍କ ମୃତ୍ୟୁ ହେବାର ସମ୍ଭାବନା ନେଇ ଉଲ୍ଲେଖ କରିବା ପରେ ପାକ୍ ବିଦେଶ ମନ୍ତ୍ରଣାଳୟ କାନେଲଙ୍କୁ ଆନୁଷ୍ଠାନିକ ଭାବେ ପ୍ରତିବାଦ ଜଣାଇବା ସହ ତଦନ୍ତ ଦାବି କରିଛି । ଜେଲ୍‌ରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ସମର୍ଥନରେ ଏହି ରାଲିର ଆୟୋଜନ କରାଯାଇଥିଲା । ଏହି ରାଲିରେ ବ୍ରିଟେନରେ ରହୁଥିବା ଇମ୍ରାନଙ୍କ ସମର୍ଥକ ଯୋଗ ଦେଇଥିଲେ । ୨୦୨୨ ଏପ୍ରିଲରେ ଇମ୍ରାନଙ୍କୁ ଅନାସ୍ଥା ପ୍ରସ୍ତାବ ଦ୍ୱାରା ହଟାଯାଇ ଜେଲ ରଖାଯାଇଥିଲା ଓ ସେ ଗତ ଦୁଇବର୍ଷ ହେବ ଜେଲରେ ରହୁଛନ୍ତି । ପାକିସ୍ତାନର ପ୍ରମୁଖ ଗୁଇନ୍ଦା ସଂସ୍ଥା ଫେଡେରାଲ ଇନଭେଷ୍ଟିଗେସ ଏଜେନ୍ସି ଇମ୍ରାନ ଓ ତାଙ୍କ ପତ୍ନୀଙ୍କୁ ତୋଶାଖାନ ଦୁର୍ନୀତି- ମାମଲାରେ ୧୭ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ପରେ ଏହି ରାଲି ଆୟୋଜିତ ହୋଇଥିଲା । ମହିଳାଙ୍କ ଏହି ମନ୍ତବ୍ୟ ସୀମା ପାର କରିଛି ବୋଲି ପାକିସ୍ତାନର ମନ୍ତ୍ରୀ ତଲାଲ ଚୌଧୁରୀ କହିଛନ୍ତି । ଏହାର ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ବ୍ରିଟେନ ସରକାରଙ୍କୁ କହିଛନ୍ତି ।

## ଜାନୁଆରୀ ୧ ନୂଆ ବର୍ଷକୁ ଛୁଟି ଘୋଷଣା କଲା ବାହାରିନ୍

ମାନାମା, ୨୭ ।୧୨(ଏଜେନ୍ସି): ପଶ୍ଚିମ ଏସିଆର ଦୀପ ଦେଶ ବାହାରିନ୍ ନୂଆ ବର୍ଷ ୨୦୨୬ ଜାନୁଆରୀ ପହିଲାକୁ ଛୁଟି ଘୋଷଣା କରିଛି । ଫଳରେ ଦେଶରେ ସବୁ ସରକାରୀ ବିଭାଗର କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ସେଦିନ ବନ୍ଦ ରହିବା ସ୍ପଷ୍ଟ ହୋଇଛି । ରାଜକୁମାର ସଲମାନ ବିନ୍ ହମାଦ ଅଲ ଖଲିଫା ଓ ପ୍ରଧାନମନ୍ତ୍ରୀ ଏ ନେଇ ଆନୁଷ୍ଠାନିକ ଭାବେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ନିର୍ଦ୍ଦେଶନାମା ଅନୁଯାୟୀ ଦେଶର ସବୁ ମନ୍ତ୍ରଣାଳୟ, ରାଜ୍ୟ ବିଭାଗ ଏବଂ ସାର୍ବଜନୀନ ପ୍ରତିଷ୍ଠାନଗୁଡିକ ଜାନୁଆରୀ ପହିଲାରେ ବନ୍ଦ ରହିବ ବୋଲି କୁହାଯାଇଛି । ଫଳରେ ସରକାରୀ କର୍ମଚାରୀ ଓ ନାଗରିକମାନେ ନୂଆବର୍ଷରେ ନିଜର ଯୋଜନା ଅନୁଯାୟୀ ଉତ୍ସବ ପାଳନ କରିପାରିବେ ବୋଲି କୁହାଯାଇଛି । ବାହରିନର ପରମ୍ପରା ସହିତ ଏହି ଛୁଟି ଘୋଷଣା ମେଳ ଖାଉଛି । ଫଳରେ ଏକ ଛୁଟିଦିନ ସହ ନୂଆବର୍ଷ ଆରମ୍ଭ ହେବ ଓ ସମସ୍ତେ ନୂଆବର୍ଷକୁ ନୂତନ ଉଲ୍ଲାସ ଓ ଉତ୍ସାହର ସହ ଆରମ୍ଭ କରିବେ ।

## ଅସ୍ତ୍ରବିରତି ପାଇଁ ରାଜିହେଲେ ଥାଇଲାଣ୍ଡ- କାମ୍ବୋଡିଆ

ବ୍ୟାଙ୍କକ୍, ୨୭ ।୧୨(ଏଜେନ୍ସି): ଗତ କେତେ ସପ୍ତାହ ଧରି ସଂଘର୍ଷରେ ଲିପ୍ତ ଥିବା ଦୁଇ ଦକ୍ଷିଣପୂର୍ବ ଏସୀୟ ଦେଶ ଥାଇଲାଣ୍ଡ ଓ କାମ୍ବୋଡିଆ ଶେଷରେ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି । ଅବଶ୍ୟ ଦୁଇଦେଶ ମଧ୍ୟରେ ବର୍ଷ ବର୍ଷ ଧରି ଚାଲି ଆସୁଥିବା ଏହି ଯୁଦ୍ଧରେ ଲଢୁଆ ଜେଟ୍, ରକେଟ, ଗୁଳି ବିନିମୟ ଓ ତୋପ ମାଡ ଦେଖିବାକୁ ମିଳିଥିଲା । ଦୁଇ ଦେଶ ବର୍ତ୍ତମାନର ସୈନ୍ୟ ମୁତୟନକୁ ବଜାୟ ରଖିବାକୁ ଓ ଆଉ ଅଧିକ ଗତିବିଧି ନ କରିବାକୁ ରାଜି ହୋଇଛନ୍ତି । ଏ ନେଇ ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରୀମାନେ ଯୁଦ୍ଧବିରତି ଉପରେ ଏକ ମିଳିତ ବିବୃତ୍ତି ଦେଇଛନ୍ତି । ଉଲ୍ଲେଖଥାଉ କି, ଚଳିତ ଡିସେମ୍ବର ଆରମ୍ଭରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ପୂର୍ବରୁ ହୋଇଥିବା ଯୁଦ୍ଧକୁ ବନ୍ଦ କରିବାକୁ ମଧ୍ୟସ୍ଥତା କରିଥିଲେ ଓ ଅସ୍ତ୍ରବିରତି ହୋଇଥିଲା । କିନ୍ତୁ ଏହାପରେ ପୁଣି ଯୁଦ୍ଧ ଆରମ୍ଭ ହୋଇଥିଲା । ପ୍ରାୟ ଏକ ଶତାବ୍ଦୀରୁ ଅଧିକ ସମୟ ହେବ ଏହି ଦୁଇ ଦେଶ ମଧ୍ୟରେ ୮୧୭ କିମି ବିଶିଷ୍ଟ ସ୍ଥଳ ସୀମା ନେଇ ଦୁଇ ଦେଶ ମଧ୍ୟରେ ଏକାଧିକ ସଂଘର୍ଷର ସୂତ୍ରପାତ ହୋଇଛି ।

## ମସଜିଦ୍‌ରେ ବିସ୍ଫୋରଣ; ୮ ମୃତ

ଦାମାସକସ୍, ୨୭ ।୧୨(ଏଜେନ୍ସି): ସିରିଆର ହୋମ୍ସ ସହରର ଏକ ମସଜିଦ୍‌ରେ ଏକ ବଡ଼ ଧରଣର ବୋମା ବିସ୍ଫୋରଣ ହୋଇଛି । ଅଳ୍ପ ସଂଖ୍ୟକ ଆଲାୱିଟ୍ ସମ୍ପ୍ରଦାୟର ମସଜିଦ୍‌ରେ ହୋଇଥିବା ଏହି ବିସ୍ଫୋରଣରେ ୮ ଜଣ ମୃତ୍ୟୁ ବରଣ କରିଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି । ଶୁକ୍ରବାର ନମାଜ ବେଳେ ହିଁ ଏହି ବିସ୍ଫୋରଣ ହୋଇଥିଲା । ଏହି ସମୟରେ ଭିଡ଼ ପରିଲକ୍ଷିତ ହୋଇଥାଏ । ମସ୍‌ଜିଦ୍‌ର ଭିତରେ ପଡ଼ିଥିବା କାର୍ପେଟ୍ ରକ୍ତ ଜୁଡୁବୁଡୁ ହୋଇଛି । ମସ୍‌ଜିଦ ଭିତରକୁ ବିସ୍ଫୋରକ ଅଣାଯାଇଥିଲା ବୋଲି ପ୍ରାରମ୍ଭିକ ଯାଞ୍ଚରୁ ଜଣା ପଡ଼ିଛି । ମୃତକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ମସଜିଦ୍‌ର ସ୍ଥାନେ ସ୍ଥାନେ ଧ୍ୱଂସାବଶେଷ ପଡ଼ିରହିଛି । ଏପର୍ଯ୍ୟନ୍ତ କୌଣସି ସଂଗଠନ ଏହି ଘଟଣା ପାଇଁ ନିଜକୁ ଦାୟୀ କରିନାହାନ୍ତି । ଘଟଣାକୁ ସିରିଆ ବିଦେଶ ମନ୍ତ୍ରଣାଳୟ ତରଫରୁ ନିନ୍ଦା କରାଯାଇଛି ।

## ଆମେରିକାରେ ତୁଷାରଝଡ଼

# ଡେଭିଲ ସାଜିଲା 'ଡେଭିନ୍'





- ୧୮୦୨ ବିମାନ ବାତିଲ
- ୨୨ ହଜାର ବିଳମ୍ବିତ
- ବହୁ ଏୟାରଲାଇନ୍ସ ଠପ୍

ନ୍ୟୁୟର୍କ, ୨୭ ।୧୨(ଏଜେନ୍ସି): ଆମେରିକାରେ ଶୀତକାଳୀନ ତୁଷାର ଝଡ଼ ଡେଭିନ ନାହିଁ ନଥିବା ସ୍ଥିତି ସୃଷ୍ଟିକରିଛି । ଫଳରେ ଖ୍ରୀଷ୍ଟମାସ ଓ ନୂଆବର୍ଷର ଛୁଟିଦିନର ଯାତ୍ରାକୁ ଏହି ଝଡ଼ ସାଂଘାତିକ ଭାବେ ବାଧାପ୍ରାପ୍ତ କରିଛି । ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟ୍ ଆୱେର ଅନୁସାରେ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ୧, ୮୦୨ ବିମାନ ବାତିଲ କରାଯାଇଥିଲା ଓ ୨୨, ୩୪୯ଟି ବିମାନ ବିଳମ୍ବିତ ହୋଇଥିଲା । କେବଳ ନ୍ୟୁୟର୍କ ବିମାନ ବନ୍ଦରରେ ୭୮୫ ବିମାନ ବାତିଲ ହୋଇଛି । ଏହି ସମୟ ହେଉଛି ଛୁଟିଦିନର ସବୁଠାରୁ ବଡ଼ ଋତୁ । ପାର୍ବଣର ଏହି ଋତୁରେ ରେକର୍ଡ ସଂଖ୍ୟକ ଆମେରିକୀୟ ଘରକୁ ଓ ବିଦେଶ ମଧ୍ୟ ଯାତ୍ରା କରିଥାନ୍ତି । ଏଥିପାଇଁ ଏକାଧିକ ଏୟାର ଲାଇନ୍ସ ପ୍ରଭାବିତ ଯାତ୍ରୀଙ୍କ ପାଇଁ ପରିବର୍ତ୍ତନ ଶୁଳ୍କ ଛାଡ଼ କରିଛନ୍ତି ଓ ପୁନଃ ବୁକିଂ ସହାୟତା ପ୍ରଦାନ କରୁଛନ୍ତି । ଯାତ୍ରୀମାନଙ୍କୁ ବିମାନ ସ୍ଥିତି ଯାଞ୍ଚ୍ କରିବାକୁ ଓ ଅତିରିକ୍ତ ସମୟ ଦେବାକୁ କୁହାଯାଇଛି । ଏହି ଝଡ଼ ଡେଭିନ ଯୋଗୁଁ ରାସ୍ତା ଓ ସଡ଼କ ଯାତ୍ରା ବିପଦପୂର୍ଣ୍ଣ ହୋଇଛି । ଅନେକ ଅଞ୍ଚଳରେ ବାଣିଜ୍ୟିକ ଓ ଯାନବାହାନ ଉପରେ କଟକଣା ଲାଗୁ କରାଯାଇଛି । ଝଡ଼ ଆହୁରି ତୀବ୍ର ହେବା ଆଶାଙ୍କା କରାଯାଉଛି । ଜାତୀୟ ପାଣିପାଗ ସେବା ଶୀତକାଳୀନ ଝଡ଼ ଡେଭିନ ନେଇ ଚେତାବନୀ ଜାରି କରି କହିଛି । ଆଗକୁ ଗ୍ରେଟ ହ୍ରଦ, ଉତ୍ତର- ମଧ୍ୟ ଆଟଲାଣ୍ଟିକ ଓ ଦକ୍ଷିଣ ନ୍ୟୁ ଇଂଲଣ୍ଡରେ ଯାତ୍ରା ବିପଦପୂର୍ଣ୍ଣ ହେବ ବୋଲି କୁହାଯାଇଛି ।

**କୁହୁଡି ଯୋଗୁଁ ଜାପାନରେ ସିରିଜ୍ ଦୁର୍ଘଟଣା**

ଟୋକିଓ: ଜାପାନର ଗୁମ୍ମା ରାଜ୍ୟର ମିନାକାମୀ ସହରରେ କାନ୍-ଏତସୁ ଏକ୍ସପ୍ରେସ ୱେରେ ଶୁକ୍ରବାର ବିଳମ୍ବିତ ରାତିରେ ତୁଷାରପାତ ଓ ଘନ କୁହୁଡି ଯୋଗୁଁ ବଡ଼ ସଡ଼କ ଦୁର୍ଘଟଣା ଘଟିଛି । ଦୃଶ୍ୟମାନ କମ୍ ହେବା କାରଣରୁ ଦୁଇଟି ଟ୍ରକ୍ ପରସ୍ପରକୁ ଧକ୍କା ଦେଇଥିଲେ । ଫଳରେ ଏକ୍ସପ୍ରେସ ୱେର ଏକ ଅଂଶକୁ ଏହି ଦୁର୍ଘଟଣା ଅବରୋଧ କରିଥିଲା । କିନ୍ତୁ ସଡ଼କରେ ବରଫ ପଡ଼ିଥିବା କାରଣରୁ ପଛରୁ ଆସୁଥିବା ଗାଡିଗୁଡିକ ଠିକ୍ ସମୟରେ ବ୍ରେକ୍ ଲଗାଇପାରି ନଥିଲେ । ଫଳରେ ୫୦ରୁ ଅଧିକ ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ ଓ ଏହି ସିରିଜ ଦୁର୍ଘଟଣା ହୋଇଥିଲା । ଏହି କାରଣରୁ କେତୋଟି ଗାଡ଼ିରେ ନିଆଁ ଲାଗିଯାଇଥିଲା । ଏଥିରେ ଜଣେ ୭୭ ବର୍ଷୀୟା ମହିଳା ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୨୬ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ସମୟରେ ବର୍ଷ ଶେଷ ଓ ନୂଆବର୍ଷ ଛୁଟି କାରଣରୁ ପ୍ରବଳ ଟ୍ରାଫିକ ଜାମ୍ ଦେଖିବାକୁ ମିଳିଥିଲା । ଏଥିରେ ଡଜନେରୁ ଅଧିକ ସଂଖ୍ୟକ ଗାଡ଼ି ଜଳି ପାଉଁଶ ହୋଇଯାଇଛି ।

# ନୂଆବର୍ଷ ପୂର୍ବରୁ ଦିଲ୍ଲୀରେ ଚଢ଼ଉ

## ଅସ୍ତ୍ରଶସ୍ତ୍ର, ଡ୍ରଗ୍ସ, ମଦ ଜବତ; ୬୦୦ ଗିରଫ



ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଦିଲ୍ଲୀ ପୁଲିସର ଦକ୍ଷିଣପୂର୍ବ ଜିଲ୍ଲା ଟିମ୍ 'ଅପରେସନ ଆଘାତ ୩.୦' ଆରମ୍ଭ କରି ଶୁକ୍ରବାର ବିଳମ୍ବିତ ରାତିରେ ୬୦୦ ଜଣ ଅପରାଧୀଙ୍କୁ ଗିରଫ କରିଛି । ଏକ୍ସାଇଜ୍ ଆଇନ୍, ଏନ୍‌ପିଏସ୍ ଆଇନ୍ ଓ ଜୁଆ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଡେପୁଟି କମିଶନର ଅଫ ପୁଲିସ (ଡିସିପି) ହେମନ୍ତ ତିୱାରୀ କହିଛନ୍ତି । ଏହି ଗିରଫଦାରୀ ବ୍ୟତୀତ ୫୦୪ ଜଣଙ୍କ ବିରୋଧରେ ପ୍ରତିରୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଆଉ ୧୧୬ ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି । ଏହି କାର୍ଯ୍ୟାନୁଷ୍ଠାନରେ ୧୦ ଜଣ ପ୍ରପର୍ଟି ଅଫେଣ୍ଡର ଓ ୫ ଜଣ ଅଟୋ ଲିଫ୍ଟରଙ୍କୁ ମଧ୍ୟ ଗିରଫ କରାଯାଇଛି । ପୁଲିସ ଏହିକ୍ରମରେ ୨୧ଟି ଦେଶୀ ପିସ୍ତଲ, ୨୦ଟି ଜୀବନ୍ତ ଗୁଳି, ୨୭ଟି ଛୁରୀ ଜବତ କରିଛି । ସେହିପରି ୧୨,୨୮୫ ଲିଟର ବେଆଇନ୍ ମଦ, ୬.୦୧ ଗଞ୍ଜେଇ ଓ ୨,୩୦,୯୯୦ ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି । ଏଥିସହ ୩୧୦ ମୋବାଇଲ ଫୋନ, ୨୩୧ ଦୁଇଚକିଆ ଯାନ, ଗୋଟିଏ ୪ ଚକିଆ ଯାନ ମଧ୍ୟ ଅପରେସନରେ ଜବତ ହୋଇଛି । ୧,୩୦୬ ଜଣଙ୍କୁ ମଧ୍ୟ ପଚରାଉଚରା କରାଯାଇଛି । ଉଲ୍ଲେଖଥାଉ କି, ଅପରେସନ ଆଘାତ ହେଉଛି ଦିଲ୍ଲୀ ପୁଲିସ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ସ୍ୱତନ୍ତ୍ର ପ୍ରବର୍ତ୍ତନ ଅଭିଯାନ । ଏହାର ମୂଳ ଲକ୍ଷ୍ୟ ହେଉଛି, ଦକ୍ଷିଣପୂର୍ବ ଜିଲ୍ଲାରେ ସଂଗଠିତ ଅପରାଧ ଓ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା । ଏହି ଅଭିଯାନ ନିଶା କାରବାର, ବେଆଇନ ମଦ ବ୍ୟବସାୟ, ଜୁଆ ନେଟୱର୍କ, ଅସ୍ତ୍ରଶସ୍ତ୍ର ବହନ କରୁଥିବା ଅପରାଧୀଙ୍କୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି ।

## 'ମନରେଗା' ପାଇଁ ରାସ୍ତାକୁ ଓହ୍ଲାଇବ କଂଗ୍ରେସ



ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): କଂଗ୍ରେସର କାର୍ଯ୍ୟକାରୀ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଛି । କଂଗ୍ରେସ ବିରଷ୍ଠ ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିଜର କର୍ମୀମାନଙ୍କୁ ଏହି ବୈଠକରେ ଗୁରୁମନ୍ତ୍ର ଦେବାକୁ ପ୍ରୟାସ କରିଥିଲେ । ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ବୈଠକ ପରେ ଚିରାଚରିତ ଢଙ୍ଗରେ ସମାଲୋଚନା କରିଥିଲେ । ମୋଦୀ 'ୱାନ ମ୍ୟାନ ଶୋ' ଚଳାଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ସେ ଏକାକୀ ଦେଶ ଓ ଗରିବ ଲୋକଙ୍କ ଉପରେ 'ବିମୁଦ୍ରୀକରଣ' ଭଳି ବିନାଶକାରୀ ଆକ୍ରମଣ ଚଳାଇଛନ୍ତି । ପୁଣି ମନରେଗାର ନାମ ପରିବର୍ତ୍ତନ କରିବା ନେଇ ସରକାର କ୍ୟାବିନେଟ ଓ ରାଜ୍ୟ ସରକାରଙ୍କୁ ନ ପଚାରି ନିଷ୍ପତ୍ତି ନେଇଛନ୍ତି । ମୋଦୀ ଏକା ଯାହା ଚାହୁଁଛନ୍ତି ତାହା କରୁଛନ୍ତି । ତାଙ୍କ ନିଷ୍ପତ୍ତି କେବଳ ଦୁଇତିନ ଜଣ ଧନୀ ଶିଳ୍ପପତିଙ୍କୁ ଫାଇଦା ପହଞ୍ଚାଉଛି । ମନରେଗା କେବଳ ଏକ ଯୋଜନା ନୁହେଁ, ଏହା ଅଧିକାରର ଏକ ସିଦ୍ଧାନ୍ତ ଥିଲା । ମୋଦୀ ହିଁ କେବଳ ଏ ନେଇ ନଷ୍ପତ୍ତି ନେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । କଂଗ୍ରେସ ମନରେଗା ନାମ ପରିବର୍ତ୍ତନ ନେଇ ଦେଶବ୍ୟାପୀ ବିରୋଧ ପ୍ରଦର୍ଶନ କରିବ । ଜାନୁଆରୀ ୫ରୁ ଏହା ବିରୋଧରେ ଅଭିଯାନ ଆରମ୍ଭ ହେବ ବୋଲି ସିଡବ୍ଲ୍ୟୁସି ବୈଠକ ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି । ମୋଦୀଙ୍କୁ କେବଳ ଗାନ୍ଧୀ ସାଙ୍ଗିଆ ନେଇ ସମସ୍ୟା ରହିଛି । ଖାସ୍ ଏଥିପାଇଁ ସେ ମନରେଗାର ନାମ ପରିବର୍ତ୍ତନ କରିଛନ୍ତି । ଏହି ଆଇନ୍ ଗରିବଙ୍କ ଅଧିକାର ଦବାଇବକୁ ତିଆରି ହୋଇଛି । ଏଥିସହ ସେ ଏସ୍‌ଆଇଆର୍ ପ୍ରକ୍ରିୟାକୁ ମଧ୍ୟ ସମାଲୋଚନା କରିଛନ୍ତି । ଏହା ଦ୍ୱାରା ଲୋକଙ୍କ ଅଧିକାର କମ୍ ହେବ ବୋଲି ଖଡ୍‌ଗେ କହିଛନ୍ତି । ଏହି ବୈଠକରେ କଂଗ୍ରେସ ବିରଷ୍ଠ ସାଂସଦ ଶଶି ଥରୁର ଯୋଗ ଦେଇଥିଲେ । ଉଲ୍ଲେଖଥାଉ କି, ମନରେଗାର ନାମ ପରିବର୍ତ୍ତନ ହୋଇ ଏବେ ଭିବି- ଜି ରାମ ଜି ହୋଇଛି ଓ ଏହି ଯୋଜନା ପାଇଁ କେନ୍ଦ୍ର ସରକାର ୬୦ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥ ଦେବେ । ପୂର୍ବରୁ କେନ୍ଦ୍ର ସରକରା ୯୦ ଓ ରାଜ୍ୟ ସରକାର ୧୦ ପ୍ରତିଶତ ଅର୍ଥ ଦେଉଥିଲେ ବୋଲି ଖଡଗେ କହିଛନ୍ତି ।

## କ୍ରୁ ଅଭାବ ନୁହେଁ, ରୋଷ୍ଟର ସମସ୍ୟା ହିଁ ସଙ୍କଟର କାରଣ

**ଇଣ୍ଡିଗୋ ଯାଞ୍ଚ କମିଟି ରିପୋର୍ଟ**




ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): କିଛି ଦିନ ଇଣ୍ଡିଗୋ ଏୟାର ଲାଇନ୍ସର ବିମାନ ଉଡାଣ ବାତିଲ ଓ ବ୍ୟାପକ ସମସ୍ୟା ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲ । ଏଥିପାଇଁ ସରକାରଙ୍କ ସମେତ ଏୟାର ଲାଇନ୍ସ ବେଶ୍ ସମାଲୋଚିତ ହୋଇଥିଲା । ଏବେ ଏହି ଘଟଣାର ଯାଞ୍ଚ୍ କରୁଥିବା ପ୍ୟାନେଲ ତଥା କମିଟି ତା'ର ରିପୋର୍ଟ ବେସାମରିକ ବିମାନ ଚଳାଚଳ ନର୍ଦ୍ଦେଶାଳୟ (ଡିଜିସିଏ)କୁ ପ୍ରଦାନ କରିଛି । ଏହି ଯାଞ୍ଚ୍ କମିଟି ୨୨ ଦିନ ପୂର୍ବରୁ ଡିସେମ୍ବର ୫ରେ ଗଠନ କରାଯାଇଥିଲା । ଅବଶ୍ୟ ରିପୋର୍ଟରେ କ'ଣ ଉଲ୍ଲେଖ କରାଯାଇଛି ତାହା ସାର୍ବଜନୀନ ହୋଇନାହିଁ । ଏବେ ସରକାର ଇଣ୍ଡିଗୋ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଆଶା କରାଯାଉଛି । ଏକ ଇଂରାଜୀ ଖବରକାଗଜ ଦେଇଥିବା ରିପୋର୍ଟ ଅନୁସାରେ ଡିଜିସିଏର ଏକ ପୃଥକ ସମୀକ୍ଷାର କୁହାଯାଇଛି ଯେ, ନଭେମ୍ବର ମାସରେ ଇଣ୍ଡିଗୋ ଏହାର ୩୦୭ ବିମାନ ପରିଚାଳନା ପାଇଁ ୪, ୫୭୫ ପାଇଲଟ ନିଯୁକ୍ତି କରିଥିଲା । ଏହା ବିଶ୍ୱସ୍ତରୀୟ ସର୍ବୋତ୍ତମ ସେବା ପାଇଁ ଆବଶ୍ୟକୀୟ ୩, ୬୮୪ ପାଇଲଟଙ୍କ ଅପେକ୍ଷା ୮୯୧ ଅଧିକ ଥିଲା । ଫଳରେ କ୍ରୁ ମେମ୍ବରଙ୍କ ଆଭାବ ପାଇଁ ଏହି ସଙ୍କଟ ସୃଷ୍ଟି ହୋଇନାହିଁ ବୋଲି ସ୍ପଷ୍ଟ ହୋଇଛି । କିନ୍ତୁ ରୋଷ୍ଟର ତଥା ଶିଡ୍ୟୁଲିଂ ଅର୍ଥାତ ଏକ ସମୟରେ ନିର୍ଦ୍ଧାରିତ ଛୁଟି ପ୍ରଦାନ ଯୋଗୁଁ ଏହି ସଙ୍କଟ ସୃଷ୍ଟି ହୋଇଥିଲା ବୋଲି କୁହାଯାଇଛି । ସେପଟେ ଇଣ୍ଡିଗୋ ଉଡାଣ ବାତିଲ କାରଣରୁ ପ୍ରଭାବିତ ହୋଇଥିବା ଯାତ୍ରୀଙ୍କୁ ୧୦, ୦୦୦ ଟଙ୍କାର ଯାତ୍ରା ଭାଉଚର ପ୍ରଦାନ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଭାଉଚରଗୁଡିକ ୧୨ ମାସ ପାଇଁ ବୈଧ ରହିବ ଓ ଯେକୌଣସି ଇଣ୍ଡିଗୋ ବିମାନରେ ବ୍ୟବହାର କରାଯାଇପାରିବ ବୋଲି କୁହାଯାଇଛି । ଉଲ୍ଲେଖଥାଉ କି, ଡିସେମ୍ବର ଆରମ୍ଭରେ ୧୦ ଦିନ ମଧ୍ୟରେ ୫, ୦୦୦ରୁ ଅଧିକ ବିମାନ ଉଡାଣ ବାତିଲ ହୋଇଥିଲା । ଫଳରେ ସାରା ଦେଶର ବିଭିନ୍ନ ବିମାନ ବନ୍ଦରରେ ହଜାର ହଜାର ଯାତ୍ରୀ ଫସି ରହିଥିଲେ ଓ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଥିଲା ।

## ବାଂଲାଦେଶରେ ସ୍କୁଲ କନସର୍ଟରେ 'ଭିଡ଼' ଆକ୍ରମଣ

ଢାକା, ୨୭ ।୧୨(ଏଜେନ୍ସି): ବାଂଲାଦେଶର ଫରିଦପୁର ଜିଲ୍ଲାରେ ଶୁକ୍ରବାର ରାତିରେ ଜିଲ୍ଲା ସ୍କୁଲର ୧୮୫ତମ ବାର୍ଷିକ ଉତ୍ସବ ପାଳନ କରାଯାଉଥିବା ବେଳେ ହିଂସା କାଣ୍ଡ ଘଟିଥିଲା । ପ୍ରସିଦ୍ଧ ଗାୟକ ଜେମ୍ସ (ନାଗର ବାଉଲ)ଙ୍କ କନ୍ସର୍ଟ ତଥା ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ କେତେକ ଲୋକ ଏକାଠି ହୋଇ ଟେକାପଥର ମାଡ଼ ଆରମ୍ଭ କରିଦେଇଥିଲେ । ରାତି ପ୍ରାୟ ୯.୩୦ରେ ଜେମ୍ସ ମଞ୍ଚ ଉପରକୁ ଯାଉଥିବା ସମୟରେ ହିଁ ଏହି ଘଟଣା ଘଟିଥିଲା । ଆୟୋଜକଙ୍କ ଅନୁଯାୟୀ କିଛି ବାହାର ଲୋକ ଜୋରଜବରସ୍ତ ସଭା ସ୍ଥଳରେ ପଶିବାକୁ ଚେଷ୍ଟା କରିଥିଲେ । ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରାଯାଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ ଇଟା, ପଥର, ଚେୟାର ଫିଙ୍ଗିବା ସହ ମଞ୍ଚ ଆଡକୁ ମାଡିଯାଇଥିଲେ । ଏହାପରେ ପ୍ରଶାସନର ନିର୍ଦ୍ଦେଶକ୍ରମେ ଏହି ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା । ଏହି ଘଟଣାରେ ୨୦ଜଣ ଆହତ ହୋଇଥିଲେ ଓ ସେମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ର ଥିଲେ । ଘଟଣାସ୍ଥଳରେ ଉପସ୍ଥିତ ଛାତ୍ର ଓ ସ୍ୱେଚ୍ଛାସେବୀମାନେ ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଆକ୍ରମଣକାରୀମାନେ ପଛକୁ ହଟି ନଥିଲେ । ବ୍ରିଟିଶ ଶାସନ ବେଳେ ହିଁ ଏହି ସ୍କୁଲର ସ୍ଥାପନ ହୋଇଥିଲା ।

## ବ୍ରହ୍ମୋସର ନୂଆ ସଂସ୍କରଣ ବିକଶିତ କରୁଛି ଭାରତ

ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): ଅପରେସନ ସିନ୍ଦୂରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ଅନ୍ତର୍ଜାତୀୟସ୍ତରରେ ଦୃଷ୍ଟି ଆକର୍ଷଣ କରିଥିବା ଭାରତୀୟ କ୍ଷେପଣାସ୍ତ୍ର ବ୍ରହ୍ମୋସ ଆହୁରି ବିକଶିତ ହେବାକୁ ଯାଉଛି । ସେତେବେଳେ ଏହା ପାକିସ୍ତାନର ୬ଟି ବାୟୁସେନା ଆଡ୍ଡା ଓ ୯ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିଲା । ଏହି ସୁପରସୋନିକ କ୍ଷେପଣାସ୍ତ୍ର ଆହୁରି ଶକ୍ତିଶାଳୀ ହେବାକୁ ଯାଉଛି । ଭାରତ ପ୍ରତିରକ୍ଷା ବିଭାଗ ବ୍ରହ୍ମୋସର ରେଞ୍ଜ, ଗତି, ଧ୍ୱଂସକରୀ କ୍ଷମତାକୁ ବଢ଼ାଇବା ପାଇଁ ପ୍ରସ୍ତୁତି କରୁଛି । ଏବେ ଏହାର ରେଞ୍ଜ ୩୦୦କିମି ପର୍ଯ୍ୟନ୍ତ ରହିଛି । କିନ୍ତୁ ବିକଶିତ ସଂସ୍କରଣର ରେଞ୍ଜ ୪୫୦ରୁ ୮୦୦ କିମି କରିବାକୁ କାର୍ଯ୍ୟ କରାଯାଉଛି । ନୂଆ ବ୍ରହ୍ମୋସ ଆସିବା ପରେ ଦିଲ୍ଲୀରୁ ଇସଲାମାବାଦ୍‌କୁ ସିଧା ଟାର୍ଗେଟ କରିହେବ । ଦିଲ୍ଲୀ ଓ ଇସଲାମାବାଦ ମଧ୍ୟରେ ବାୟୁରେ ଦୂରତା ୭୦୦ କିମି । ସେହିପରି ବ୍ରହ୍ମୋସର ହାଲକା ସଂସ୍କରଣ ମଧ୍ୟ ପ୍ରସ୍ତୁତ କରାଯିବ । ଏହି ଅଢେଇ ଟନ୍ ଓଜନ ବିଶିଷ୍ଟ ସ୍ୱତନ୍ତ୍ର ସଂସ୍କରଣ ସୁଖୋଇ ଏମ୍‌କେଆଇ-୩୦ ଲଢୁଆ ବିମାନର ଅଣ୍ଡରବେଲି ଅର୍ଥାତ ନିମ୍ନଭାଗରେ ଲଗାଯିବା ପାଇଁ ପ୍ରସ୍ତୁତ କରାଯାଇଛି ।

## ଖାଇବର-ପଖତୁନଖ୍ୱା ମୁଖ୍ୟମନ୍ତ୍ରୀଙ୍କ ସହ ମାର୍‌ପିଟ୍

ଇସଲାମାବାଦ୍, ୨୭ ।୧୨(ଏଜେନ୍ସି): ପଡୋଶୀ ଦେଶ ପାକିସ୍ତାନର ଖାଇବର-ଫଖତୁନଖ୍ୱା (କେପି) ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ମାର୍‌ପିଟ୍ ହୋଇଥିବା ଘଟଣା ସାମ୍ନାକୁ ଆସିଛି । କେପିର ମୁଖ୍ୟମନ୍ତ୍ରୀ ସୋହେଲ ଆଫ୍ରିଦିଙ୍କ ସହ ଏହି ଘଟଣା ଘଟିଛି । ପାକିସ୍ତାନର ପଞ୍ଜାବ ରାଜ୍ୟର ବିଧାନସଭାରେ ଶୁକ୍ରବାର ସୋହେଲ ନିଜ ପ୍ରତିନିଧିଙ୍କ ସହ ପ୍ରବେଶ କରିବାକୁ ଯାଉଥିବା ବେଳେ ସୁରକ୍ଷାକର୍ମୀମାନେ ତାଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ । ଫଳରେ ଏହି ଅଭାବନୀୟ ଘଟଣା ଘଟିଥିଲା । ଏଥିରେ ସୋହେଲ ଅସନ୍ତୋଷ ଜାହିର କରି କହିଛନ୍ତି ଯେ, କୌଣସି ଗଣତାନ୍ତ୍ରିକ ସରକାର ଏପରି କାର୍ଯ୍ୟ କରେ ନାହିଁ । ଏହାକୁ ସେ ସମ୍ପୂର୍ଣ୍ଣ ଭାବେ ସାମରିକ କାର୍ଯ୍ୟାନୁଷ୍ଠାନ ସହ ତୁଳନା କରିଛନ୍ତି । ପାକିସ୍ତାନରେ ଗଣତନ୍ତ୍ର ବିପଦରେ ଅଛି ବୋଲି ସେ କହିଛନ୍ତି । ସୁରକ୍ଷାକର୍ମୀମାନେ ସୋହେଲଙ୍କ ପ୍ରତିନିଧିଙ୍କୁ ମାର୍‌ପିଟ୍ କରିବା ସହ ଧକ୍କା ଦେଇ ବାହାରକୁ ବାହାର କରିଦେଇଥିଲେ ।

ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ବୈଠକ

# ୩ଟି ପର୍ଯ୍ୟାୟରେ ହେବ ଗଣତିମଣତି

**ପୁରୀ, ୨୭।୧୨(ସମିସ):** ମହାପ୍ରଭୁଙ୍କ ରତ୍ନ ଅଳଙ୍କାରର ଗଣତିମଣତି ୩ଟି ପର୍ଯ୍ୟାୟରେ ହେବ। ପ୍ରଥମେ ଚଳନ୍ତି ରତ୍ନଭଣ୍ଡାର, ପରେ ବାହାର ଓ ଶେଷ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାର ଗଣତିମଣତି ହେବ। ଭିତର ରତ୍ନଭଣ୍ଡାର ଗଣତିମଣତି ସମୟରେ ପରିଚାଳନା କମିଟିର ସେବକ ପ୍ରତିନିଧି ରହିବେ। ଆର୍‌ବିଆଇର ଜଣେ ପ୍ରତିନିଧି, ଜଣେ ବଣିଆ ସେବକ ଓ ଏସ୍‌ବିଆଇ ଅଧିକୃତ ବଣିଆ ବା ସ୍ୱର୍ଣ୍ଣକାର ସାମିଲ ରହିବେ। ୧୯୭୮ ମସିହା ଗଣତିମଣତି ତାଲିକା ରିପୋର୍ଟ ସହ ମେଳକ କରାଯିବ। ଭିତର ରତ୍ନଭଣ୍ଡାରର ଗଣତିମଣତି ଶେଷ ପରେ ଚାବି ଜିଲ୍ଲା ଟ୍ରେଜେରୀରେ ରଖାଯିବ। ସମସ୍ତ ଗଣତିମଣତି ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ଏହି ସମୟରେ ଅଧିକୃତ ବ୍ୟକ୍ତିମାନଙ୍କୁ କଡ଼ାକଡ଼ି ଯାଞ୍ଚ କରାଯିବ। ଏହାସହ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସବୁର ଡିଜିଟାଇଜେସନ୍ କରାଯିବ। ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ପାଇଁ ଶନିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏପରି ନିଷ୍ପତ୍ତି ନିଆଯାଇଛି।



- ଚୂଡ଼ାନ୍ତ ହୋଇନାହିଁ ଗଣତିମଣତିର ମାର୍ଗଦର୍ଶିକା
- ଗଣତିମଣତି ଦିନ ବାହାର କାଠରୁ ଦର୍ଶନ କରିବେ ଭକ୍ତ
- ୧୯୭୮ ତାଲିକା ରିପୋର୍ଟ ସହ ମେଳ କରାଯିବ
- ଗଣତିମଣତି ପ୍ରକ୍ରିୟାର ହେବ ଭିଡିଓଗ୍ରାଫି

ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରତ୍ନଅଳଙ୍କାର ଗଣତିମଣତି ଲାଗି ୧୧ ପୃଷ୍ଠାର ମାର୍ଗଦର୍ଶିକା ବା ଏସ୍‌ଓପି ପ୍ରସ୍ତୁତ କରାଯାଇଛି। କିନ୍ତୁ ଏହା ଚୂଡ଼ାନ୍ତ ହୋଇନାହିଁ।

ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଗତ ଶୁକ୍ରବାର ବିଧି ସବ୍-କମିଟି ବୈଠକରେ ରତ୍ନ ଅଳଙ୍କାର ଗଣତି ମଣତି ଲାଗି ଚିଠା ପ୍ରସ୍ତାବ ପ୍ରସ୍ତୁତ ହୋଇଥିଲା। ଶନିବାର ଉଚ୍ଚସ୍ତରୀୟ କମିଟି ବୈଠକରେ ସେହି ଚିଠା ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟିରେ ଏହି ମାର୍ଗଦର୍ଶିକା ଉପରେ ଆଲୋଚନା ହୋଇ ସରକାରଙ୍କ ପାଖକୁ ପଠାଯିବ। ସରକାରଙ୍କ ଅନୁମତି ପାଇବା ପରେ ପ୍ରକ୍ରିୟା ଆରମ୍ଭ କରାଯିବ। ଗଣତିମଣତି ଦିନ ମହାପ୍ରଭୁଙ୍କ ନୀତିକାନ୍ତି ପ୍ରଭାବିତ ହେବ ନାହିଁ। ଦର୍ଶନ ବ୍ୟବସ୍ଥା ସ୍ୱାଭାବିକ ଭାବେ ଚାଲିବ। ବାହାର କାଠରୁ ଭକ୍ତ ଦର୍ଶନ କରିବେ। ଅଧିକୃତ ସେବକଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ସୂଚନାଥାଉ କି, ଗତବର୍ଷ ଜୁଲାଇ ୧୮ରେ ଭିତର ଭଣ୍ଡାରର ସମସ୍ତ ସ୍ୱର୍ଣ୍ଣାଳଙ୍କାର ଖଟଶେଯ ଘର (ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍)କୁ ସ୍ଥାନାନ୍ତର କରାଯାଇଥିଲା। ଅଗଷ୍ଟ ୨୩ରେ ଭଣ୍ଡାର ଘରେ ଯେତେ ବି ଖାଲି ସିନ୍ଦୁକ ଥିଲା, ତାହା ନୀଳାଦ୍ରି ମ୍ୟୁଜିୟମ୍ ପାଖ ଘରକୁ ସ୍ଥାନାନ୍ତର କରାଯାଇଥିଲା। ସେପ୍ଟେମ୍ବର ୨୪ରେ ଏଏସ୍‌ଆଇ ଅଧିକାରୀଙ୍କ ସ୍ୱତନ୍ତ୍ର ଟିମ୍ ରତ୍ନଭଣ୍ଡାର ଯାଞ୍ଚ କରିଥିଲା। ରିପୋର୍ଟ ଆଧାରରେ ଗତବର୍ଷ ଡିସେମ୍ବର ୧୭ ତାରିଖରେ ରତ୍ନଭଣ୍ଡାର ମରାମତି ଏବଂ ସଂରକ୍ଷଣ କାମ ଆରମ୍ଭ କରିଥିଲା ଏଏସ୍‌ଆଇ। ପ୍ରାୟ ୬ମାସ ଧରି କାମ କରାଯାଇଥିଲା। ଗତ ଜୁଲାଇ ୭ ତାରିଖରେ ରତ୍ନଭଣ୍ଡାର ମରାମତି କାମ ସମ୍ପୂର୍ଣ୍ଣ କରିଥିଲା ଏଏସ୍‌ଆଇ। ଏହାପରେ ଅସ୍ଥାୟୀ ଭଣ୍ଡାରରୁ ରତ୍ନ ଅଳଙ୍କାର ଭିତର ଭଣ୍ଡାରକୁ ସୁରକ୍ଷିତ ଭାବେ ନିଆଯାଇଛି।

ଅଲ୍‌ଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଉତ୍ସବ

# ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳୀ ଅସ୍ମିତାର ପ୍ରତୀକ: ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ୨୭।୧୨ (ସମିସ):** ପଣ୍ଡିତ ରଘୁନାଥ ମୁର୍ମୁ କେବଳ ଜଣେ ବ୍ୟକ୍ତି ନୁହେଁ; ସେ ଏକ ଆନ୍ଦୋଳନ, ଏକ ଚେତନା, ଏକ ଅନୁଷ୍ଠାନ ଓ ସଂସ୍କୃତିର ଅଭିଜ୍ଞାନ। ସେ ଏମିତି ଜଣେ ଯୁଗପୁରୁଷ ଥିଲେ, ଯିଏ ଅନ୍ଧାର ଭିତରେ ଆଲୋକର ଜାଗରଣ କରିଥିଲେ। ଏକ ଅବହେଳିତ ଓ ଅନ୍ତର୍ଭୁକ୍ତ ହୋଇନଥିବା ସମାଜକୁ ଶିକ୍ଷା, ଅସ୍ମିତା ଓ ଗର୍ବର ଅନୁଭୂତି ଦେଇଥିଲେ। ସେ ଥିଲେ ସାନ୍ତାଳୀ ଅସ୍ମିତାର ପ୍ରତୀକ। ସାନ୍ତାଳୀ ଭାଷା ସାହିତ୍ୟର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏପରି କହିଛନ୍ତି।



ଶନିବାର ସିଲିସୁଆଁଠାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସୃଷ୍ଟି ଅଲଚିକି ଲିପିର ପ୍ରସାର ଆମକୁ ଆମ ବର୍ତ୍ତମାନ ସହ ପରିଚୟ କରାଉଛି ଏବଂ ଭବିଷ୍ୟତ ପାଇଁ ବିଚାର କରିବାକୁ ପ୍ରେରଣା ଦେଉଛି। ପ୍ରକୃତରେ ଅଲଚିକି ଲିପି ଏବଂ ଗୁରୁ ଗୋମକେ ହେଉଛନ୍ତି ପରସ୍ପର ପରିପୂରକ। ତାଙ୍କ ଲିପି ଉଦ୍ଭାବନ କେବଳ ଶାବ୍ଦିକ ପରିବର୍ତ୍ତନ ନୁହେଁ, ତାହା ଥିଲା ଏକ ସଂସ୍କୃତି ଉନ୍ନତିର ନୂଆ ଅଧ୍ୟାୟ। ସେ ତାଙ୍କ ଶିକ୍ଷା ଓ ଚେତନା ଦ୍ୱାରା ସମାଜରେ ଶୋଷଣ ବିରୋଧରେ ଏକ ଶକ୍ତିଶାଳୀ ଜାଗରଣ ସୃଷ୍ଟି କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ପଣ୍ଡିତ ରଘୁନାଥ ମୁର୍ମୁ ଅଲଚିକିର ପ୍ରସାର ପାଇଁ ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରର ସାନ୍ତାଳ ଅଧ୍ୟୁଷିତ ଅଞ୍ଚଳ ବୁଲି ଲିପିର ଆବଶ୍ୟକତା ସଂପର୍କରେ ଲୋକଙ୍କୁ ବୁଝାଇଥିଲେ। ସାନ୍ତାଳୀ ସାହିତ୍ୟର ପ୍ରଚାର ପାଇଁ ସେ 'ସାଗେନ୍ ସାକାମ୍' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। ତାଙ୍କ ପ୍ରେରଣାରେ ବାବା ତିଲକା ମାଝୀ ପାଠାଗାର ମଧ୍ୟ ପ୍ରତିଷ୍ଠା ହୋଇଥିଲା।

୨୦୦୩ରେ ଭାରତ ସରକାର ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିଥିଲେ। ଆଜି ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରର ଆଦିବାସୀବହୁଳ ଅଞ୍ଚଳରେ ସାନ୍ତାଳୀ ଭାଷାରେ ସ୍କୁଲ ଶିକ୍ଷା ଦିଆଯାଉଛି। ଅନେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଭାଷା ସାହିତ୍ୟ ପଢ଼ାଯାଉଛି। ରାଜ୍ୟ ସରକାର ହୋ, ମୁଣ୍ଡାରୀ, ଗାଦବା, କୁଇ, ଓରାଓଁ ଭଳି ଅନେକ ଆଦିବାସୀ ଭାଷାର ପ୍ରସାର ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ଆଉଟ୍‌ସୋର୍ସିଂଙ୍କ କର୍ମଚାରୀଙ୍କ ବଦଳି କେବେ

**ଭୁବନେଶ୍ୱର, ୨୭ ।୧୨(ସମିସ):** ସରକାରୀ ଚାକିରି କରୁଥିବା ବ୍ୟକ୍ତି ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ଦୁର୍ନୀତିକୁ ରୋକିବା ଓ ସ୍ୱଚ୍ଛ ଶାସନ ପାଇଁ ସରକାର ଏହି ନିୟମ ପ୍ରଣୟନ କରିଛନ୍ତି। ଅନେକ ସମୟରେ ଏହାର ଉଲଘଂନ ହେଲେ ବଦଳି କରିବାକୁ ଦାଗିଦ୍ ମଧ୍ୟ କରୁଛନ୍ତି। ମାତ୍ର ସେହି ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଆଉଟସୋର୍ସି କର୍ମଚାରୀଙ୍କ ବଦଳି ପାଇଁ କୌଣସି ନିୟମ ନାହିଁ। ଗୋଟିଏ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରୁଛନ୍ତି। ଏପରିକି ସେମାନଙ୍କ ବିଭାଗ ବଦଳ ମଧ୍ୟ କରାଯାଉ ନ ଥିବାରୁ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ପାରଦର୍ଶିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଗୋଟିଏ କାର୍ଯ୍ୟାଳୟରେ ଦୀର୍ଘକାଳ ଅବସ୍ଥାପନ ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ**

ବ୍ଲକ୍ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଆଉଟସୋର୍ସି କର୍ମଚାରୀ କାର୍ଯ୍ୟରତ ଅଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି। ମନରେଗା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରି ଅନେକ ଯୋଜନାରେ ଦୀର୍ଘ ବର୍ଷ ଧରି ନିୟୋଜିତ ହୋଇଛନ୍ତି। ହେଲେ ସେମାନଙ୍କ ଅନ୍ୟତ୍ର ବଦଳି କିମ୍ବା ସେହି କାର୍ଯ୍ୟାଳୟରେ ବିଭାଗ ଅଦଳବଦଳ କରିବାର କୌଣସି ପ୍ରାବଧାନ ନାହିଁ। ଦୀର୍ଘବର୍ଷରୁ ଗୋଟିଏ ଦାୟିତ୍ୱରେ ଥିବାରୁ ଅନେକ ସମୟରେ ସେମାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହେଉଥିଲେ ମଧ୍ୟ ସରକାରୀ ଅଧିକାରୀ ହୋଇ ନ ଥିବାରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଅପରପକ୍ଷରେ ସରକାରୀ କର୍ମଚାରୀଙ୍କୁ ପ୍ରତି ୩ ବର୍ଷରେ ବାଧ୍ୟତାମୂଳକ ଭାବେ ବଦଳି କରାଯାଉଛି। କାର୍ଯ୍ୟକ୍ଷେତ୍ରରେ ଦୁର୍ନୀତିକୁ ରୋକିବା ସହ ସ୍ୱଚ୍ଛତା ରଖିବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ସରକାରୀ ଅଧିକାରୀ ଯଦି ୩ ବର୍ଷରେ ଦୁର୍ନୀତି ଯୁକ୍ତ ହୋଇ ଯାଉଛନ୍ତି, ତା'ହେଲେ ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଆଉଟସୋର୍ସି କର୍ମଚାରୀମାନେ କିପରି ଦୁର୍ନୀତିମୁକ୍ତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବୁଦ୍ଧିଜୀବୀଙ୍କ ମତରେ, ଆଉଟସୋର୍ସି କର୍ମଚାରୀଙ୍କ ବଦଳି ହେଉ ନ ଥିବାରୁ ଦୁର୍ନୀତିକୁ ପରୋକ୍ଷରେ ପ୍ରୋତ୍ସାହନ ମିଳୁଛି। ଗୋଟିଏ ପଦରେ ରହି ବ୍ୟାପକ ହେରଫେର୍ କରିବାକୁ ସମସ୍ତ ଗଳାବାଟ ବାହାର କରିବାରେ ସଫଳ ହେଉଛନ୍ତି। ସରକାରୀ କର୍ମଚାରୀଙ୍କ ପରି ଆଉଟସୋର୍ସି କର୍ମଚାରୀଙ୍କ ମଧ୍ୟ ନିୟମିତ ବଦଳି କରାନଗଲେ ଦୁର୍ନୀତିର ମାତ୍ରା ବହୁ ଜୋରରେ ବ୍ୟାପିବାର ଆସଙ୍କା ରହିଛି। ଏହାସହ ସରକାର ଦୁର୍ନୀତି ରୋକିବାକୁ ଲକ୍ଷ୍ୟ ରଖି ଯେଉଁ ବଦଳି ନିୟମ ପ୍ରଣୟନ କରିଛନ୍ତି, ତାହା ସମ୍ପୂର୍ଣ୍ଣ ବିଫଳ ହୋଇଯିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଅନେକ ଜିଲ୍ଲାରେ ଆଉଟସୋର୍ସି କର୍ମଚାରୀମାନେ ନିୟମିତ ଦରମା ପାଉ ନ ଥିବା ଅଭିଯୋଗ ହେଉଛି। ସଂଘବଦ୍ଧ ଭାବେ ନିୟମିତ ଦରମା ଦେବାପାଇଁ ନିଯୁକ୍ତି ଦେଇଥିବା ସଂସ୍ଥା ସମେତ ସରକାରଙ୍କ ପାଖରେ ଦାବି କରୁଛନ୍ତି। ଏପରିକି ଅନୁଗୋଳ, ବଲାଙ୍ଗିର ଜିଲ୍ଲା ସମେତ ବହୁ ଜିଲ୍ଲାରେ ମନରେଗା ଯୋଜନାରେ କାର୍ଯ୍ୟରତ କର୍ମଚାରୀମାନେ ୧୧ ମାସ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟରତ କର୍ମଚାରୀମାନେ ପ୍ରାୟ ୭ ମାସ ହେଲା ଦରମା ପାଇ ନ ଥିବା ଜଣାପଡ଼ିଛି। ନିୟମିତ ଦରମା ପାଉ ନ ଥିବା କର୍ମଚାରୀମାନେ କିପରି ପରିବାର ପ୍ରତିପୋଷଣ କରୁଥିବେ ବୋଲି ସ୍ୱତଃ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏପରି ସ୍ଥିତିରେ ସେମାନେ ମଧ୍ୟ ଦୁର୍ନୀତି କରିବାକୁ ଏକପ୍ରକାର ବାଧ୍ୟ ହେଉଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ତେଣୁ ଆଉଟସୋର୍ସି କର୍ମଚାରୀଙ୍କୁ ବଦଳି ସହ ନିୟମିତ ଦରମା ପ୍ରଦାନ କରା ନ ଗଲେ ଦୁର୍ନୀତିକୁ ପରୋକ୍ଷ ପ୍ରୋତ୍ସାହନ ପର୍ଯ୍ୟାୟକ୍ରମେ ବୃଦ୍ଧି ପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଶ୍ରୀମନ୍ଦିରରେ ମହିଳା ଶ୍ରଦ୍ଧାଳୁଙ୍କୁ ଅସଦାଚରଣ

**ଥାନାରେ ଏତଲା ଦେବାକୁ ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶ**

**ପୁରୀ, ୨୭।୧୨(ସମିସ):** ଧାର୍ମିକସ୍ଥଳୀରେ ବି ଅନେକ ସମୟରେ ଲଜ୍ଜାଜନକ ଘଟଣା ଘଟୁଛି। ଭକ୍ତି ଓ ବିଶ୍ୱାସକୁ ନେଇ ଭକ୍ତମାନେ ଆସୁଥିବା ବେଳେ କିଛି ଲୋକ ଯେଉଁମାନେ ଭିଡ଼ର ସୁଯୋଗ ନେଇ ଘୃଣ୍ୟ କାମ କରିବାକୁ ପଛାନ୍ତି ନାହିଁ। ଏମିତି ଘଟଣା ଘଟିଛି ଶ୍ରୀମନ୍ଦିର ବେଢ଼ା ପରିସର ନିଶା ନୃସିଂହ ମନ୍ଦିରରେ। ଏହାକୁ ବେଶ୍ ଗମ୍ଭୀରତାର ସହ ନେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଏତଲା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଛି। ଏହି ଘଟଣା ସମ୍ପର୍କରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସ୍ପଷ୍ଟ କରିଛନ୍ତି ଯେ ନିଶା ନୃସିଂହ ମନ୍ଦିରରେ ସେବକଙ୍କ ଦ୍ୱାରା ନିୟୋଜିତ ଜଣେ କିଶୋର ଗତ ୨୪ ତାରିଖ ସନ୍ଧ୍ୟା ବେଳେ ଜଣେ ମହିଳା ଭକ୍ତଙ୍କ ପ୍ରତି ଅସଦାଚରଣ କରିଥିବା ସମ୍ପର୍କରେ ରିପୋର୍ଟ ପାଇଛନ୍ତି। ଏପରି ଘୃଣ୍ୟ ଓ ନିନ୍ଦନୀୟ କାର୍ଯ୍ୟକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଏଥିପାଇଁ ସୁପରଭାଇଜରଙ୍କୁ ସ୍ଥାନୀୟ ଥାନାରେ ଏତଲା ଦାଖଲ କରିବା ଲାଗି ତୁରନ୍ତ ନିର୍ଦ୍ଦେଶ ଦିଆଯାଇଛି। ନିଜେ ସେବାପୂଜା କରିବା ପରିବର୍ତ୍ତେ ଅନ୍ୟ ଜଣଙ୍କୁ ନିୟୋଜିତ କରିଥିବା ସମ୍ପୃକ୍ତ ସେବକଙ୍କ ବିରୁଦ୍ଧରେ ସମ୍ପର୍କିତ ସେବକ ନିଯୋଗ ମାଧ୍ୟମରେ ଶାସନାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଆଇନାନୁଯାୟୀ ଦଣ୍ଡ ଦିଆଯିବ। ନିଶା ନୃସିଂହ ମନ୍ଦିରରେ ସେବା ପୂଜାରେ ନିୟୋଜିତ ସେବକମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମନ୍ଦିର ପ୍ରବେଶ ବନ୍ଦ ରହିବ। ଶ୍ରୀମନ୍ଦିରର ଗରିମା ଓ ପବିତ୍ରତା ଉପରେ ଆଞ୍ଚ ଆଣୁଥିବା କୌଣସି ବ୍ୟକ୍ତିଙ୍କୁ କ୍ଷମା କରାଯିବ ନାହିଁ। ମହାପ୍ରଭୁ ଏମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

# କ୍ୱାଇଁର ଟାଙ୍ଗିଆ ଚୋଟରେ ଶାଶୂ ମୃତ

**ବାଲିଗୁଡ଼ା,୨୭।୧୨(ସମିସ):** ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ.ନୂଆଗାଁ ଥାନା ଅଞ୍ଚଳରେ। ନିଶାସକ୍ତ କ୍ୱାଇଁର ଟାଙ୍ଗିଆ ମାଡ଼ରେ ଶାଶୂର ମୃତ୍ୟୁ ଘଟିଛି। ମୃତକ ହେଲେ କ.ନୂଆଗାଁ ଥାନା ଅନ୍ତର୍ଗତ ସିର୍ତ୍ତିଗୁଡ଼ା ଗାଁର ପେଟି ମଲିକ। ହତ୍ୟାକାରୀ କ୍ୱାଇଁ ସୁରତ ପ୍ରଧାନ ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

ସିର୍ତ୍ତିଗୁଡ଼ା ଗ୍ରାମର ପେଟି ମଲିକଙ୍କ କ୍ୱାଇଁ ସୁରତ ପ୍ରଧାନ ସବୁବେଳେ ନିଶାସକ୍ତ ଅବସ୍ଥାରେ ଆସି ସ୍ତ୍ରୀଙ୍କ ସହ ଝଗଡ଼ା କରୁଥିଲେ। ଶନିବାର ସକାଳେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ସ୍ତ୍ରୀ ସହ ସାମାନ୍ୟ ବଚସାରୁ ସୁରତ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆ ଆଣି ହାଣିବାକୁ ଆସିଥିଲେ। ଝିଅଙ୍କୁ କ୍ୱାଇଁ ହାଣିବାକୁ ଯାଉଥିବା ଦେଖି ପେଟି ଛଡ଼ାଇବାକୁ ଯାଇଥିବା ବେଳେ ତାଙ୍କ ମୁଣ୍ଡକୁ ଚୋଟ ପକାଇଥିଲା କ୍ୱାଇଁ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ବୃଦ୍ଧାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ ଓ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ପେଟିଙ୍କୁ ମୃତ ଘୋଷଣା କରିଥିଲେ।

# ସପରିବାର ସିଇସିଙ୍କ ପୁରୀ ଓ କୋଣାର୍କ ପରିଦର୍ଶନ

**ପୁରୀ/କୋଣାର୍କ,୨୭।୧୨(ସମିସ):** ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସପରିବାର ମହାପ୍ରଭୁଙ୍କ ଆଶୀର୍ବାଦ ନେବା ସହ ଐତିହାସିକ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ସିଇସି ପତ୍ନୀ ଓ ପରିବାର ସଦସ୍ୟଙ୍କ ସହ

**ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ, ସୂର୍ଯ୍ୟ ମନ୍ଦିର ଦେଖିଲେ**

**ଓଡ଼ିଶାର କଳା, ସଂସ୍କୃତି, ଭାଷା ଭାରତର ସବୁଠାରୁ ପ୍ରାଚୀନ**

ଶ୍ରୀମନ୍ଦିର ସିଂହଦ୍ୱାରରେ ପହଞ୍ଚିବା ପରେ ସେମାନଙ୍କୁ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ପରିଚାଳନା କମିଟିର ସେବାୟତ ପ୍ରତିନିଧିମାନେ ସ୍ୱାଗତ କରିବା ସହ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ଭିତରକାଠ ନିକଟରୁ ସେମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରି ବେଶ୍ ଭାବବିହ୍ୱଳ ହୋଇଯାଇଥିଲେ। ପରେ ଆଦି ନୃସିଂହ, ମା' ବିମଳା, କାନପତା ହନୁମାନ, ମା' ଲକ୍ଷ୍ମୀଙ୍କ ସହିତ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ



ସହିତ ପୂଜାର୍ଚ୍ଚନା କରିଥିଲେ। ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀ ଓ ସେବାୟତମାନେ ତାଙ୍କୁ ମହାପ୍ରଭୁଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସ୍ୱତନ୍ତ୍ରତା, ନିଆରା ନୀତିକାନ୍ତି, ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ମନ୍ଦିରର କାରୁକାର୍ଯ୍ୟ ଓ ଭାବଭକ୍ତି ସମ୍ପର୍କରେ ଅବଗତ କରାଇଥିଲେ।

ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟ ନିର୍ବାଚନ କମିଶନର କହିଥିଲେ, 'ମୁଁ ମୋ ପରିବାର ସହିତ ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ପାଇଲି। ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ଏହା ଆଜି ମୋ ପାଇଁ ଶୁଭ ଅବସର ହୋଇପାରିଛି। ଓଡ଼ିଶାର କଳା, ସଂସ୍କୃତି, ଭାଷା ଭାରତର ସବୁଠାରୁ ପ୍ରାଚୀନ ଓ ଅନନ୍ୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସାମ୍ବିଧାନିକ ଦାୟିତ୍ୱକୁ ଅଧିକ ଭଲ ଭାବେ କରିବା ପାଇଁ ପ୍ରୋତ୍ସାହିତ କରିବ।

ପରେ ମୁଖ୍ୟ ନିର୍ବାଚନ କମିଶନର ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଯାତ୍ରା କରିଥିଲେ। କୋଣାର୍କର ଅଦ୍ଭୁତ କଳାନୈପୁଣ୍ୟ ଓ ଇତିହାସ ସମ୍ପର୍କରେ ଜାଣି ସେ ଅଭିଭୂତ ହୋଇଥିଲେ। କୋଣାର୍କରେ ନିର୍ବାଚନ କମିଶନର ଶ୍ରୀ କୁମାର କହିଥିଲେ ଯେ କୋଣାର୍କ ସୂର୍ଯ୍ୟମନ୍ଦିର କେବଳ ଓଡ଼ିଶାର ନୁହଁ ବରଂ ଏହା ସମଗ୍ର ଭାରତର ମାନ ଓ ସମ୍ମାନ। ମନ୍ଦିରର କଳେବର ଓ କାରୁକାର୍ଯ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ, ପ୍ରାଚୀନ ସମୟରେ ଆମ ଦେଶ ଧନ, ମାନ, ଜ୍ଞାନ ଓ ବିଜ୍ଞାନରେ କେତେଯେ ସମୃଦ୍ଧ ଥିଲା। ସେ କଥା କଳ୍ପନା କଲେ ହୃଦୟ ଗର୍ବ ଓ ଗୌରବରେ ପୂରିଉଠୁଛି। ପୁରୀ ଓ କୋଣାର୍କ ପରିଦର୍ଶନ ସମୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନଙ୍କ ସହିତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ଗୋପୀନାଥ କଅଁର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଅନାମିକା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ନକଲି ନୋଟ୍ କାରବାର: ଆଉ ଦୁଇ ଗିରଫ

**ବିନିକା,୨୭ ।୧୨(ସମିସ):** ଦୁଇ ମାସ ତଳେ ନକଲି ନୋଟ କାରବାରରେ ଧରାପଡ଼ି ୩ ଅଭିଯୁକ୍ତ ଗିରଫ ହୋଇ ଜେଲରେ ଥିବା ବେଳେ ପୁଣି ଏହି କାରବାରରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ବିନିକା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବରଗଡ଼ ଜିଲ୍ଲା ବରପାଲି ମହତାପଡ଼ାର ବଳରାମ ମେହେର ଓ ଗାଇସିଲେଟ କେନ୍ଦୁଭଟା



ଗ୍ରାମର ବଶ୍ୱପତି ସାହୁ। ସୂଚନାନୁସାରେ, ଗତ ଅକ୍ଟୋବର ୨୫ ତାରିଖରେ ଏହି ନକଲି ନୋଟ କାରବାରରେ ଜେଲରେ ଥିବା ବ୍ୟକ୍ତିମାନଙ୍କଠାରୁ ପୁଲିସ ୪ଲକ୍ଷ ୧୫ସହ ଟଙ୍କା ଜବତ କରିଥିବା ବେଳେ ବଜାରକୁ ୧ଲକ୍ଷ ୯ ୯ ହଜାର ଟଙ୍କା ନକଟି ନୋଟ୍ ଛଡ଼ା ଯାଇଥିଲା। ତେବେ ଏହି କାରବାରରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ଜାଣିବା ପାଇଁ ସେହିଦିନ ଠାରୁ ପୁଲିସ ତଦନ୍ତ ଜାରି ରଖିଥିଲା। ଏଥିରେ ସମ୍ପୃକ୍ତ ଥିବା ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି।

# ଡଙ୍ଗା ଓଲଟି ଶ୍ରମିକ ମୃତ

**ନନ୍ଦପୁର, ୨୭।୧୨(ସମିସ):** କୋରାପୁଟ ଜିଲ୍ଲାର ଜଲାପୁଟ ଜଳଭଣ୍ଡାରରେ ଆଜି ଏକ ଅଘଟଣ ଘଟିଛି। ଡଙ୍ଗା ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ରାମ ପାଙ୍ଗି(୩୦)। ତାଙ୍କ ଘର ନନ୍ଦପୁର ବ୍ଲକ୍ ବୀଲାପୁଟ ଗ୍ରାମ ପଞ୍ଚାୟତର ଲାମଡୁର ଗ୍ରାମରେ। ରାମ ଶୁକ୍ରବାର ଦିନ ଏକ ଦେଶୀ ଡଙ୍ଗାରେ ଜଳବନ୍ଦୀ ସାବୁନ ଗ୍ରାମକୁ କାମ ପାଇଁ ଯାଇଥିଲେ। ସନ୍ଧ୍ୟା ହୋଇଯିବାରୁ ସେଠାରେ ରାତ୍ରିଯାପନ କରି ଆଜି ସକାଳୁ ଘରକୁ ଫେରୁଥିଲେ। ଜଳଭଣ୍ଡାର ମଧ୍ୟରେ ଦେଶୀ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ରାମ ବୁଡ଼ି ଯାଇଥିଲେ। ଖବର ପାଇ ବିଲାପୁଟ ସରପଞ୍ଚ ରାଜୁ ଲେନ୍ଥୁ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ପୁଲିସ୍ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ରାମଙ୍କ ଶବକୁ ଉଦ୍ଧାର କରିଥିଲେ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି।

ବିନା ଯାଞ୍ଚରେ ପ୍ରଦୂଷଣ ପ୍ରମାଣପତ୍ର

# ୪୨ଟି ଯାଞ୍ଚ କେନ୍ଦ୍ରର ସ୍ୱୀକୃତି ରଦ୍ଦ

**କଟକ, ୨୭ ।୧୨ (ସମିସ):** ବିନା ଯାଞ୍ଚରେ ଗାଡ଼ିଗୁଡ଼ିକୁ ପ୍ରଦୂଷଣ ପ୍ରମାଣପତ୍ର ପ୍ରଦାନ ଅଭିଯୋଗରେ ରାଜ୍ୟର ୪୨ଗୋଟି ଯାଞ୍ଚ କେନ୍ଦ୍ରର ସ୍ୱୀକୃତିକୁ ରଦ୍ଦ କରିଛି ପରିବହନ ବିଭାଗ। ଅତିରିକ୍ତ ରାଜ୍ୟ ପରିବହନ କମିସନର୍ ଦୀପ୍ତିରଂଜନ ପାତ୍ର ଏହି ସୂଚନା ଦେଇଛନ୍ତି। ଏହି କେଳେଙ୍କାରୀର ଚେର ରାଜ୍ୟ ବାହାରକୁ ଲମ୍ବିଥିବାରୁ ପରିବହନ କମିସନରଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ମଧ୍ୟ ଏତଲା ଦିଆଯାଇଛି।

ସୂଚନାନୁସାରେ, ସାରା ରାଜ୍ୟରେ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଗାଡ଼ିର ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର(ପିୟୁସିସି) ନାହିଁ। ନିକଟ ଅତୀତରେ ପିୟୁସିସିକୁ ସରକାର ବାଧ୍ୟତାମୂଳକ ଓ କଡ଼ାକଡ଼ି କରିବା ପରେ ଏବେ ରାଜ୍ୟର ପ୍ରଦୂଷଣ ଯାଞ୍ଚ କେନ୍ଦ୍ରଗୁଡ଼ିକରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଛି। ଯାଞ୍ଚ କେନ୍ଦ୍ର ଖୋଲିବା ପୂର୍ବରୁ ଲୋକଙ୍କ ଲମ୍ବା ଧାଡ଼ି ଲାଗି ଯାଉଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱରଠାରୁ

- ରାଜ୍ୟ ବାହାରକୁ ଲମ୍ବିଛି କେଳେଙ୍କାରୀର ଚେର
- ପରିବହନ କମିସନରଙ୍କ ପକ୍ଷରୁ ସାଇବର ଥାନାରେ ଏତଲା

ଆରମ୍ଭ କରି ରାଜ୍ୟର ସବୁ ଜିଲ୍ଲାରେ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି। ମାତ୍ର ୬୦୦ଟି ଯାଞ୍ଚ କେନ୍ଦ୍ରରେ ଏଗୁଡ଼ିକର ଯାଞ୍ଚ କରାଯାଇ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟା ଜାରି ରହିଛି। ଯାଞ୍ଚ କେନ୍ଦ୍ରଗୁଡ଼ିକ ଗାଡ଼ିରୁ ନିର୍ଗମନ ହେଉଥିବା ଧୂଆଁରେ ପ୍ରଦୂଷଣ ସୃଷ୍ଟିକାରୀ ଉପାଦାନର ମାତ୍ରା ଯାଞ୍ଚ କରି ପ୍ରମାଣପତ୍ର ପ୍ରଦାନ କରାଯିବା କଥା। ହେଲେ କେତେକ କେନ୍ଦ୍ର ଅଧିକ ଅର୍ଥ ରୋଜଗାର ଆଶାରେ ଗାଡ଼ିର ଯାଞ୍ଚ ନକରି ବେଆଇନ ଭାବେ ପ୍ରମାଣପତ୍ର ଦେଇଦେଉଛନ୍ତି। ଏପରିକି, ଗାଡ଼ି ମାଲିକଙ୍କୁ କେବଳ ସେମାନଙ୍କ ଗାଡ଼ି ନମ୍ବରପ୍ଲେଟ୍‌ର ଫଟୋ ଉଠାଇ ପଠାଇବାକୁ କୁହାଯାଉଛି। ଫଳରେ ଗାଡ଼ିମାଲିକ ଘରେ ବସି ପ୍ରମାଣପତ୍ର ହାସଲ କରୁଛନ୍ତି। ଏଥିପାଇଁ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ତିନିଗୁଣା ଅଧିକ ଟଙ୍କା ମଧ୍ୟ ନେଉଛନ୍ତି ଯାଞ୍ଚ କେନ୍ଦ୍ର। ଏପରି ଏକାଧିକ ଘଟଣା ପଦାକୁ ଆସିବା ପରେ ପରିବହନ ବିଭାଗ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏପରି ବେଆଇନ ଭାବେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ପ୍ରଦାନ କରୁଥିବା ଯାଞ୍ଚ କେନ୍ଦ୍ରଗୁଡ଼ିକର ସ୍ୱୀକୃତି ରଦ୍ଦ କରୁଛି। କିନ୍ତୁ, ଏହି କେଳେଙ୍କାରୀ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଝାଡ଼ଖଣ୍ଡ ଓ ନୂଆଦିଲ୍ଲୀକୁ ଲମ୍ବିଥିବାରୁ ପରିବହନ ବିଭାଗର ଚିନ୍ତା ବଢ଼ିଯାଇଛି। ଏହାକୁ ରୋକିବା ପାଇଁ ପରିବହନ କମିସନରଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଏତଲା ଦିଆଯାଇଛି।

ଅପରପକ୍ଷେ, ଓଡ଼ିଶା ପରିବହନ ବିଭାଗରେ ଏବେ ବିପୁଳ ପରିମାଣରେ ଚାଲାଣ ପଇଠ ଚାଲିଥିବା ବେଳେ ସାଇବର ଅପରାଧୀମାନେ ବି ଲୋକଙ୍କୁ ଟାର୍ଗେଟ୍ କଲେଣି। ଚାଲାଣ ପୈଠ ନାଁରେ ମୋବାଇଲ୍‌କୁ ଫେକ୍ ମେସେଜ ଓ ଲିଙ୍କ୍ ପଠାଉଥିବା ଜଣାପଡ଼ିଛି। ତେଣୁ ଇ-ଚାଲାଣ ଅର୍ଥ ପୈଠ ବେଳେ ସାଇବର୍ ଅପରାଧୀଙ୍କଠାରୁ ସତର୍କ ରହିବାକୁ ପରିବହନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଏଣିକି ଅଫଲାଇନ୍‌ରେ ବି ପୈଠ କରିହେବ ଇ-ଚାଲାଣ

**କଟକ, ୨୭ ।୧୨(ସମିସ):** ଗାଡ଼ିର ଇ-ଚାଲାଣ ପଇଠ ହୋଇନଥିଲେ ପ୍ରଦୂଷଣ ପ୍ରମାଣପତ୍ର ମିଳୁନାହିଁ। ବକେୟା ଚାଲାଣ ରାଶି ପଇଠ କରିବା ପାଇଁ ପୂର୍ବରୁ କେବଳ ଅନଲାଇନ୍ ମାଧ୍ୟମ ଥିବା ବେଳେ ଏଣିକି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରେ ମୋଟରଯାନ ନିୟମ ଉଲ୍ଲଙ୍ଘନରେ ଜାରି ହୋଇଥିବା ଇ-ଚାଲାଣ ବାବଦରେ ନଗଦ ଅର୍ଥ ଗ୍ରହଣ କରାଯିବ। ଏନେଇ ସମସ୍ତ ଆରଟିଓଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଇ-ଚାଲାଣ ଅର୍ଥ ପୈଠ ବେଳେ ଓଟିପି ସମସ୍ୟା ନେଇ ଅଭିଯୋଗ ହେଉଥିଲା।

ମୋବାଇଲ ନମ୍ବର ଲିଙ୍କ ନଥିବା ଚାଲାଣ ଦେବାକୁ ଇଚ୍ଛୁକ ଗାଡ଼ି ମାଲିକ ଚାଲାଣ ପଇଠ କରିପାରୁନଥିଲେ। ଜନସାଧାରଣଙ୍କ ଦାବି ତଥା ଦୁର୍ବଳ ଇଣ୍ଟରନେଟ୍ ଥିବା ଅଞ୍ଚଳର ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଅଫଲାଇନ୍‌ରେ ନଗଦ ଜରିମାନା ରାଶି ଗ୍ରହଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ, ପୂର୍ବଭଳି ଅନଲାଇନ୍‌ରେ ମଧ୍ୟ ଇ-ଚାଲାଣ ପୈଠ କରାଯାଇପାରିବ। ଆର୍‌ଟିଓ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଇ-ଚାଲାଣ ଅର୍ଥ ଗ୍ରହଣ

**ମୋବାଇଲ ନମ୍ବର ଲିଙ୍କ୍ ନଥିବା ଗାଡି ମାଲିକଙ୍କୁ ଆଶ୍ୱସ୍ତି**

ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। କେବଳ ଗାଡ଼ି ମାଲିକ କିମ୍ବା ଖିଲାପକାରୀଙ୍କଠାରୁ ସକ୍ରିୟ ବକେୟା ଇ-ଚାଲାଣ ବାବଦରେ ଅର୍ଥ ଗ୍ରହଣ କରାଯିବ। ଇ-ଚାଲାଣ ଗ୍ରହଣ ପରେ ରସିଦ୍ ପ୍ରଦାନ କରାଯିବ ଏବଂ ଅର୍ଥ ପୈଠ ହେଲା ବୋଲି ଅନଲାଇନ୍‌ରେ ମଧ୍ୟ ଅପଡେଟ୍ ହେବ। ଇ-ଚାଲାଣ ବାବଦରେ ଗ୍ରହଣ କରାଯାଇଥିବା ସମସ୍ତ ଅର୍ଥରାଶି ପରବର୍ତ୍ତୀ କାର୍ଯ୍ୟ ଦିବସରେ ସରକାରୀ କୋଷାଗାରରେ ଜମା କରାଯିବ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ଆଇନ ଅମାନ୍ୟକାରୀଙ୍କ ହେବ ଲାଇସେନ୍ସ ରଦ୍ଦ

ଯାଜପୁର,୨୭।୧୨(ସମିସ):



ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଅମ୍ବର କୁମାର କର ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଦ୍ରୁତ ଗତିରେ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ି ଚଳାଇବା, ହେଲମେଟ୍ ନ ପିନ୍ଧିବା, ମୋବାଇଲରେ କଥା ହୋଇ ଗାଡ଼ି ଚଲାଇବା ଇତ୍ୟାଦି ଦୁର୍ଘଟଣାର ମୁଖ୍ୟ କାରଣଗୁଡ଼ିକୁ ରୋକିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନାବାଳକ ତଥା ବିନା ଲାଇସେନ୍ସରେ ସ୍କୁଲ ପିଲାଙ୍କ ଗାଡ଼ି ଚାଳନାକୁ ରୋକିବା ସହ ଏଦିଗରେ ବିଦ୍ୟାଳୟ ସ୍ତରରେ ସଚେତନତା ସୃଷ୍ଟି କରିବା ପାଇଁ ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେଥିପାଇଁ ପୁଲିସ୍ ଓ ପରିବହନ ବିଭାଗର ମିଳିତ କାର୍ଯ୍ୟାନୁଷ୍ଠାନ ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ କର କହିଥିଲେ। ଆବଶ୍ୟକ ସ୍ଥଳେ ଆଇନ ଅମାନ୍ୟକାରୀଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବାକୁ କଠୋର ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ରାଜପଥରେ ମିଳିତ କାର୍ଯ୍ୟାନୁଷ୍ଠାନ ଓ ପାଟ୍ରୋଲିଂକୁ ଜିଲ୍ଲାପାଳ ଅଧିକ ଗୁରୁତ୍ୱ ଦେଇଥିଲେ। ଏହାସହ ସଡ଼କ ଦୁର୍ଘଟଣା ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏହି କ୍ରମରେ ଜାତୀୟ ରାଜପଥରେ ଅନଧିକୃତ ମେଡିଆନ କ୍ରସିଂ ବନ୍ଦ କରାଯାଇଛି ଏବଂ ସତର୍କ ସୂଚନା ଫଳକ ମଧ୍ୟ ସ୍ଥାପନ କରାଯାଇଛି। ଆର୍‌ଟିଓଙ୍କ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯାଇ ଆଇନ ଅମାନ୍ୟକାରୀଙ୍କୁ ଦଣ୍ଡିତ କରାଯାଇଛି।

ଚଳିତ ବର୍ଷ ସେପ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ଯାଜପୁରରେ ୧୮୬ ଏବଂ ଚଣ୍ଡିଖୋଲରେ ୧୦୭ ଜଣ ସଡ଼କ ନିୟମ ଉଲ୍ଲଙ୍ଘନ କରିଥିବା ବ୍ୟକ୍ତିଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ମଦ୍ୟପାନ କରି ଗାଡ଼ି ଚଲାଇବା ଯାଞ୍ଚ ପାଇଁ ଅଧିକ ବ୍ରିଥ୍ ଆନାଲାଇଜର ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଏହାସହ ଆଗକୁ ନୂଆ ବର୍ଷ ଏବଂ ଜିରୋ ନାଇଟ ଉତ୍ସବ ଥିବାରୁ, ଡ୍ରିଙ୍କ ଆଣ୍ଡ ଡ୍ରାଇଭ୍ ଟେଷ୍ଟକୁ କଡାକଡି କରିବା ପାଇଁ ଜିଲ୍ଲାପାଳ ଶ୍ରୀ କର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଯାଜପୁର ଏବଂ ଚଣ୍ଡିଖୋଲର ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଏନ୍ଏଚ୍ଏଆଇ ଅଧିକାରୀ, ଅବକାରୀ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ଜାନୁଆରୀ ମାସକୁ ସଡ଼କ ସୁରକ୍ଷା ମାସ-୨୦୨୬ ପାଇଁ ସଚେତନତା ରଥ, ବ୍ୟାନର, ହୋର୍ଡିଂ ଲାଗିବା ସହ ସଡ଼କ ସୁରକ୍ଷା ଆଧାରିତ କୁଇଜ୍, ବକ୍ତୃତା, କର୍ମଶାଳା, ପୋଷ୍ଟର ଡିଜାଇନ୍ ଇତ୍ୟାଦି ଆୟୋଜିତ ହେବ। ଏହାସହ ଜନସାଧାରଣଙ୍କ ସଚେତନତା ପାଇଁ ୱାକାଥନ୍ ମଧ୍ୟ ଆୟୋଜିତ ହେବ। ଗାଡ଼ି ଚାଳକମାନଙ୍କ ପାଇଁ ଚକ୍ଷୁ ପରୀକ୍ଷା ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେବ। ଏହାସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଡ଼କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଗୁଡ଼ ସାମାରିଟନମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ଯୋଜନା ରହିଛି ବୋଲି ସୂଚନା ଦିଆଯାଇଥିଲା।

## ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ଯାଜପୁର ଟାଉନ,୨୭।୧୨(ସମିସ): ଯାଜପୁର ବିଦ୍ୟୁତ୍ ବିଭାଗ ନିର୍ବାହୀ ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଟାଟା କମ୍ପାନୀ ଅଗ୍ରୀମ ସିକ୍ୟୁରିଟି ଆଦାୟକୁ ବିରୋଧ କରି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଟାଟା କମ୍ପାନୀ ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୨୦୨୫ ଡିସେମ୍ବର ୩୦ ସୁଦ୍ଧା ପୂର୍ବରୁ ଅଗ୍ରୀମ ସୁରକ୍ଷା ଧନ ଜମା କରିବାକୁ ନିର୍ଦ୍ଦେଶ ଦେଇଛି। ବର୍ତ୍ତମାନ ମହଙ୍ଗା ପରିସ୍ଥିତିରେ ଏହା ଗରିବ ଏବଂ ମଧ୍ୟବିତ୍ତ ଲୋକଙ୍କ ପାଇଁ ଆର୍ଥିକ ଭାର ସୃଷ୍ଟି କରିବ। ଏହି ନିଷ୍ପତ୍ତିକୁ ଏକ ପାଖିଆ ଏବଂ ଇଚ୍ଛାଧୀନ କାର୍ଯ୍ୟକଳାପ ବୋଲି କଂଗ୍ରେସ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ମହିଳା ନେତ୍ରୀ କନକଲତା ମଲ୍ଲିକ, ଅଧିର କୁମାର ଜେନା, ହରେକୃଷ୍ଣ ସାହୁ, ଦେବେନ୍ଦ୍ର ପ୍ରଧାନ, ଦୁର୍ଯ୍ୟୋଧନ ବେହେରା, ମଧୁସ୍ମିତା ଆଚାର୍ଯ୍ୟ, ନାରାୟଣ ସାମନ୍ତ, ପ୍ରଫୁଲ୍ଲ ରାୟ, ମିହିର ମିଶ୍ର, ଗଦାଧର ଦାସ, ସୁଶାନ୍ତ ମିଶ୍ର, ଉମାକାନ୍ତ ବେହେରା, ଅନୁପମ ମଲ୍ଲିକ, କୁମାର ଆଶୁତୋଷ, ରମେଶ ଚନ୍ଦ୍ର ମଲ୍ଲିକ ସମେତ ଶତାଧିକ କଂଗ୍ରେସ କର୍ମୀ ବିଦ୍ୟୁତ୍ ବିଭାଗ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଜମି ପାଇବା ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର

ଯାଜପୁର,୨୭।୧୨(ସମିସ): ଜମି ପାଇବା ନିମନ୍ତେ ଅନୁସୂଚିତ ଜନଜାତିର ଲୋକେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାନଗଦୀ ବ୍ଲକ ପଙ୍କପାଳ ପଞ୍ଚାୟତର ମନହରପୁର ନୂଆସାହି ଓ ଅସନବାହାଲି ମାନତୀରା ଗ୍ରାମର ୭୦ ପରିବାର ସହ ଠକେଇ କରି ସିଲିଂ ଲିଜ୍ ଜମି ଉପରେ ବ୍ୟାଙ୍କରୁ ଋଣ କରାଇ ଦେବା ଆଳରେ ଜମି ପଟ୍ଟା ଓ ଜମି ମାଲିକଙ୍କୁ ନେଇ ସବରେଜିଷ୍ଟର ଅଫିସ ସୁକିନ୍ଦାରେ ଅଫିସରଙ୍କୁ ହାତ କରି ଜନୈକ ବ୍ୟକ୍ତି ଓ ତାଙ୍କ ସହଯୋଗୀଙ୍କ ନାମରେ ରେଜିଷ୍ଟ୍ରି ଦଲିଲ କରାଇ ନେଇ ପରବର୍ତ୍ତୀ ସମୟରେ କିଛି ଦଲିଲ ତାଙ୍କ ନିଜ ନାମରେ ଏବଂ ଆଉ ଅଧିକାଂଶ ଜମି ଓଏଏସ୍ ଷ୍ଟିଲ୍ ନାମକ ଏକ ଘରୋଇ ସଂସ୍ଥାକୁ ବିକ୍ରି କରି ଦେଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଜିଲ୍ଲାପାଳଙ୍କୁ ଗ୍ରାମବାସୀ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଘଟଣା ସମାଧାନ ନ ହେଲେ ସମୂହ ଆତ୍ମହତ୍ୟା କରିବାକୁ ବାଧ ହେବେ ବୋଲି ଚେତାବନୀ ମଧ୍ୟ ଶୁଣାଇଛନ୍ତି।

## ୪ ବାଇକ୍ ସହ ୯ ମୋବାଇଲ ଜବତ; ୪ ଗିରଫ

ଦାନଗଦି/ସୁକିନ୍ଦା/ଯଖପୁରା,୨୭।୧୨(ସମିସ): ଏକ ବାଇକ୍ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି କଳିଙ୍ଗନଗର ପୁଲିସ। ସେମାନଙ୍କ ନିକଟରୁ ୪ଟି ବାଇକ୍, ୯ଟି ମୋବାଇଲ ଫୋନକୁ ଜବତ କରିଛି।



ଘଟଣାରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କଳିଙ୍ଗନଗର ଥାନା କେସ୍ ନଂ.୪୬୧/୨୦୨୫ରେ ଆଜି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦାନଗଦି ଫାଣ୍ଡି ଅନ୍ତର୍ଗତ ସିଙ୍ଗାଡ଼ିଆ ଗ୍ରାମର ସିଦ୍ଧାନ୍ତ ରାୟ(୨୨), ଯାଜପୁର ରୋଡ଼ ଥାନା ରାଛିପୁର ଗ୍ରାମର ମୁନା ଓରଫ୍ ଲକ୍ଷ୍ମଣ ଓଝାଙ୍କ(୨୩), ଦାନଗଦି ଫାଣ୍ଡି ଅନ୍ତର୍ଗତ ତ୍ରିଜଙ୍ଗା ଦାନଗଦିର ଦୀପକ ସେଠୀ(୨୨) ଓ ସିଙ୍ଗାଡ଼ିଆ ଗାଁର କୃଷ୍ଣ ମଣ୍ଡଳ (୨୨)। ଅଭିଯୋଗ ମୁତାବକ ଗତ ୨୩ ତାରିଖ ସନ୍ଧ୍ୟା ୭ଟା ସମୟରେ ବାରଗାଡ଼ିଆ ଗ୍ରାମର ସଞ୍ଜୟ କୁମାର ମଲ୍ଲିକ ବିଆର୍‌ପିଏଲ୍ ଛକ ନିକଟରେ ବାଇକରେ ଯାଜପୁର ରୋଡ଼ରୁ ଘରକୁ ଯାଉଥିବାବେଳ ଦୁଇଜଣ ଯୁବକ ଏକ ବାଇକରେ ପହଞ୍ଚି ତାଙ୍କ ମୋବାଇଲଟିକୁ ଛଡେଇ ନେଇ ଯାଇଥିଲେ। ସେ କଳିଙ୍ଗନଗର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଗିରଫ ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ପୁଲିସ କହିଛି।

## ବଡ଼ଚଣାରେ ଡାକ୍ତରଙ୍କ ଆନ୍ଦୋଳନ



ବଡଚଣା,୨୭।୧୨(ସମିସ): ବିଭିନ୍ନ ଦାବି ନେଇ ଗତ ବର୍ଷ ଜାନୁଆରୀ ମାସ ଠାରୁ ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଡାକ୍ତରମାନେ ଧାରଣା ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାର ଏମାନଙ୍କର ଦାବି ପୂରଣ କରିନାହାନ୍ତି। ଏହି ସବୁ ଦାବି ମଧ୍ୟରେ ରହିଛି ସାରା ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦ ଅପେକ୍ଷା ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି ପଡ଼ିଛି। ଏସବୁକୁ ପୂରଣ କରିବା, ଦରମା ବୃଦ୍ଧି, ସ୍ୱାସ୍ଥ୍ୟ ବୀମା ଓ ବାହାର ଡାକ୍ତରଙ୍କୁ ସମାନ ସୁବିଧା ପ୍ରଦାନ କରିବା। ତେବେ ଗୋଟିଏ ବର୍ଷ ପରେ ବି ସରକାର ଏହିସବୁ ଦାବି ପ୍ରତି ଗୁରୁତ୍ୱ ଦେଇନଥିବା ପ୍ରତିବାଦରେ ଆଜି ଠାରୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ଦିନ ୧୦ ଟାରୁ ୧୧ଟା ପର୍ଯ୍ୟନ୍ତ ଏକ ଘଣ୍ଟିଆ ଆନ୍ଦୋଳନ ଆରମ୍ଭ କରିଥିବା ଦେଖିବାକୁ ମିଳିଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଆଶିଷ କାର୍ଜି, ଡାକ୍ତର ସୁରଞ୍ଜନ ମହାପାତ୍ର, ଡାକ୍ତର ସୁରଜ ଦଣ୍ଡପାଟ, ଡାକ୍ତର ପ୍ରବୀଣ ଟୋପ୍ନ ଓ ଡାକ୍ତର ନରୋତ୍ତମ ରଥ ପ୍ରମୁଖ ଆଜିର ଏହି ଏକ ଘଣ୍ଟିଆ ଆନ୍ଦୋଳନରେ ସାମିଲ ହୋଇଥିଲେ। ଯଦି ଚଳିତ ମାସ ୩୧ ତାରିଖ ସୁଦ୍ଧା ଯଦି ସରକାର ଡାକ୍ତରମାନଙ୍କର ଦାବି ପୂରଣ ନକରନ୍ତି ତେବେ ଆସନ୍ତା ଜାନୁଆରୀ ମାସ ପହିଲା ଠାରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଆନ୍ଦୋଳନକାରୀ ଡାକ୍ତର ମାନେ ସୂଚନା ଦେଇଛନ୍ତି।

## ଧର୍ମପ୍ରାଣାଙ୍କ ପରଲୋକ

ଧର୍ମଶାଳା,୨୭।୧୨(ସମିସ): ଧର୍ମଶାଳା ବ୍ଲକ ଉତ୍ତର ପ୍ରତାପ ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ସ୍ୱର୍ଗତ ବଟକୃଷ୍ଣ ମହାନ୍ତିଙ୍କ ଧର୍ମପତ୍ନୀ ସୁଷମା ମହାନ୍ତିଙ୍କ ଗତକାଲି ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ଚିତ୍ତରଞ୍ଜନ ମହାନ୍ତି, ନାତି ସିଦ୍ଧାର୍ଥ, ନାତୁଣୀ ବୋହୂ ଅର୍ପିତା ଝିଅ ସୌଦାମିନୀ, ପ୍ରମୋଦିନୀ ଓ ପଦ୍ମିନୀ ପ୍ରମୁଖ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣ, ପରୋପକାରୀ ଓ ଅନୁଷ୍ଠାନ ପ୍ରେମୀ ମହିଳା ଥିଲେ। ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁତ୍ର ଡ. ଚିତ୍ତରଞ୍ଜନ ମହାନ୍ତି ମୁଖାଗ୍ନି ଦେଇଥିଲେ।



## ■ ଚାଷୀଙ୍କୁ ବିଲରେ ଆକ୍ରମଣ ଘଟଣା

## ଜେଲ୍ ଗଲା ଅଭିଯୁକ୍ତ ଦିଲ୍ଲୁ

କୟାଁଗୋଲା,୨୭।୧୨(ସମିସ): ମଙ୍ଗଳପୁର ଥାନା ଧନୀପୁର ଅଞ୍ଚଳର ଯୁବ ଚାଷୀ ବଳରାମ ବେହେରା (୩୪) ନିଜ ଚାଷ ଜମିରେ ଡାଲୁଅ ଧାନ ଚାଷ କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ବିଲରେ ପାଣିମଡ଼ାକୁ ନେଇ ସେହି ଥାନା ଅନ୍ତର୍ଗତ ଖାନନଗର ଅଞ୍ଚଳର ଦିଲ୍ଲୀପ ଯେନା ଏବଂ ତାର ଆଉ ଜଣେ ସହଯୋଗୀ ହଠାତ ସେଠାରେ ପହଞ୍ଚି ବଳରାମକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ବଳରାମ ପ୍ରତିବାଦ କରିବାରୁ ସମ୍ପୃକ୍ତ ୨ ଅଭିଯୁକ୍ତ ମିଳିମିଶି ବଳରାମଙ୍କୁ କାଦୁଅ ପାଣି ଭର୍ତ୍ତି ଚାଷ ଜମିରେ ପକାଇ ପ୍ରବଳ ମାଡ଼ ମାରିଥିଲେ। ବଳରାମ ଦରମରା ହୋଇପଡିବା ପରେ ୩ ଦୁର୍ବୃତ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଖବର ପାଇ ବଳରାମଙ୍କ ପତ୍ନୀ ସୁନିତା ପରିଡ଼ା ପଡ଼ୋଶୀଙ୍କୁ ଡକାହକା କରି ଗୁରୁତର ଅବସ୍ଥାରେ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ବଳରାମକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଘଟଣାକୁ ନେଇ ବଳରାମଙ୍କ ପତ୍ନୀ ସୁନିତା ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରି ଅଭିଯୁକ୍ତ ଦୁର୍ବୃର୍ତ୍ତଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିବା ପରେ ଅଭିଯୋଗକୁ ଭିତ୍ତିକରି ମଙ୍ଗଳପୁର ଥାନା ଏଏସଆଇ ଜଟାଧାରୀ ଦାସ କେଶ ନଂ ୩୯୨/୨୫ରେ ଏକ ମାମଲା ରୁଜୁ କରି ଅଭିଯୋଗର ଆଧାରରେ ଘଟଣାରେ ଅଭିଯୁକ୍ତ ଦିଲ୍ଲୀପ ଯେନାଙ୍କୁ ଗତକାଲି ଠାରୁ ଥାନାରେ ଅଟକ ରଖିଥିଲା। ଆଜି ମଙ୍ଗଳପୁର ମେଡିକାଲରେ ଦିଲ୍ଲୀପର ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାକୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଦିଲ୍ଲୀପ ଜେଲ ଯାଇଥିବା ଜଣାଯାଇଛି।

## ଯାଜପୁର ରୋଡ୍ ଧାମରା ରେଳପଥ ପ୍ରକଳ୍ପ ପାଇଁ ଦାବି



ଯାଜପୁର,୨୭।୧୨(ସମିସ): ଯାଜପୁର ରୋଡ୍ ଧାମରା ରେଳପଥ ସଂଗ୍ରାମ ପରିଷଦର ଅଧ୍ୟକ୍ଷ ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଯାଜପୁର ଟାଉନ ସ୍ଥିତ ଶାନ୍ତି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଗତ ଡିସେମ୍ବର ୧୫ ତାରିଖ ଦିଲ୍ଲୀ ସଂସଦ ମାର୍ଗରେ ପରିଷଦ ପକ୍ଷରୁ ଶତାଧିକ ଜନସଧାରଣଙ୍କ ଧାରଣା ସମୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶ୍ରୀ ଖୁଣ୍ଟିଆଙ୍କ ସହ ଆଲୋଚନା କରି ଆଗାମୀ ସଂସଦ ଅଧିବେଶନରେ ଯାଜପୁର ରୋଡ୍-ଧାମରା ରେଳପଥ ଭାୟା ଯାଜପୁର ଟାଉନ, ଆରଡ଼ି ଓ ଭିତରକନିକା ବାବଦରେ ନିଶ୍ଚିତ ଅର୍ଥ ମଞ୍ଜୁର ହେବ ଓ ଯାଜପୁର ରୋଡ୍‌କୁ ଡିଭିଜନ୍ ଘୋଷଣା କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିବାରୁ ଧାରଣାକୁ ପ୍ରତ୍ୟାହାର କରାଯାଇଥିଲା ବୋଲି ଖୁଣ୍ଟିଆ କହିଥିଲେ। ଆଗାମୀ ୨୦୨୬ ମାର୍ଚ୍ଚ ମାସ ଭିତରେ ମନ୍ତ୍ରୀ ଯଦି ତାଙ୍କ ପ୍ରତିଶ୍ରୁତି ପୂରଣ ନ କରନ୍ତି ତେବେ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ହଜାର ହଜାର ଲୋକ ଆନ୍ଦୋଳନ, ବିକ୍ଷୋଭ, ଜନ ଜାଗରଣ ମାଧ୍ୟମରେ ରାସ୍ତାରୋକ ବିଭିନ୍ନ ବ୍ଲକସ୍ତରରେ କରାଯିବ ବୋଲି ପରିଷଦର ସଂଯୋଜକ ପଦ୍ମାକର ଗୁରୁ କହିଛନ୍ତି। ପରିଷଦର ଆବାହକ ସନ୍ତୋଷ କୁମାର ନନ୍ଦ, ଉପସଭାପତି ଡାକ୍ତର ରାଜକିଶୋର ପଣ୍ଡା, ତପନ ମହାରଣ୍ୟ ଶର୍ମା, ଡ. ସୁବ୍ରତ କୁମାର ପୃଷ୍ଟି, ଦିଲ୍ଲୀପ କୁମାର ଦାଶ, ଭାସ୍କର ମହାନ୍ତି, ମାନସ ରଞ୍ଜନ କର, ପଦ୍ମନାଭ ଜେନା ପ୍ରମୁଖ ପରିଷଦର ବରିଷ୍ଠ କର୍ମକର୍ତ୍ତା ଗଣ ଉପସ୍ଥିତ ରହିଥିବା ବେଳେ କାର୍ଯ୍ୟକ୍ରମକୁ ଗଣମାଧ୍ୟମ ସଂଯୋଜକ ଆଦିତ୍ୟ ମହାନ୍ତି ସଂଯୋଜନ କରିଥିଲେ।

## ଗୋପାଳ ବୈଷ୍ଣବ ସମାଜର ସମାରୋହ

ଧର୍ମଶାଳା,୨୭।୧୨(ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଆଜି ଉତ୍କଳୀୟ ଗୋପାଳ ବୈଷ୍ଣବ ସମାଜର ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାପତି ଧ୍ରୁବଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଗୋପାଳ ବୈଷ୍ଣବ ସମାଜର କର୍ମକର୍ତ୍ତାମାନେ ଅତିଥି ଭାବେ ଯୋଗଦେଇ ଗୋପାଳ ବୈଷ୍ଣବ ଧର୍ମର ମହାତ୍ମ୍ୟ ଓ ସଂସ୍କୃତି ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ହାଡିବନ୍ଧୁ ଦାସ, ନରହରି ଦାସ, କାମଦେବ ଦାସ, ଅଶୋକ କୁମାର ଦାସ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ବିନୋଦ ବିହାରୀ ଦାସ, ସରୋଜକାନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ବିଦ୍ୟାଧର ଦାସ ଓ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଗୋପାଳ ବୈଷ୍ଣବ ଜାତିର ବରିଷ୍ଠ କର୍ମକର୍ତ୍ତା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନର କର୍ମକର୍ତ୍ତା କଳ୍ପତରୁ ଦାସ, ଅଶୋକ କୁମାର ଦାସ, ପ୍ରଶାନ୍ତ କୁମାର ଦାସ, ସୁରେନ୍ଦ୍ର ଦାସ ଓ ରବୀନ୍ଦ୍ରନାଥ ଦାସ ପ୍ରମୁଖ ସଂଗଠନର ବିକାଶ ଉପରେ ଆଲୋଚନା କରିଥିଲେ। ସଦସ୍ୟ ମନୋଜ କୁମାର ଦାସ ଧନ୍ୟବାଦ ଦେଇଥିଲେ।




# ଇମ୍ଫା ତରଫରୁ ସ୍ୱାସ୍ଥ୍ୟ ଶିବିର

ଦାନଗଦି/ଯଖପୁରା,୨୭।୧୨(ସମିସ): ଇମ୍ଫା ଶିଳ୍ପ ଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ତରଫରୁ ଏକ ସ୍ୱାସ୍ଥ୍ୟସେବା ଶିବିର ସ୍ଥାନୀୟ କୁମାରଗାଡିଆ ନୋଡାଲ ୟୁପି ସ୍କୁଲ, କୁମ୍ଭୀରଗାଡ଼ିଆ ପଞ୍ଚାୟତ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟଶିବିରକୁ ପଞ୍ଚାୟତର ସରପଞ୍ଚ ବିନୋଦ ବିହାରୀ ଦଳେଇ ଏବଂ ଇମ୍ଫା ଶିଳ୍ପ ଗୋଷ୍ଠୀର ସାଧାରଣ ପ୍ରବନ୍ଧକ ସଞ୍ଜୟ ଗୁଲାଟି ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅଞ୍ଚଳର ବିଶିଷ୍ଟ ସମାଜସେବୀ ସଞ୍ଜୟ କୁମାର ମହାନ୍ତି, କୃପାସିନ୍ଧୁ ସାମନ୍ତରାୟ, ଜୟପ୍ରକାଶ ସାହୁ, ପଞ୍ଚାୟତର ସଭାପତି ବଳରାମ ଆଇଚ, ପ୍ରଶାନ୍ତ ଜେନା, ପଞ୍ଚାୟତର ସମିତିସଭ୍ୟ ଓ ଲକ୍ଷ୍ମୀବଲ୍ଲଭ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଇମ୍ଫା ତରଫରୁ ଡିଜିଏମ୍ ବାସୁଦେବ ମୁଣ୍ଡା, ପ୍ରିୟବ୍ରତ କେଶି, ଇମ୍ଫା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ଯୋଗଦେଇଥିଲେ। କୁମାରଗାଡିଆ ନୋଡାଲ ୟୁପି ସ୍କୁଲର ପ୍ରଧାନଶିକ୍ଷକ ଅନିରୁଦ୍ଧ ତରାଇଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ଦାନଗଦି ବ୍ଲକ ସିଏଚ୍‌ସିର ବରିଷ୍ଠ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ଜ୍ୟୋତି ମହାପାତ୍ର, ଶିଶୁରୋଗ ବିଭାଗର ଡା. ପ୍ରୟାଗଜିତ ରାଉତରାୟ, ଭେଷଜ ବିଭାଗର ଡା. ସାଇ ସିକନ ଯୋଗ ଦେଇଥିଲା ବେଳେ ଅନ୍ୟତମ ଭେଷଜ ଡାକ୍ତର ଭାବେ ଡା. ପ୍ରଶାନ୍ତ କୁମାର ଦାସ ଯୋଗ ଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଚିକିତ୍ସା କରିଥିଲେ। ଶିବିରକୁ ସୁଜିତ କୁମାର ରାଉତ, ଇମ୍ଫା ଲୋକସମ୍ପର୍କ ଅଧିକାରୀ ଓ ଫାଉଣ୍ଡେସନର ମ୍ୟାନେଜର ଆଶିଷ ଦାସ ପରିଚାଳନା କରିଥିଲେ। ଏହି ସ୍ୱାସ୍ଥ୍ୟସେବା ଶିବିରରେ ସ୍ଥାନୀୟ କୁମ୍ଭୀରଗାଡିଆ, ଟିକର, ମାରୁତିକର, ଜଗଡିହ, ଛତ୍ରକଣ ଓ ଦାମୋଦରପୁର ଇତ୍ୟାଦି ଗ୍ରାମର ପ୍ରାୟ ୩୯୫ ଜଣ ରୋଗୀଙ୍କ ଚିକିତ୍ସା କରାଯିବା ସହିତ ଔଷଧ ବଣ୍ଟାଯାଇଥିଲା। ଏହି ସ୍ୱାସ୍ଥ୍ୟଶିବିରରେ ଗ୍ରାମର ଧନେଶ୍ୱର ବିଶ୍ୱାଳ, ହୃଷୀକେଶ ଦାସ, ସ୍କୁଲ ସଭାପତି ଅକ୍ଷୟ କୁମାର ଦାସ, ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ମୁଣ୍ଡା, କୁମ୍ଭୀରଗାଡ଼ିଆ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର କମ୍ୟୁନିଟି ହେଲ୍‌ଥ ଅଫିସର ସୁଚିସ୍ମିତା ନାୟକ ଏବଂ ଫାଉଣ୍ଡେସନର ପ୍ରୋଗ୍ରାମ ଅଫିସର ସୁପ୍ରଭା ପ୍ରଧାନ, ମହାମାୟା ମହାଦେବ ପାଳ ପ୍ରମୁଖ ସହଯୋଗ କରିଥିଲେ।




## କଳିଙ୍ଗ ଭାରତୀ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା

ଯାଜପୁର,୨୭।୧୨(ସମିସ): ଗୌତମ ବୁଦ୍ଧ ସଂସ୍କୃତି ଭବନରେ କଳିଙ୍ଗ ଭାରତୀ ପୋକ୍ ଡ୍ୟାନ୍ସ ଏଣ୍ଡ ମ୍ୟୁଜିକ ସେଣ୍ଟର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ପ୍ରାକ୍ତନ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଡ. ଧରଣୀଧର ନାଥ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମାଜସେବୀ ଡ. ସୁବାସ ପାଣି ପ୍ରମୁଖ ଯୋଗ ଦେଇଥିବା ବେଳେ ବଳରାମ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ କୈଳାଶ ଚନ୍ଦ୍ର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଯାଜପୁର କଳା, ଐତିହ୍ୟ ଓ ସଂସ୍କୃତିର ପ୍ରାଚୀନ ପୀଠ ସ୍ଥଳି ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭୂଲେଖ ବନ୍ଦୋବସ୍ତର ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ, ପୁରୁଣା ସଙ୍ଗୀତର ଅଭୁଲା ସ୍ମୃତି ସବୁଦିନ ପାଇଁ ହୃଦୟରେ ଆଙ୍କି ହୋଇ ରହିଯାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଦାମୋଦର ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। ଅବସରପ୍ରାପ୍ତ ସେନାଧିକାରୀ ପ୍ରଦୀପ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ରସଂସଦ ବାର୍ଷିକ ଉତ୍ସବ

ଧର୍ମଶାଳା,୨୭।୧୨(ସମିସ):



ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦର ୧୫ତମ ବାର୍ଷିକ ଓ ସ୍କୁଲର ୭୮ତମ ପ୍ରତିଷ୍ଠା ଦିବସ ଆଜି ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଡା. ବିଜୟ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ ଉଦଉଘାଟକ ଭାବେ ଯୋଗଦେଇଥିଲେ।ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡ. ରବୀନ୍ଦ୍ର ବିହାରୀ ମୁଖ୍ୟଅତିଥି ଭାବେ, ଅଧ୍ୟାପିକା ଡ. ରୋଜାଲିନ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦର ସ୍ମରଣିକା 'ବାଣୀ ବିତାନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ପୁରାତନ ଛାତ୍ର ଅଧ୍ୟାପକ ବିଜୟ କୁମାର ନାୟକଙ୍କ ପ୍ରଥମ କବିତା ପୁସ୍ତକ 'ପ୍ରୀତିପୁଷ୍ପ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁଙ୍କୁ ବଟକୃଷ୍ଣ ବରାଳ ସ୍ମୃତି ମେଧାବୃତ୍ତି, ଛାତ୍ର ରାଜେଶ ପରିଡ଼ାଙ୍କୁ ପଣ୍ଡିତ ମଧୁସୂଦନ ମହାପାତ୍ର ସ୍ମୃତି ମେଧାବୃତ୍ତି, ଛାତ୍ର ସତ୍ୟଜିତ ସାହୁ ଓ ରୋହିତ ପ୍ରଧାନଙ୍କୁ ଇଂ.ବୈକୁଣ୍ଠ ନାଥନାଥ ନାୟକ ଦରିଦ୍ର ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ସେହିପରି ବାଣୀପୀଠର ୧୯୬୪ ମସିହା ବ୍ୟାଚର ପୁରାତନ ଛାତ୍ର ବଟକୃଷ୍ଣ ମହାନ୍ତି, ପଦ୍ମଚରଣ ପ୍ରଧାନ, ବସନ୍ତ କିଶୋର ସାହୁ, ନଟବର ସାହୁ, କ୍ଷେତ୍ରବାସୀ ସେଠୀ, କାମଦେବ ଶତପଥୀ ଓ ମହମ୍ମଦ ଫରାହିମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷକ ବାସୁଦେବ ରାଉଳ ସୂଚନା ପ୍ରଦାନ କରିଥିଲେ। ସଂପାଦକ ଆଦିକନ୍ଦ ସ୍ୱାଇଁ ସଂପାଦକୀୟ ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କୃତପ୍ରାପ୍ତ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ଡ. ରାଜକିଶୋର ପାଢ଼ୀ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସିଂହ, ଶିକ୍ଷାବିତ ଜୀତେନ୍ଦ୍ର କର, ସମାଜସେବୀ ମିନତୀ ସାହୁ, ମାଧୁରୀ ଶତପଥୀ, ଲୋପାମୁଦ୍ରା ସଣ୍ଢ, ସରୋଜିନୀ ପଣ୍ଡା, ପ୍ରଧାନ ଶିକ୍ଷକ ଜଗବନ୍ଧୁ ସ୍ୱାଇଁ, ପୁରାତନ ଛାତ୍ର ରମଣିକ ଲାଲ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ବିବେକାନନ୍ଦ ନାୟକ, କେଳୁଚରଣ ନାୟକ, ହରିହର ସାହୁ, ଧରଣୀଧର ଦାଶ, ଆଇନଜୀବୀ ସୋମନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପୁରାତନ ଛାତ୍ର ପ୍ରବୋଧ ପାତ୍ର ଧନ୍ୟବାଦ ଦେଇଥିଲେ।



## ବିଦେଇପୁର ସେବା ସମବାୟ ସମିତି ବୈଠକ

# ଧାନମଣ୍ଡି ଖୋଲିବାକୁ ଚାଷୀଙ୍କ ଦାବି



**ବାସୁଦେବପୁର, ୨୭ ।୧୨(ସମିସ):** ବାସୁଦେବପୁର ବ୍ଲକର ବିଦେଇପୁର ସୋସାଇଟିରେ ବାଲିମେଦ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ଏସଏଆରସିଏସ ବାବାଜୀ ମଲିକ, ମହେନ୍ଦ୍ର ପ୍ରସାଦ ନାୟକ, ବାଲେଶ୍ୱର-ଭଦ୍ରକ କୋଅପରେଟିଭ୍ ବ୍ୟାଙ୍କର ନିର୍ଦ୍ଦେଶକ ନିରଞ୍ଜନ ଦାସ, ବିଦେଇପୁର ସୋସାଇଟିର ସମ୍ପାଦକ ରତିକାନ୍ତ ରାଉତ, ବାଲିମେଦ ସୋସାଇଟିର ସମ୍ପାଦକ ଶ୍ରୀଧର ପ୍ରସାଦ ନାୟକ, ବୋର୍ଡ ମେମ୍ବର ଅମୂଲ୍ୟ କୁମାର ମାଇତି ଓ ଆଖପାଖ ଅଞ୍ଚଳର ଚାଷୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ବୈଠକରେ ବାର୍ଷିକ ବିବରଣୀ, ଆଉ ବ୍ୟୟର ହିସାବ, ବଜେଟ ଉପସ୍ଥାପନ, ରାଜ୍ୟ ସରକାର ଦ୍ୱାରା ପ୍ରସ୍ତୁତ ହୋଇଥିବା ଧାନ କ୍ରୟ ନୀତି ନିୟମ ସମ୍ପର୍କରେ ଆଲୋଚନା, ସମିତିର ସମସ୍ୟା, ଜାଗା ସମସ୍ୟା, ଗୋଦାମ ଘର ସମସ୍ୟା ସମ୍ପର୍କରେ ବିଷଦ ଭାବେ ଆଲୋଚନା କରାଯାଇଥିଲା । ମିଲର ଓ ଜିଲ୍ଲା ପ୍ରଶାସନ ସହିତ ସଂଯୋଗ ସ୍ଥାପନ କରି ନିର୍ଦ୍ଧାରିତ ସମୟରେ ଧାନ କିଣିବାକୁ ଚାଷୀ ପ୍ରସ୍ତାବ ଦେଇଥିଲେ । ଏଫସିଆଇ ମିଲରଙ୍କଠାରୁ ଚାଉଳ ଉଠାଇ ନ ଥିବାରୁ ମିଲ୍‌ରେ ଧାନ ରଖିବାକୁ ପର୍ଯ୍ୟାପ୍ତ ଜାଗା ନ ଥିବାରୁ ଧାନ କିଣାରେ ମୁଖ୍ୟ ସମସ୍ୟା ଦେଖାଦେବ । ଚାଷୀଙ୍କ ପ୍ରଶ୍ନର ଉତ୍ତର ଦେଇ ଏସଏଆରସିଏସ କହିଥିଲେ ୩୦ କ୍ୱିଣ୍ଟାଲ ଧାନ ଦେଲେ ରାସନ କାର୍ଡ କଟାଯିବ ପ୍ରସ୍ତାବ କିଛି ସରକାର ନାହିଁ । ଏହା ଏକ ଗାଉଁଲି ଗୁଜବ ଅଟେ । ଏଥର ଧାନ ଭଲ ହୋଇଥିବାରୁ କଟ୍‌ନୀ ଛଟନୀର କିଛି ପ୍ରସ୍ତାବ ସରକାର କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ନାହିଁ ବୋଲି ଏସଏଆରସିଏସ ବାବାଜୀ ମଲିକ ସୂଚନା ପ୍ରଦାନ କରିଛନ୍ତି ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍‌ରେ ପ୍ରଶାସନ ଏକାଦଶ ବିଜୟୀ



**ଭଦ୍ରକ, ୨୭ ।୧୨(ସମିସ):** ଭଦ୍ରକ ଚରମ୍ପା ଆରସିବିଏଲ ହାଇସ୍କୁଲ ପଡ଼ିଆରେ ଚରମ୍ପା ଯୁବକ ସଂଘ ପକ୍ଷରୁ ଆଜି ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ୍ ପ୍ରଶାସନ ଏକାଦଶ ଓ ବିଧାୟକ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଶାସନ ଏକାଦଶ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୭୮ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ବିଧାୟକ ଏକାଦଶ ୨୦ ଓଭର ଖେଳି ୯ ୱିକେଟ ବିନିମୟରେ ୨୨୧ ରନ୍ ସଂଗ୍ରହ କରି ପରାଜୟବରଣ କରିଥିଲା । ଏହି ମ୍ୟାଚ୍‌ରେ ପ୍ରଶାସନ ଏକାଦଶର ବୁଡନ ମାଝୀ ୫୨ ବଲ୍‌ରେ ୧୨୪ ରନ୍ କରି ମ୍ୟାନ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ । ତାଙ୍କୁ ଯୁବକ ସଂଘ ସମ୍ପାଦକ ମଦନମୋହନ ମହାନ୍ତି ପୁରସ୍କୃତ କରିଥିଲେ । ଖେଳକୁ ଲଲାଟକେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସଭାପତି ପଦ୍ମଲାଭ ପଣ୍ଡା ବିଜେତା ଦଳକୁ ପୁରସ୍କୃତ କରିଥିଲେ । ରନର୍ସଅପ୍ ଦଳକୁ ରୋଟାରିଆନ୍ ଶିଶିର ମିଶ୍ର ପୁରସ୍କୃତ କରିଥିଲେ । ବିଧାୟକ ଏକାଦଶ କ୍ୟାପଟେନ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ସମସ୍ତ ଖେଳାଳୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଣି କଳରୁ ବାହାରୁନି ପାଣି

**ଦୋଳସାହି, ୨୭ ।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ସମସ୍ତ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଥିବା ପାଣିକଳରୁ ବିଭିନ୍ନ ସ୍ଥାନରେ ଅଚଳ ହୋଇ ପଡ଼ିରହିଥିବାବେଳେ ଅନେକ ସ୍ଥାନରେ ପିଇବା ପାଇଁ ଅନୁପଯୋଗୀ ହୋଇଥିବା କାରଣରୁ ଅଚଳ ହୋଇ ପଡ଼ିରହିଥିବା ସୂଚନା ମିଳିଛି । ସରକାର ପିଇବା ପାଇଁ ପାଣିକଳ ନିର୍ମାଣ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏହି ପାଣିକଳ ବ୍ୟବହାର ହୋଇପାରୁନଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ସାଧାରଣରେ ଅଲୋଚନା ହେଉଛି ସରକାର କା ମାଲ ଦରିଆମେ ଡାଲ୍ । ଦୋଳସାହି ପଞ୍ଚାୟତରେ ଅବସ୍ଥିତ ରାଜସ୍ୱ ବିଭାଗ କାର୍ଯ୍ୟାଳୟ ପରିସରରେ ନିର୍ମାଣ ହୋଇଥିବା ୩ଟି ପାଣି କଳ ଅଚଳ ହୋଇ ପଡ଼ିରହିଥିବାବେଳେ ବାହାରୁ ପିଇବା ପାଣି ଆଣି ପିଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତିହିଡ଼ି ବ୍ଲକ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ସୀମାରେ ଯାତାୟାତ ଯନ୍ତ୍ରଣା

# କେବେ ନିର୍ମାଣ ହେବ ମରେଇଗାଁ-ବଳୀପୁର ରାସ୍ତା



**ବାରିକପୁର, ୨୭।୧୨(ସମିସ)**

ସରକାର ଗମନାଗମନ ସୁବିଧା ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିବା ପ୍ରଚାର ପ୍ରସାର କରୁଛନ୍ତି । ପାଣି ଭଳି ଅର୍ଥ ଖର୍ଚ୍ଚ ହୋଇ ବିଭିନ୍ନ ସ୍ଥାନରେ କଂକ୍ରିଟ ଓ ପିଚୁ ରାସ୍ତା ନିର୍ମାଣ ହେଉଛି । ଏପରି ସ୍ଥଳେ ଆଜି ସୁଦ୍ଧା ଅନେକ ଅଞ୍ଚଳର ଲୋକେ ଦୀର୍ଘ ବର୍ଷ ଧରି ଗମନାଗମନ ସୁବିଧାରୁ ବଞ୍ଚିତ ହୋଇଛନ୍ତି । ପ୍ରଶାସନିକ ଅବହେଳା ହେଉ କିମ୍ବା ଅନ୍ୟକୌଣସି କାରଣରୁ ଜନସାଧାରଣ ଯାତାୟାତ ପାଇଁ ଦୈନିକ କଷ୍ଟ ଭୋଗୁଛନ୍ତି ।

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ବ୍ଲକ ମଞ୍ଜୁରୀରୋଡ ନିକଟସ୍ଥ ବଳୀପୁରଠାରୁ ପଡ଼ୋଶୀ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ମରେଇଗାଁକୁ ସଂଯୋଗ କରୁଥିବା ବୈତରଣୀ ବାମ ପାର୍ଶ୍ୱ ନଦୀବନ୍ଧ ରାସ୍ତା ଦୀର୍ଘ ଦିନ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଲୋକମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଦୁଇ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଏହା ଉପରେ ଦୃଷ୍ଟି ଦେଉନାହାନ୍ତି । ପ୍ରଥମେ ବନ୍ଧ ରାସ୍ତାଟି ଶାଳପଡ଼ା ଜଳସମ୍ପଦ ବିଭାଗ ହାତରେ ରହିଥିଲା । ତେଣୁ ବିଭାଗ ଏହା ଉପରେ ୨୦୧୬ରେ ପିଚୁ ନିର୍ମାଣ କରିଥିଲା । ପ୍ରାୟ ୧୦/୧୨ କିମି ବନ୍ଧ ରାସ୍ତାକୁ ନବୀକରଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ପରିତାପର ବିଷୟ ନିର୍ମାଣର ଅଳ୍ପ କେତେ ମାସ ପରେ ସମ୍ପୂର୍ଣ୍ଣ ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଥିଲା । ଧିରେ ଧିରେ ରାସ୍ତାରୁ ପିଚ୍ ଓ ମେଟାଲ ଉଠି ଯାଇଥିବାବେଳେ ଏବେ ପଥଟି ନାଲି ବାଲି ମାଟିରେ ପରିପୂର୍ଣ୍ଣ ହୋଇଛି । ଦୈନିକ ଏହା ଉପରେ ବାଲି ଓ ଇଟା ଗାଡି ସହିତ ଅନ୍ୟାନ୍ୟ ମାଲବାହୀ ଯାନ ଚଳପ୍ରଚଳ କରୁଥିବା ଯୋଗୁଁ ରାସ୍ତା ଦିନକୁ ଦିନ ଅତ୍ୟନ୍ତ ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି । ବିଶେଷକରି ବାଇକ ଓ ସାଇକଲ ଆରୋହୀ ବନ୍ଧ ରାସ୍ତା ରେ ଯିବା ପାଇଁ ସୁରକ୍ଷିତ ମଣୁନାହାନ୍ତି । ଏହି ବାଟ ଦେଇ ଦୁଇ ଗୋଟି ଜିଲ୍ଲା ସମେତ ଯାଜପୁର ଜିଲ୍ଲାର କୋରେଇ ଅଞ୍ଚଳ ଜନସାଧାରଣ ଦୈନିକ ଯାତାୟାତ କରିଥା'ନ୍ତି । ଏବେ ଏହି ରାସ୍ତା ପୂର୍ତ୍ତ ବିଭାଗ ହାତକୁ ଯାଇଥିବା ଯୋଗୁଁ ଜଳସମ୍ପଦ ବିଭାଗ ଏହା ଉପରେ କୌଣସି ମରାମତି କାର୍ଯ୍ୟ କରୁନାହିଁ । ଫଳରେ ସୀମାନ୍ତ ଅଞ୍ଚଳରେ ହଜାର ହଜାର ଜନସାଧାରଣ ପ୍ରତ୍ୟେକ ଦିନ ଯାତାୟାତ ଯନ୍ତ୍ରଣା ଭୋଗୁଛନ୍ତି । ତେଣୁ ଏହା ଉପରେ ଦୁଇଟି ଜିଲ୍ଲାର ବିଧାୟକ ଓ ସାଂସଦ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

### ସେମାନେ ଯାହା କୁହନ୍ତି...



ରାସ୍ତାରେ ଦୈନିକ ଯାତାୟାତ କରିବା କଷ୍ଟକର ହେଉଛି । ଏଥିପାଇଁ ଆମେ ଅନେକ ବାର ପ୍ରଶାସନକୁ ଜଣାଇଛୁ । ରାସ୍ତାଟି କେନ୍ଦୁଝର ଜିଲ୍ଲା ପ୍ରଶାସନ ହାତରେ ଥିବା ହେତୁ ସେମାନେ ଏହା ଉପରେ ସଠିକ ଦୃଷ୍ଟି ଦେଉନଥିବା ମନେ ହେଉଛି । **-ଶରତ ଚନ୍ଦ୍ର ଜେନା, ସ୍ୱେଚ୍ଛାସେବୀ**



ଆମ ଗାଁର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଦୈନିକ ଏହି ରାସ୍ତାରେ ଯାତାୟାତ କରୁଛନ୍ତି । ବନ୍ଧରେ ପ୍ରବଳ ଧୂଳି ଉଡ଼ିବା ଯୋଗୁଁ ଏହା ଆମକୁ ଅଧିକ ଯନ୍ତ୍ରଣା ଦେଉଛି । ଏହାଛଡା ସାଇକଲରେ ଯାତାୟାତ କରିବା ମଧ୍ୟ କଷ୍ଟକର ହେଉଛି । **-ବିଜୟ କୁମାର ସାହୁ, ଛାତ୍ର**



ପିଲାବେଳୁ ମାଟି ବାଲି ବନ୍ଧରେ ଯାତାୟାତ କରୁଥିଲୁ । କିଛି ବର୍ଷ ପୂର୍ବରୁ ରାସ୍ତାଟି ପିଚ ନିର୍ମାଣ ହୋଇଥିବା ବେଳେ ତାହା ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ତେଣୁ ପୂର୍ବ ଭଳି ଯେମିତି ଯାତାୟାତ କରୁଥିଲୁ ଏବେବି ସେମିତି ରାସ୍ତାରେ ଯାଉଛୁ । **-ରମାକାନ୍ତ ଜେନା, ବରିଷ୍ଠ ନାଗରିକ**

## ଦୁଷ୍କର୍ମ ପୀଡ଼ିତା ପରିବାରକୁ ଭେଟିଲେ ରାଜ୍ୟ କଂଗ୍ରେସ ଟିମ୍

# ରାଜ୍ୟରେ ନାରୀଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଛି



**ଭଦ୍ରକ, ୨୭ ।୧୨(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲିର କୁନି ଝିଅକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କଲା କଂଗ୍ରେସ । ଆଜି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ବରିଷ୍ଠ ନେତା ଶ୍ରୀକାନ୍ତ ଜେନାଙ୍କ ସମେତ କଂଗ୍ରେସର ବହୁ ବରିଷ୍ଠ ନେତା ଚାନ୍ଦବାଲି ଗସ୍ତରେ ଆସି ପୀଡ଼ିତା ପରିବାରକୁ ସାକ୍ଷାତ କରିଥିଲେ । ସେମାନଙ୍କ ଭଲମନ୍ଦ ବୁଝିବା ସହ ଆଶ୍ୱାସନା ଦେଇଥିଲେ । ଏଥିସହିତ ସାରା ରାଜ୍ୟ ପରି ଚାନ୍ଦବାଲିରେ ବିଗୁଡୁଥିବା ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଉଦବେଗ ପ୍ରକାଶ କରିଥିଲେ । ବିଜେପି ଦଳ ସରକାରକୁ ଆସିବା ଦିନଠାରୁ ନାରୀମାନଙ୍କ ପ୍ରତି ଅତ୍ୟାଚାର ବଢ଼ିବାରେ ଲାଗିଛି ବୋଲି ପିସିସି ସଭାପତି ଶ୍ରୀ ଦାସ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । କଂଗ୍ରେସର ଏହି ପ୍ରତିନିଧି ଦଳରେ ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ପ୍ରମୁଖ ବହୁ ରାଜ୍ୟ ଓ ଜିଲ୍ଲା କଂଗ୍ରେସ ନେତା ଉପସ୍ଥିତ ଥିଲେ ।

## କବିତା ସଂକଳନ 'ଲଣ୍ଠନ ଭିତରେ ଜହ୍ନ' ଉନ୍ମୋଚିତ

**କୋରେଇ, ୨୭।୧୨(ସମିସ):** କୋରେଇ ମଣ୍ଡଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ କୋରେଇ ମହୋତ୍ସବ ମଞ୍ଚରେ ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତିଙ୍କ କବିତା ସଂକଳନ ଲଣ୍ଠନ ଭିତରେ ଜହ୍ନ ଉନ୍ମୋଚିତ ହୋଇଯାଇଛି । ଗୀତିକବି ନନ୍ଦକିଶୋର ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାରସ୍ୱତ ମଞ୍ଚରେ ମୁଖ୍ୟଅତିଥି ଭାବେ ଡ. ରାମଚନ୍ଦ୍ର ଖୁଣ୍ଟିଆ ମୁଖ୍ୟବକ୍ତା, ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚାନ୍ଦ, ସମ୍ମାନିତ ଅତିଥି ତଥା ଶ୍ରମିକ ନେତା ମାୟାଧର ନାୟକ, ପ୍ରାଣକୃଷ୍ଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ ମହାନ୍ତି, ସଂସଦର ସମ୍ପାଦକ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ଓ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ମାଝୀ ପ୍ରମୁଖ ପୁସ୍ତକକୁ ଉନ୍ମୋଚନ କରିଥିଲେ । ଭୁବନେଶ୍ୱରର ପୂର୍ବୀ ପ୍ରକାଶନୀ ଦ୍ୱାରା ପ୍ରସ୍ତୁତ ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତିଙ୍କ ଏହି କବିତା ସଂକଳନରେ ଜୀବନର ପ୍ରତିଟି ପଦକ୍ଷେପରେ ସାମ୍ନା କରୁଥିବା ଘଟଣା ଦୁର୍ଘଟଣାକୁ ସୁନ୍ଦର ଶବ୍ଦ ଆଉ ଭାବର ସମାହାରରେ ସଜାଇ ରଚନା କରିଥିବାର କଥା ମଞ୍ଚାସୀନ ଅତିଥି କହିଥିଲେ । ପ୍ରାରମ୍ଭରେ ସଂସଦର ସମ୍ପାଦକ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ଦୟାନିଧି ନାୟକ, ଡ. ମୋହନ ଖୁଣ୍ଟିଆ ଏବଂ କବି ବିନୋଦ ବିହାରୀ ଦାସ ଉପସ୍ଥିତ ଥିଲେ ।

## ନରସିଂହପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ



**ଅସୁରାଳି, ୨୭ ।୧୨(ସମିସ):** ଧୂଷୁରୀସ୍ଥ ଜଗନ୍ନାଥ ପଡ଼ିଆ ମାଇଦାନରେ ନରସିଂହପୁର ପ୍ରିମିୟର ଲିଗ (ଏନପିଏଲ) ସିଜନ-୬ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟନୀ ହୋଇଯାଇଛି । ଅତିଥି ଭାବେ ଧୂଷୁରୀ ପ୍ରେସ ୟୁନିଅନ ସଭାପତି ସନ୍ତୋଷ ଦାସ, ଧୂଷୁରୀ ଥାନା ସବଇନ୍ସପେକ୍ଟର ଧୀରେନ୍ଦ୍ର ନାୟକ, ଧୂଷୁରୀ ପ୍ରେସ ୟୁନିୟନ କୋଷାଧ୍ୟକ୍ଷ ସାମ୍ବାଦିକ ରତିକାନ୍ତ ନାୟକ, ଆଇଁଠି ସାହୁ ସୁଇଟ୍ସର ପ୍ରୋପାଇଟର ଅନନ୍ତ ସାହୁ, ସମାଜସେବୀ ସରୋଜ ରାଉତ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଅଞ୍ଚଳର ଯୁବ ଖେଳାଳିଙ୍କ ପାଇଁ ଏକ ମଞ୍ଚ ତିଆରି କରିଥିବା ସହ ସାମାଜିକ ଏକତା ଓ ଉତ୍ସାହର ପ୍ରତୀକ ଭାବେ ଦେଖାଯାଉଛି । ଉଦଘାଟନୀ ମ୍ୟାଚ ଦେଖିବାକୁ ଦୂରଦୂରାନ୍ତରୁ ଦର୍ଶକମାନେ ଆସିଥିଲେ । ଏହି ଉଦଘାଟନୀ ଅବସରରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦୁଇ ମ୍ୟାଚ୍ ୫ ଓଭର୍ ବିଶିଷ୍ଟ ହୋଇଥିବାବେଳେ ହସନପୁର ଓ ତାଳପଦା, କୂଳସାହି ଓ ଚୁନିଦା ମଧ୍ୟରେ ହୋଇଥିଲା । ଏଥିରେ ତାଳପଦା ଓ କୂଳସାହି ବିଜୟୀ ହୋଇଥିଲେ । ସେହିପରି ଶେଷ ଦୁଇ ମ୍ୟାଚ ୮ ଓଭର୍ ବିଶିଷ୍ଟ ହୋଇଥିଲା । ଏଥିରେ ସତ୍ୟ ଇଲେଭେନ ଭଦ୍ରକ ଓ ଦାଦା ଇଲେଭେନ ଅସ୍ତକ, ଏମ୍‌ବିସିଟି ମଲ୍ଲିକପୁର ଓ ଜ୍ୟୋତି ଇଲେଭେନ ଯାଜପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିବାବେଳେ ସତ୍ୟ ଇଲେଭେନ ଭଦ୍ରକ ଓ ଏମ୍‌ବିସିଟି ମଲ୍ଲିକପୁର ଦଳ ବିଜୟୀ ହୋଇଥିଲା । ଆସନ୍ତା ସୋମବାର ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ ।

## ଆବାସ ଯୋଜନାରେ ଅସହାୟ ମହିଳା ସାମିଲ

**ଦୋଳସାହି, ୨୭ ।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତର ଜଣେ ବିଧବା ଅସହାୟ ମହିଳାଙ୍କ ବାସଗୃହ ନ ଥିବା ନେଇ ଏଠି ସେଠି ଜୀବନଯାପନ କରୁଥିବାବେଳେ ସେ ଆବାସ ଯୋଜନାରୁ ବାଦ୍ ପଡ଼ିଥିଲେ । ବହୁ ଉଦ୍ୟମ କରି ମଧ୍ୟ ତାଙ୍କୁ ଖଣ୍ଡେ ଆବାସ ମିଳିପାରୁ ନ ଥିଲା । ଏଭଳି ସମୟରେ ତାଙ୍କୁ ସହାୟତାର ହାତ ବଢ଼ାଇଥିଲେ ଯୁବ ସମାଜସେବୀ ସତ୍ୟାନନ୍ଦ ପାଣିଗ୍ରାହୀ । ସମ୍ପୃକ୍ତ ବିଧବା ମହିଳାଙ୍କୁ ଆବାସ ଯୋଜନାରେ ସାମିଲ କରାଇ ଆବାସ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି । ଗୁଆମାଳ ପଞ୍ଚାୟତର ୭ନଂ ୱାର୍ଡର ନିରାଶ୍ରୟ ତଥା ବିଧବା ମାଳତି ଜେନା ବାସହୀନ ହୋଇ ଦୀର୍ଘବର୍ଷ ଧରି ବାରପିଣ୍ଡାରେ ଜୀବନଯାପନ କରୁଥିବାବେଳେ ତାଙ୍କୁ ଆବାସ ଯୋଜନାରେ ସାମିଲ କରାଇବାରେ ସକ୍ଷମ ହୋଇଛନ୍ତି ଯୁବ ସମାଜସେବୀ ସତ୍ୟାନନ୍ଦ ପାଣିଗ୍ରାହୀ । ତାଙ୍କର ଏହି ମଣିଷପଣିଆ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ଦଶମ ଶ୍ରେଣୀ ଇତିହାସ ଓ ରାଜନୀତି ବିଜ୍ଞାନ ବହିରେ ଭୁଲ୍ ତଥ୍ୟ

# ଭାରତ ଛାଡ଼ ଆନ୍ଦୋଳନରେ ଇରମ ଓ ସହିଦନଗର ସହିଦଙ୍କ ପ୍ରତି ଅପମାନ

**ଭଦ୍ରକ, ୨୭ ।୧୨(ସମିସ)**

୨୦୧୩ରେ ଓଡ଼ିଶା ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ଦଶମ ଶ୍ରେଣୀ ଇତିହାସ ଓ ରାଜନୀତି ବିଜ୍ଞାନ ବହିର ପୃଷ୍ଠା ସଂଖ୍ୟା- ୩୧୨ର ପାରା- ୩ ଓ ପାରା- ୫ରେ ଭାରତ ଛାଡ଼ ଆନ୍ଦୋଳନ ପରିପ୍ରେକ୍ଷୀରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଓ ବର୍ତ୍ତମାନର ଭଦ୍ରକ ଜିଲ୍ଲାର ସହିଦନଗର ଓ ଇରମରେ ସହିଦ ହୋଇଥିବା ସହିଦଙ୍କ ସଂଖ୍ୟା, ଗୁଳିକାଣ୍ଡର ସ୍ଥାନ ଓ ତାରିଖ ସମ୍ପର୍କରେ ସମ୍ପୂର୍ଣ୍ଣ ଭୁଲ୍ ଲେଖାହୋଇଥିବାରୁ ଭାରତର ଛାତ୍ର ଫେଡେରେସନ( ଏସ୍‌ଏଫ୍‌ଆଇ)ର ପୂର୍ବତନ ରାଜ୍ୟ ସଭାପତି ତଥା ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ ତୀବ୍ର ନିନ୍ଦା କରିଛନ୍ତି । ଏହି ଭୁଲ ତଥ୍ୟକୁ ଖୁବ୍ ଶୀଘ୍ର ପରିବର୍ତ୍ତନ କରି ସଠିକ୍ ତଥ୍ୟ ପ୍ରକାଶିତ କରିବାକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଓ ରାଜ୍ୟ ଗଣଶିକ୍ଷା ବିଭାଗକୁ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି ।




ପ୍ରକାଶ ଥାଉକି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସାରା ଦେଶରେ ଭାରତ ଛାଡ ଆନ୍ଦୋଳନ ସଂଗଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ୧୯୪୨ ସେପ୍ଟେମ୍ବର ୨୨ ତାରିଖରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ତଥା ବର୍ତ୍ତମାନ ଭଦ୍ରକ ଜିଲ୍ଲାର ଲୁଣିଆଁ ଗାଁକୁ ସଂଲଗ୍ନ ଚାନ୍ଦିଆପୋଶିଠାରେ ବ୍ରିଟିଶ ଗୁଳିରେ ୯ ଜଣ ଆନ୍ଦୋଳନକାରୀ ସହିଦ ହୋଇଥିଲେ । କିନ୍ତୁ ୧୦ମ ଶ୍ରେଣୀ ଇତିହାସ ଓ ରାଜନୀତି ବିଜ୍ଞାନ ବହିରେ '୧୯୪୨ ମସିହା ସେପ୍‌ଟେମ୍ବର ୨୧ ତାରିଖ ଶ୍ରୀଜଙ୍ଗ ଗାଁରେ ୧୦ ବା ୧୧ ଜଣ ବ୍ୟକ୍ତି ପୁଲିସ୍ ଗୁଳିରେ ପ୍ରାଣ ହରାଇଥିଲେ' ବୋଲି ଭୁଲ୍ ତଥ୍ୟ ପ୍ରକାଶିତ ହୋଇଛି । ଏହି ବହିରେ ବ୍ରିଟିଶ ଗୁଳିକାଣ୍ଡର ସ୍ଥାନ, ତାରିଖ ଓ ସଂଖ୍ୟା ସମ୍ପୂର୍ଣ୍ଣ ଭୁଲ୍ ଥିବାରୁ ଏହା ଭଦ୍ରକ ଜିଲ୍ଲାବାସୀ ଓ ଆମ ଭାରତବାସୀଙ୍କ ପ୍ରତି କୁଠାରଘାତ ଓ ସହିଦଙ୍କ ସ୍ମୃତି ପ୍ରତି ଉପହାସ ବୋଲି ସିପିଆଇ(ଏମ)ର ଯୁବ ଆଇନଜୀବୀ ବିକାଶ ନାଥ ଗଣମାଧ୍ୟମ ଜରିଆରେ ପରିପ୍ରକାଶ କରିଛନ୍ତି । ସେହିଭଳି ୧୯୪୨ ସେପ୍‌ଟେମ୍ବର ୨୮ ତାରିଖରେ ବିଦେଇପୁରରୁ ଇରମ ୧୯ ବର୍ଗ ମାଇଲ୍ ସ୍ୱାଧୀନ ବାଞ୍ଛାନିଧି ଚକଡାରେ ଧାନ ଫସଲ ଓ ସାମୁଦ୍ରିକ ଲୁଣର କର ନ ଦେବା ପାଇଁ ସାଧାରଣ ଜନତା ଏକତ୍ରିତ ହୋଇ ଇରମ ମେଳଣ ପଡ଼ିଆରେ ବୈଠକ କରୁଥିବାବେଳେ ବାସୁଦେବପୁରର ପାଢ଼ୀ ଜମିଦାରର ଖବର କ୍ରମେ ତତ୍କାଳୀନ ପୁଲିସ ଅଫିସର କୁଞ୍ଜବିହାରୀଙ୍କ ସମେତ ବ୍ରିଟିଶ ପୁଲିସ୍ ସେଠାରେ ପହଞ୍ଚି ଅତି ନିଷ୍ଠୁର ଭାବେ ଗୁଳିଚାଳନା କରିଥିଲେ । ଏହି ରକ୍ତତୀର୍ଥ ଇରମରେ ମହିଳା ସହିଦ ପରିବେୱାଙ୍କ ସମେତ ୨୯ ଜଣ ସହିଦ ହୋଇଥିଲେ । ଏବେ ମଧ୍ୟ କିଛି ପ୍ରତ୍ୟକ୍ଷଦର୍ଶୀ ଇରମବାସୀ ଓ ସହିଦନଗରବାସୀ ବଞ୍ଚିରହିଛନ୍ତି । ଯେଉଁମାନଙ୍କ ପାଖରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ସଠିକ୍ ତଥ୍ୟ ସଂଗ୍ରହ କରିପାରିବେ । ଭାରତର ପୁରାତନ ରାଜଧାନୀ କୋଲକାତାଠାରେ ପ୍ରତିଷ୍ଠିତ ନ୍ୟାସନାଲ୍ ଲାଇବ୍ରେରୀରେ ଏହି ଉଭୟ ଗୁଳିକାଣ୍ଡ ସମ୍ପର୍କରେ ବ୍ରିଟିଶ ସରକାରଙ୍କ ତଥ୍ୟକୁ ଭାରତ ସରକାର ସାଇତି ରଖିଛନ୍ତି । କିନ୍ତୁ ଭୁଲ୍ ଭାବେ ଏହି ଇତିହାସ ଓ ରାଜନୀତି ବିଜ୍ଞାନ ବହିରେ ଇରମରେ ୨୮ ଜଣ ସହିଦ ହୋଇଛନ୍ତି ବୋଲି ପ୍ରକାଶିତ ହୋଇଛି । ଯାହା ଇରମର ରକ୍ତଭିଜା ମାଟି ପ୍ରତି ଘୋର ଅପମାନ ବୋଲି ଯୁବନେତା ବିକାଶ ନାଥ ପ୍ରକାଶ କରିଛନ୍ତି । ୧୨ ବର୍ଷ ଧରି ଏହି ଭୁଲ ତଥ୍ୟକୁ ଆମ ରାଜ୍ୟର ଲକ୍ଷାଧିକ ଛାତ୍ରଛାତ୍ରୀଙ୍କୁ ପଢ଼ାଯାଇଛି । ଏହି ତ୍ରୁଟିକୁ ୨୦୨୬ ଫେବୃଆରୀ ମାସରେ ଅନୁଷ୍ଠିତ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପୂର୍ବରୁ ସଂଶୋଧନ କରାଯିବାକୁ ଶ୍ରୀ ନାଥ ଦାବି କରିଛନ୍ତି ।







# ଦାନର ସ୍ୱରୂପ

ମୂଳ ଇଂରାଜୀ : ସୁଧା ମୂର୍ତ୍ତି
ଅନୁସୃଜନ : ବଙ୍ଗାଳୀ ନନ୍ଦ

ପ୍ରତିବର୍ଷ ଆମଦେଶକୁ ପ୍ରାକୃତିକ ବିପତ୍ତିର ସାମନା କରିବାକୁ ପଡ଼ିଥାଏ। ସେ ହୋଇପାରେ ଗୁଜୁରାଟର ଭୂମିକମ୍ପ, ଓଡ଼ିଶାର ବନ୍ୟା କିମ୍ବା କର୍ଣ୍ଣାଟକର ମରୁଡ଼ି। ଆମ ଦେଶ ଭଳି ଏକ ଗରିବ ଦେଶକୁ ଏପରି ଦୁର୍ଗତିମାନଙ୍କର ସାମନା କରି ଅନେକ କ୍ଷୟକ୍ଷତି ସହିବାକୁ ପଡ଼ିଥାଏ।

ମୁଁ କାମ କରୁଥିବା ସମୟରେ ଦେଖିଛି - ଏପରି ବିପତ୍ତି ସମୟରେ ଅନେକ ବଦାନ୍ୟ ବ୍ୟକ୍ତି ଟଙ୍କା ପଇସା ଆକାରରେ କିମ୍ବା ଜିନିଷ ପତ୍ର ଇତ୍ୟାଦି ସାହାଯ୍ୟକାରୀ ସଂଗଠନଗୁଡ଼ିକକୁ ଦାନ କରିଥାନ୍ତି। ଆମେ ଧରି ନେଇଥାଉ ଯେ ସେମାନଙ୍କ ମଧ୍ୟରେ ଅଧିକାଂଶ ଧନୀ ସମ୍ପ୍ରଦାୟର ଲୋକ ଥିବେ। କିନ୍ତୁ ତାହା ସତ୍ୟ ନୁହେଁ। ଅପରପକ୍ଷେ ମଧ୍ୟବିତ୍ତ ପରିବାରର ଲୋକ ଓ ନିମ୍ନ ମଧ୍ୟବିତ୍ତ ପରିବାରର ଲୋକ ବେଶୀ ସାହାଯ୍ୟ କରିଥାନ୍ତି। ଖୁବ୍ କମ୍ ଧନୀ ପରିବାର ଲୋକ ଆନ୍ତରିକ ସହଯୋଗ କରିଥାନ୍ତି।

କିଛି ବର୍ଷ ତଳେ, ବେଙ୍ଗାଲୁରୁର ଏକ ସୁଖ୍ୟାତ କମ୍ପାନୀ 'ବ୍ୟବସାୟ କ୍ଷେତ୍ରର ସାମାଜିକ ଦାୟିତ୍ୱ' ଉପରେ ଏକ ଭାଷଣ ପ୍ରଦାନ କରିବାକୁ ମୋତେ ନିମନ୍ତ୍ରଣ କରିଥିଲେ। ଭାଷଣ ଦେବା ସହଜ, କିନ୍ତୁ ମୋ ଭାଷଣ ଶୁଣି କେତେଜଣ ପ୍ରଭାବିତ ହେବେ ସେଥିପ୍ରତି ମୋର ସନ୍ଦେହ ଥିଲା।

ଭାଷଣ ସରିଲାପରେ, ମୁଁ ଅନେକ ଯୁବକ ଓ ଯୁବତୀଙ୍କ ସହିତ ବାର୍ତ୍ତାଳାପ କଲି। ତାହା ଏକ ସମୃଦ୍ଧଶାଳୀ କମ୍ପାନୀ ଥିଲା ଓ କର୍ମଚାରୀମାନେ ବେଶ୍ ସ୍ୱଚ୍ଛଳ ଏବଂ ଭଲ ପୋଷାକ ସବୁ ପିନ୍ଧିଥିଲେ। ଭାଷଣ ଶୁଣି ସେମାନେ ଭାବପ୍ରବଣ ହୋଇପଡ଼ିଥିଲେ।

ସେମାନେ କହିଲେ,-"ମାଡାମ୍! ଆମେ ପ୍ରତିମାସରେ ଅନେକ ପୋଷାକ କିଣିଥାଉ, ସେ ଭିତରୁ କିଛି ଭୂମିକମ୍ପ ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କୁ ଦେବୁ। ଆପଣ ସହଯୋଗ କରି ସେମାନଙ୍କ ନିକଟରେ ପହଞ୍ଚାଇ ଦେଇପାରିବେ ?

ଆଉ କେତେଲୋକ ଅନ୍ୟ ଜିନିଷ ପତ୍ର ଦେବାକୁ କହିଲେ।

"ଆମ ପିଲାମାନେ ବଡ଼ ହୋଇଗଲେଣି। ଆମେ ସେମାନଙ୍କର ପୁରୁଣା, ଖେଳନା ଓ ଗିନା , କଂସା କିଛି ଦେବାକୁ ଚାହୁଁଛୁ।"

ସେମାନଙ୍କର ପ୍ରତିକ୍ରିୟା ଶୁଣି ମୋତେ ଖୁସି ଲାଗିଲା। ମନେ ପଡ଼ିଗଲା ରାମାୟଣ କଥା। ସେତୁବନ୍ଧ ବାନ୍ଧିବା ସମୟରେ ଗୁଣ୍ଡୁଚି ମୂଷା ମଧ୍ୟ ରାମଙ୍କୁ ସାହାଯ୍ୟ କରିବାକୁ ମୁଠେ ବାଲିଆଣି ବନ୍ଧ ବାନ୍ଧିବାରେ ସହଯୋଗ କରିଥିଲା।

"ତୁମେ ଯାହା ଦେବା କଥା ସେସବୁ ମୋ ଅଫିସ୍‌କୁ ପଠାଇ ଦିଅ। ଠିକ୍ ଲୋକଙ୍କ ପାଖରେ ସେସବୁ ପହଞ୍ଚାଇ ଦେବି।" ବୋଲି କହିଲି।

ସପ୍ତାହକ ଭିତରେ ଶହ ଶହ ବ୍ୟାଗ୍ ଓ ଗଣ୍ଠିଲି ମୋ ଅଫିସ୍‌ରେ ଆସି ଗଦା ହୋଇଗଲା। ମୁଁ ଗର୍ବ ଅନୁଭବ କଲି ଯେ, ମୋ' ଭାଷଣ ସେମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଛି।

ଦିନେ ରବିବାର ଦେଖି ମୋ ସହଯୋଗୀଙ୍କୁ ନେଇ ବ୍ୟାଗ୍ ସବୁ ଖୋଲି ଦେଖିଲୁ। ଯାହା ଦେଖି ଆମେ ତଟସ୍ଥ ହୋଇଗଲୁ। ବ୍ୟାଗଗୁଡ଼ିକ ପରିତ୍ୟକ୍ତ ଜିନିଷ, ଛିଣ୍ଡା କପଡ଼ା ଓ ଭଙ୍ଗା ଫଟା ରସ ବାସନରେ ଭର୍ତ୍ତି ହୋଇଥିଲା। ଛିଣ୍ଡା ହାଇହିଲ୍, ଚପଲ (ସେଥିରୁ କେବଳ ଗୋଟିଏ) ମଇଳା ଲୁଗାପଟା, ଚିରା ଅଣ୍ଡର୍ ଗାର୍‌ମେଣ୍ଟ, ଭଙ୍ଗା କ୍ୟାସେଟ୍ ଇତ୍ୟାଦି ପର୍ବତ ଆକାରରେ ଆମ ଆଗରେ ପଡ଼ିଥିଲା। ତା' ଭିତରେ ଅଳ୍ପ କେତୋଟି, ଭଲ ସାର୍ଟ, ଶାଢ଼ି ବ୍ୟବହାର ଯୋଗ୍ୟ ଜିନିଷ ପାଇଲୁ। ଏଥିରୁ ପ୍ରତୀୟମାନ ହେଲା ଯେ, ଅଳିଆଗଦାରେ ଫିଙ୍ଗି ନ ଦେଇ କିମ୍ବା କବାଡ଼ିବାଲାକୁ ନ ଦେଇ ସେଗୁଡ଼ିକକୁ ମୋ ଅଫିସ୍‌କୁ ପଠେଇ ଦେଇଛନ୍ତି, ଅଭାବୀ ଲୋକଙ୍କୁ ଦାନ କରିବା ସକାଶେ। ସେଦିନ ମୁଁ ସାକ୍ଷାତ କରିଥିବା ପୁରୁଷ ଓ ନାରୀ ସମସ୍ତେ ଖୁବ୍ ସମ୍ଭ୍ରାନ୍ତ ଦେଖାଯାଉଥିଲେ। ଭଲ ପୋଷାକ ପିନ୍ଧିଥିଲେ। ଅନେକ ଜାଗା ବୁଲିଆସିଥିବେ ମଧ୍ୟ। ଯଦି ଶିକ୍ଷିତ ଲୋକମାନେ ଏଭଳି ବ୍ୟବହାର କରନ୍ତି, ତା' ହେଲେ ଅଶିକ୍ଷିତ ଲୋକଙ୍କ କଥା କାହିଁକି ଚିନ୍ତା କରିବା?

ସେତେବେଳେ ମୋର ପିଲାବେଳର କଥା ମନେପଡ଼ିଲା। ମୁଁ କର୍ଣ୍ଣାଟକରେ ହୋଭେରି ଜିଲ୍ଲାର ସିଗ୍‌ଗାଓଁ ନାମକ ଏକ ପଲ୍ଲୀ ଗାଁରେ ଜନ୍ମ ହୋଇ ବଢ଼ିଥିଲି। ମୋ ଜେଜେ ଜଣେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ ଥିଲେ। ମୋ ଜେଜି ମା' - ନାଁ ତା'ର 'କ୍ରିଷ୍ଣାକ୍କା' ଜୀବନରେ କେବେ ସ୍କୁଲ ପିଣ୍ଡା ମାଡ଼ି ନଥିଲା। ସେମାନେ କର୍ଣ୍ଣାଟକ ଛାଡ଼ି ବାହାରକୁ କେବେ ଯାଇନାହାନ୍ତି। କିନ୍ତୁ ସେମାନେ କଠିନ ପରିଶ୍ରମ କରୁଥିଲେ। ସେମାନେ ଯାହା କରୁଥିଲେ ଆନ୍ତରିକତାର ସହ କରୁଥିଲେ। କେବେହେଲେ କାହାର ସାହାଯ୍ୟ ଚାହୁଁନଥିଲେ। ସେମାନଙ୍କ ଫଟୋ କେବେ କୌଣସି ଖବର କାଗଜରେ ଛପା ହୋଇନଥିଲା। ସେମାନେ ପୁରସ୍କାର କିମ୍ବା ସମ୍ବର୍ଦ୍ଧନା ପାଇବାକୁ କେବେ କୌଣସି ମଞ୍ଚରେ ଚଢ଼ି ନଥିଲେ। ସେମାନେ ଜଙ୍ଗଲର ଫୁଲ ପରି ସୁବାସ ବିତରଣ କରୁଥିଲେ। ସେମାନଙ୍କ କଥାରେ ଅନ୍ୟମାନଙ୍କୁ ମୁଗ୍ଧ କରୁଥିଲେ। ହେଲେ ବାହାର ଦୁନିଆ ସେମାନଙ୍କୁ ଆଦୌ ଜାଣି ନଥିଲା।

ଗାଁରେ ଆମର ଧାନଜମି ଥିଲା। ଧାନ ଆସି ଆମ ଅମାରରେ ବୋଝେଇ ହେଉଥିଲା। ଆମଘରେ ଦୁଇଟି ଅମାର ଥିଲା। ଗୋଟିଏ ଦାଣ୍ଡଘରେ, ଆରଟି ବାରିପଟେ। ଭଲ ଚାଉଳ ଯାହା ଧଳା ଓ ସରୁ, ସେସବୁ ଦାଣ୍ଡ ଅମାରରେ ରହେ। ଅପେକ୍ଷାକୃତ ନିମ୍ନମାନର ଚାଉଳ, ଯେଉଁଗୁଡ଼ିକ ଟିକେ ମୋଟା ଓ ନାଲିରଙ୍ଗର ସେଗୁଡ଼ିକ ପଛପଟ ଅମାରରେ ରହେ।

ସେ ଦିନଗୁଡ଼ିକରେ ସାମ୍ପ୍ରଦାୟିକ ବିଭାଜନ ଆଦୌ ନ ଥିଲା । ଭିନ୍ନ ଭିନ୍ନ ବର୍ଗର ଲୋକ ମିଳିମିଶି ଶାନ୍ତିରେ ଗାଁରେ ଚଳୁଥିଲେ। କେତେଜଣ ଭିକ୍ଷା ମାଗିବାକୁ ଆମ ଘରକୁ ଆସୁଥିଲେ। ସେମାନଙ୍କ ଭିତରେ ଥାଆନ୍ତି ମୁସ୍‌ଲିମ୍ ଫକୀର, ହିନ୍ଦୁ ଦାସିଆ ଇତ୍ୟାଦି। ସେମାନେ ଭକ୍ତି ଗୀତ ଗାଇ ଗାଇ ଗାଁରେ ବୁଲନ୍ତି। ଏଲ୍ଲାମା ଯୋଗୀମାନେ ମୁଣ୍ଡରେ ଏଲ୍ଲାମ୍ମା ଠାକୁରାଣୀଙ୍କୁ ଧରି ଓ ଠାକୁର ଫଟୋମାନ ଧରି ସାହିରେ ଭିକ୍ଷାଟନ କରନ୍ତି। ଗରିବ ଛାତ୍ରମାନେ ଓ ଅକର୍ମଣ୍ୟ ଲୋକମାନେ ମଧ୍ୟ ଭିକ୍ଷା ମାଗନ୍ତି।

ଆମ ଘରମାନଙ୍କରେ ସେ ସମୟରେ ଟଙ୍କା-ପଇସା ବେଶି ନ ଥାଏ। ଆମ ଜେଜେ ସେମାନଙ୍କୁ ତେଣୁ ପଇସା ନ ଦେଇ ଚାଉଳ ଦେଇ ସନ୍ତୋଷ କରୁଥିଲେ। ସାହାଯ୍ୟ ପାଉଥିବା ଲୋକମାନେ ବେଶି କଥାବାର୍ତ୍ତା କରୁନଥିଲେ। ସେମାନେ ଚାଉଳ ପାଇ ହସି ଦେଉଥିଲେ ଓ ଡାହାଣ ହାତ ଉଠେଇ ଆମକୁ ଆଶୀର୍ବାଦ କରୁଥିଲେ। ଜାତି, ଧର୍ମ ନିର୍ବିଶେଷରେ ଆଶୀର୍ବାଦ କେବଳ ଥିଲା "ଭଗବାନ ତୁମର ମଙ୍ଗଳ କରନ୍ତୁ।" ମୋ ଜେଜେ ସେମାନଙ୍କୁ ଦାନ ଦେଇସାରିବା ପରେ ଖୁବ୍ ଖୁସି ଜଣାପଡୁଥାନ୍ତି।

ସେତେବେଳେ ମୁଁ ଛୋଟିଆ ଝିଅଟିଏ। ବେଶୀ ଉଚ୍ଚ ନଥାଏ। ଯେହେତୁ ଆଗଘର ଅମାରଟିର ପ୍ରବେଶ ପଥଟି ଛୋଟ ଥିଲା, ତେଣୁ ବଡ଼ ଲୋକମାନେ ସେ ଭିତରକୁ ଯିବା ସହଜ ନଥିଲା। ତେଣୁ ମୋତେ ଗୋଟିଏ ଛୋଟ ବାଲଟି ଦେଇ ଭିତରକୁ ପଠାଯାଉଥିଲା। ସେଥିରେ ଚାଉଳ ଭରି ମୁଁ ବାହାର ଲୋକଙ୍କୁ ଦେଉଥିଲି। କେତେ ଚାଉଳ ଦରକାର ସେମାନେ ମୋତେ କହୁଥିଲେ।

ସଞ୍ଜବେଳେ ଆମ ଜେଜି ମା' ସମସ୍ତଙ୍କ ପାଇଁ ରୋଷେଇ କରେ। ସେତିକି ବେଳେ ସେ ମୋତେ ବାରିପଟରେ ଥିବା ଅମାର ଭିତରକୁ ଯିବାକୁ କହେ ଯେଉଁଥିରେ ନାଲି ରଙ୍ଗର ମୋଟା ଚାଉଳ ରହେ। ଯେତିକି ଚାଉଳ ଦରକାର ମୋତେ କହିଲେ, ମୁଁ ସେଥିରୁ କାଢ଼ି ଦିଏ ଓ ରାତ୍ରି ଭୋଜନପାଇଁ ସେ ଚାଉଳ ରନ୍ଧାଯାଏ।

ଏମିତି ବର୍ଷ ବର୍ଷ ଧରି ଚାଲିଥାଏ। ମୁଁ ଟିକିଏ ବଡ଼ ହେଲାପରେ ଜେଜେବାପା ଓ ଜେଜିମା'ଙ୍କୁ ଅନେକ ଦିନଧରି ମୋ ମନଭିତରେ ଥିବା ସନ୍ଦେହ ଦୂର କରିବା ପାଇଁ ଦିନେ ପଚାରିଲି- "ଆମେ ସବୁବେଳେ ନାଲି ଚାଉଳ କାହିଁକି ଖାଉଛେ ଯେଉଁଗୁଡ଼ିକ ଭଲ ନୁହେଁ, ଆଉ ଭଲ ଚାଉଳ ଗରିବ ଲୋକଙ୍କୁ ଭିକ୍ଷା ଦେଉଛେ କାହିଁକି?"

ମୋ ଜେଜିମା' ହସିଲା ଓ ଯାହା କହିଲା, ସାରା ଜୀବନ କେବେ ମୁଁ ସେ କଥା ଭୁଲି ପାରିବି ନାହିଁ।

"ଝିଅ! ଯଦି ତୁ କାହାକୁ କିଛି ଦେବାକୁ ଚାହୁଁଛୁ, ତେବେ ତୋ' ନିକଟରେ ଥିବା ଭଲ ଜିନିଷଟି ସେମାନଙ୍କୁ ଦେବା ଉଚିତ। ଖରାପ ଜିନିଷ କେବେ କାହାକୁ ଦେବା ଉଚିତ୍ ନୁହେଁ। ଜୀବନରେ ମୁଁ ସେ କଥାଟି ଶିଖିଛି। ଭଗବାନ ମନ୍ଦିର, ଚର୍ଚ୍ଚ କିମ୍ବା ମସ୍‌ଜିଦ୍‌ରେ ନ ଥାନ୍ତି। ସେ ଗରିବ ଓ ଅସହାୟ ରୂପେ ଆମ ନିକଟକୁ ଆସିଥାନ୍ତି। ତୁ ଯଦି ସେମାନଙ୍କୁ ଭଲ ଜିନିଷ ଦେବୁ, ତେବେ ତାହା ଭଗବାନ ପାଇବେ।"

ମୋ ଜେଜେବାପା ମୋ ପ୍ରଶ୍ନର ଆଉ ଏକ ପ୍ରକାର ଉତ୍ତର ଦେଇଥିଲେ। କହିଥିଲେ- ଆମ ପୂର୍ବପୁରୁଷମାନେ ବେଦରେ ଆମ ପାଇଁ କହିଯାଇଛନ୍ତି, - "ଦାନ ଦେଲା ବେଳେ,ବିନୟ ସହକାରେ ଦାନ ଦିଅ। ଦାନ ଆନନ୍ଦରେ ଦିଅ। ଆନ୍ତରିକ ଭାବେ ଦାନ ଦିଅ। ଅଭାବୀ ଲୋକଙ୍କୁ ଦାନ ଦିଅ। ପ୍ରତ୍ୟାଶା ନ ରଖି ଦାନ ଦିଅ। କାରଣ ଦାନ ଉପହାର ନୁହେଁ, ଏହା ଏକ କର୍ତ୍ତବ୍ୟ। ତୁମ ଘର ଲୋକଙ୍କ ସମ୍ମତିରେ ଦାନ ଦିଅ। ତୁମକୁ ଆଶ୍ରା କରି ବଞ୍ଚୁଥିବା ଲୋକଙ୍କୁ ଅଣଦେଖା କରି ଦାନ ଦିଅ ନାହିଁ। ଜାତି, ଧର୍ମ, ସମ୍ପ୍ରଦାୟକୁ ନେଇ ଦାନ କର ନାହିଁ। ଏମିତି ଦାନ କର ଯାହା ଦ୍ୱାରା ଗ୍ରହୀତାର କିଛି ଉପକାର ହେବ।"

ମୁଁ ଯେତେବେଳେ ଛୋଟ ଝିଅ ଟିଏ ଥିଲି, ସେତେବେଳେ ମୋର ଗୋସେଇଁ ବାପା ଓ ଗୋସେଇଁ ମା' - ଏକଥା ମତେ କହିଥିଲେ। ଯାହା ଏ ପର୍ଯ୍ୟନ୍ତ ମୋ ମନରେ ରହିଛି। ଯଦି କାହାକୁ ମୁଁ କିଛି ସାହାଯ୍ୟ କରିବାକୁ ଯାଏ। ସେହି ସରଳ ଓ ନିଷ୍ପାପ ଲୋକମାନଙ୍କର ଉପଦେଶ ମତେ ସାହାଯ୍ୟ କରେ। ଏସବୁ କଥା ମୁଁ କୌଣସି ସ୍କୁଲ କିମ୍ବା କଲେଜରୁ ଶିଖି ନଥିଲି। ■

ପ୍ଲଟ ନଂ- ୬୨୦୨-୧୧୬୦୪
ଲୋକନାଥ ବିହାର
ଭୋଟପଡ଼ା, ମଞ୍ଚେଶ୍ୱର ରେଳବାଇ କଲୋନୀ
ଭୁବନେଶ୍ୱର- ୭୫୧୦୧୭
ମୋ: ୯୪୩୮୦୩୬୦୩୭

## ପତ୍ରିକା ପରିଚୟ

### ରେବତୀ

ସଂପାଦିକା: ସୁବାସିନୀ ଜେନା




ଓ.ଟି. ରୋଡ୍
ବାଲେଶ୍ୱର-୭୫୬୦୦୧
ମୂଲ୍ୟ ୭୦ ଟଙ୍କା

ସୃଜନର କିଛି ନୂତନ ସମ୍ଭାର ନେଇ ପ୍ରକାଶ ପାଇଛି 'ରେବତୀ'ର ଡିସେମ୍ବର-୨୦୨୫ ସଂଖ୍ୟା। ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶିତ ସଂପୂର୍ଣ୍ଣ ରଙ୍ଗିନ 'ରେବତୀ' ପତ୍ରିକା ବେଶ୍ ଆକର୍ଷଣୀୟ ହୋଇଛି। ଚଳିତ ସଂଖ୍ୟାରେ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ମାଣବସାର ମହକ', ମନୋଜ ମେହେରଙ୍କ 'ଶବ୍ଦର ଇନ୍ଦ୍ର ରାଜେନ୍ଦ୍ର', ମମତା ଦାଶଙ୍କ 'ପୁଣି ଫେରିବେ ରାଜେନ୍ଦ୍ର', ଦାଶ ବେନହୁରଙ୍କ 'ଶରତ ସନ୍ଦେଶ', ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ 'ପୁଷ୍ପପୁନିର ପୁଲକ' ଆଦି ଲେଖାଗୁଡ଼ିକ ତଥ୍ୟ ଭିତ୍ତିକ ଓ ହୃଦୟସ୍ପର୍ଶୀ ହୋଇଛି। ସେହିପରି ଅକ୍ଷୟ ସ୍ୱାଇଁଙ୍କ 'ପତ୍ର ଝଡ଼', ଗୌତମ ଜେନାଙ୍କ 'ସମୟ ସରିଆସିବା ବେଳକୁ', ଡକ୍ଟର ସିନ୍ଧୁ ସେନ୍‌ଙ୍କ 'କାଣ୍ଟ', ନନ୍ଦ କିଶୋର ସିଂହଙ୍କ 'କେତୋଟି ଝିଅ କଥା' ପ୍ରଭୃତି କବିତାଗୁଡ଼ିକର ଭାବ ଓ ଭାଷା ମାର୍ମିକ ହୋଇଛି। ସେଭଳି 'କଥା-କାହାଣୀ'ରେ ଡକ୍ଟର ଉଷାରାଣୀ ଦାଶଙ୍କ 'ଉଖୁଡ଼ା', ବିଜୟ ପଟ୍ଟନାୟକଙ୍କ 'ଆଜି ନଈବଢ଼ି ପୁଣି ଆସିଛି', ବସନ୍ତ ମଞ୍ଜରୀ ମିଶ୍ରଙ୍କ 'ଆଲୋ ସଖି', ରଞ୍ଜନ କୁମାର ଦାସଙ୍କ 'ଶେଷଇଚ୍ଛା' ଗପ ମନଛୁଆଁ ହୋଇଛି। ସେହିପରି 'ଧାରାବାହିକ କାବ୍ୟ', 'ଧାରାବାହିକ ଆତ୍ମଜୀବନୀ', 'ଲୋକକଥା', 'ରୋଷେଇଶାଳ', 'ଶେଷପୃଷ୍ଠା' ଆଦି ନିୟମିତ ବିଭାଗର ଲେଖାଗୁଡ଼ିକ ମଧ୍ୟ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ଶୋଭନା

ସଂପାଦକ: ବିଧୁଭୂଷଣ ପଟ୍ଟନାୟକ



୨ଆର୍.ଏ.-୬୦, ରୋଡ୍-୭
ୟୁନିଟ୍-୯, ଭୁବନେଶ୍ୱର-୨୨
ମୂଲ୍ୟ ୪୦ ଟଙ୍କା


ମହିଳା ପତ୍ରିକାର ନବଦିଗନ୍ତ 'ଶୋଭନା'ର ଡିସେମ୍ବର -୨୦୨୫ ସଂଖ୍ୟା ବରିଷ୍ଠ ଓ ଯୁବ ଲେଖକଙ୍କ ଉଚ୍ଚକୋଟୀର ଲେଖାରେ ସମୃଦ୍ଧଶାଳୀ ହୋଇଛି। ବିଧୁଭୂଷଣ ପଟ୍ଟନାୟକଙ୍କ ସଂପାଦନାରେ ପ୍ରକାଶିତ 'ଶୋଭନା'ର ଚଳିତ ସଂଖ୍ୟାରେ ବୀରେଶ୍ୱର ମହାନ୍ତିଙ୍କ 'ଦ୍ୱନ୍ଦ୍ୱ', ସୁଶୀଳ କୁମାର ନନ୍ଦଙ୍କ 'ଜଣେ ରାଜନେତାଙ୍କ ଶେଷ କଥା', ସୁଷମା ଚୌଧୁରୀଙ୍କ 'ଗାନ୍ଧାରୀଙ୍କ ଅନାବୃତ ଚକ୍ଷୁ', ରୋଜାଲିନ୍ ମିଶ୍ରଙ୍କ 'ଜାନୁଘଣ୍ଟ', ବିଜୟ ପ୍ରଧାନଙ୍କ 'ଆଖି ଦିଶୁ ନଥିବା ଦୃଶ୍ୟ', ଶଶିଭୂଷଣ ମହାନ୍ତିଙ୍କ 'ପିପାସା', ବନସ୍ମିତା ପତିଙ୍କ 'ସବାରିର ବୋଝ' ଆଦି ଗଳ୍ପଗୁଡ଼ିକରେ ମାନବୀୟ ଭାବାବେଗ, ସାମାଜିକ ବାସ୍ତବତାର ଚିତ୍ର ଅତ୍ୟନ୍ତ ପ୍ରଭାବଶାଳୀ ଭାବେ ପ୍ରତିଫଳିତ ହୋଇଛି। ସେହିପରି 'ଅନନ୍ୟ ପରମ୍ପରା'ରେ ଡକ୍ଟର ଭାସ୍କର ମିଶ୍ରଙ୍କ 'ଶ୍ରୀମନ୍ଦିରରେ ମାହାରୀ ପରମ୍ପରା'ରେ ଶ୍ରୀମନ୍ଦିରରେ ଦେବଦାସୀ ପରମ୍ପରାର ଇତିହାସ, ତାତ୍ପର୍ଯ୍ୟ ଆଦି ସଂପର୍କରେ ତଥ୍ୟଭିତ୍ତିକ ଆଲୋଚନା କରାଯାଇଛି। 'ସ୍ୱତନ୍ତ୍ର ପ୍ରସଙ୍ଗ'ରେ ଜାନକୀଶ ବଡ଼ପଣ୍ଡାଙ୍କ 'ନୋବେଲ ବିଜୟିନୀ ମାରିଆ'ରେ ନୋବେଲ ଶାନ୍ତି ପୁରସ୍କାର ପ୍ରାପ୍ତ ସାମାଜିକ କର୍ମୀ ମାରିଆ କୋରିନା ମାଚାଡ଼ୋଙ୍କ ସଂଘର୍ଷମୟ ଜୀବନ କଥା ବର୍ଣ୍ଣନା କରାଯାଇଛି। 'ସ୍ୱାସ୍ଥ୍ୟ ସନ୍ଦେଶ'ରେ ଡା. ମଦନ ମୋହନ ପାଢ଼ୀଙ୍କ 'ଅମ୍ଳପିତ୍ତ ରୋଗର ପ୍ରତିକାର'ରେ ଅମ୍ଳପିତ୍ତ ରୋଗର କାରଣ ଓ ନିରାକରଣ ସଂପର୍କରେ ଆଲୋଚନା କରାଯାଇଛି। 'ଶୋଭନା'ର ଡିସେମ୍ବର ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■


## ଗୋଟେ କଣ୍ଢେଇ ପରି ପୃଥିବୀ

ପୃଥିବୀର ଆଖପାଖରେ
ଘୂରି ବୁଲନ୍ତି ଦେବତା
ନକ୍ଷତ୍ର ଆଉ ଗନ୍ଧର୍ବ।

ପୃଥିବୀକୁ ପରିକ୍ରମା କରନ୍ତି
ପ୍ରାଚୀନ ସନ୍ଥ, ରାକ୍ଷସ
ଆଉ ଇତିହାସରୁ ଅଦୃଶ୍ୟ ସମୟ।

ଯେଉଁ ପୃଥିବୀ ବସୁନ୍ଧରା ଥିଲା,
ଯେଉଁ ପୃଥିବୀ ଉଠିଥିଲା ସମୁଦ୍ରରୁ
ସେଇ ପୃଥିବୀକୁ
ଗୋଟେ କଣ୍ଢେଇ ପରି
ଗହଣାଗାଣ୍ଠି ପିନ୍ଧେଇ କରି
ନିଜ ପାଖ ବିଛଣାରେ ଶୁଆଏ
ନିଦରେ ନିମଗ୍ନ
ସ୍ୱପ୍ନ–ପରି ମୋ ଝିଅ। ■





ମୂଳ ହିନ୍ଦୀ: ଅଶୋକ ବାଜପେୟୀ
ଅନୁସୃଜନ: ପ୍ରବାସିନୀ ମହାକୁଡ଼

## କେହି କବୀର ନୁହଁନ୍ତି

କେବେକେବେ କ୍ଲାନ୍ତ ହୋଇ ମୁଁ
ନିଜର ମଇଳା ଲୋଚୋକୋଚା ଚାଦର ବିଷୟରେ ଭାବେ
ମନେନାହିଁ କେବେ, କେଉଁଠି ଏଇ ଚାଦର ପାଇଥିଲି
କିନ୍ତୁ ପୂର୍ବଜ ଦେଇଥିଲେ ବିଲ୍‌କୁଲ୍ ଧଳା ତ
ପ୍ରଥମରୁ ହିଁ ନଥିଲା।

ମୁଁ ପ୍ରତି ମୁହୂର୍ତ୍ତରେ ଚେଷ୍ଟା କଲି
ଯେ ତାକୁ ସଫା ରଖେ
ନା ଦାଗହୀନ ଥିଲା ନା ରହିପାରିଲା
ଦେହରେ ଗୁଡ଼ାଏ
ଉପରକୁ ଟାଣି
ଖୁଣ୍ଟିରେ ଟାଙ୍ଗି ଦିଏ
ନ ହେଲେ ଯତ୍ନରେ କେଉଁଠି ରଖିଦିଏ
ତା' ଦାଗ ବି ଚିହ୍ନ ଲାଗି ହିଁ ଯାଏ
ଗୁଡ଼ ପାଖକୁ ଆସୁଥିବା ପିମ୍ପୁଡ଼ିଙ୍କ ପରି
ଜାଣେନା କେଉଁଠୁ-କେଉଁଠୁ

ଦାଗ ଚାଦର ଆଡ଼କୁ ଟାଣି ହୋଇଯାଆନ୍ତି
ପୁଣି ସଫାସୁତୁରା ରହିଲାଣି ଜୀବନ
ପ୍ରେମ ଆଉ ଈର୍ଷାରେ
ଲୋଭ ଆଉ ଚାହିଁବାରେ
ଅନ୍ୟର ଉତ୍ତମ ଜୀବନରୁ ଜନ୍ମିଥିବା ଜ୍ୱଳନ
ଶବ୍ଦରୁ ବାରମ୍ବାର ବାହାରି ଯିବାର ଭାଗ୍ୟ
ଜୀବନକୁ ଏତେ ଆଉ ଏତେଥର ମଇଳା କରି ଦେଇଛି
ଯେ ବିଚାରୀ ଏଇ ଚାଦରର କ'ଣ ସାଧ
ଯେ ସିଏ ସଫାସୁତୁରା ରହିପାରିଥାନ୍ତା
ପାଖ ପଡ଼ିଶାରେ କେହି କବୀର ନଜରକୁ ଆସନ୍ତିନି
ଯାହାକୁ ଏଇ ଚାଦର ଦେଇ ଆସନ୍ତି ଯେ
ସମୟ ପାଇଲେ ଯା'କୁ ରଫୁ କରି ଦିଅନ୍ତା
ନ ହେଲେ କୌଣସି ବିଶ୍ୱାସଯୋଗ୍ୟ ସାବୁନରେ ଧୋଇ
କିଛି ତ ଚକ୍ ଚକ୍ କରିବ। ■

ଷ୍ଟେସନ୍ ବଜାର, ଢେଙ୍କାନାଳ

# ଆଣ୍ଡରସନ୍‌ଙ୍କ ପରୀ କାହାଣୀରେ କାରୁଣ୍ୟ



ଡକ୍ଟର ବିଶ୍ୱନାଥ ସାହୁ

ହାନ୍‌ସ କ୍ରିଷ୍ଟିଆନ ଆଣ୍ଡରସନ୍ ହେଉଛନ୍ତି ଊନବିଂଶ ଶତାବ୍ଦୀର ଜଣେ ବିଖ୍ୟାତ କାହାଣୀକାର। ସେ ୧୮୦୫ ମସିହାରେ ଡେନମାର୍କରେ ଜନ୍ମଗ୍ରହଣ କରିଥିଲେ। ପିଲାଟି ଦିନରୁ ପିତାଙ୍କୁ ହରାଇଥିବାରୁ ଘୋର ଦାରିଦ୍ର୍ୟ ମଧ୍ୟରେ ତାଙ୍କର ଶୈଶବ ଓ କୈଶୋର ଜୀବନ ବିତିଥିଲା। ସ୍କୁଲ, କଲେଜରେ ପାଠ ପଢ଼ିବାର ସୁଯୋଗ ସେ ପାଇପାରିନାହାନ୍ତି। ଏକ ଥିଏଟର ଦଳ ସହ ମିଶି କିଛିଦିନ ନାଚ, ଗୀତ ଓ ଅଭିନୟ କରିଥିଲେ ହେଁ ତାଙ୍କୁ ଏହା ଭଲ ନ ଲାଗିବାରୁ ପରବର୍ତ୍ତୀ ସମୟରେ ସେ ଲେଖାଲେଖି ଆଡ଼କୁ ମନ ବଳାଇଥିଲେ।

ସେ ଅନେକ ନାଟକ, ଉପନ୍ୟାସ, କବିତା, ଯାତ୍ରା ପୁସ୍ତକ ତଥା ଆତ୍ମକଥାର ଲେଖକ ହୋଇଥିଲେ ହେଁ କାହାଣୀ ଲେଖକ ଭାବରେ ତାଙ୍କର ସୁଖ୍ୟାତି ରହିଛି। ପରୀ କାହାଣୀର (Fairy Tales) ଲେଖକ ଭାବରେ ସେ ସମଗ୍ର ପୃଥିବୀରେ ସୁପରିଚିତ। ତାଙ୍କ ଲିଖିତ ପରୀ କାହାଣୀ ଶିଶୁମାନଙ୍କ ପାଇଁ ବେଶ୍ ଉପଯୋଗୀ ହୋଇଥିବାରୁ ତାଙ୍କୁ 'ଶିଶୁର ବନ୍ଧୁ' ବୋଲି କୁହାଯାଉଥିଲା। କିନ୍ତୁ ଏହା କେବଳ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା; ବରଂ କିଶୋର ଓ ଯୁବକମାନଙ୍କ ପାଇଁ ମଧ୍ୟ ଏହା ଏକ ପଠନୀୟ ସାହିତ୍ୟକୃତି।

ଆଣ୍ଡରସନ୍ ଏହି କାହାଣୀଗୁଡ଼ିକକୁ ଡେନିଶ୍ ଭାଷାରେ ଲେଖିଛନ୍ତି। ଉଭୟ ଶୈଳୀ ଓ ବିଷୟବସ୍ତୁ ଦୃଷ୍ଟିରୁ ସେ ସମୟରେ ଉକ୍ତ କାହାଣୀଗୁଡ଼ିକ ସ୍ୱତନ୍ତ୍ର ଥିଲା। ୧୮୩୦ ଦଶକର ଶେଷ ଆଡ଼କୁ ଆଣ୍ଡରସନ୍‌ଙ୍କୁ ସରକାରଙ୍କ ତରଫରୁ ଏକ ଷ୍ଟାଇପେଣ୍ଡ ମିଳିଥିଲା, ଯାହା ତାଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିଥିଲା। ଏହା ପରେ ପରେ ତାଙ୍କ କାହାଣୀ ସବୁ ୟୁରୋପ ଏବଂ ଜର୍ମାନୀରେ ବିଶେଷ ଲୋକପ୍ରିୟତା ହାସଲ କରିଥିଲା। ୧୮୩୧ରୁ ୧୮୭୩ ମସିହା ପର୍ଯ୍ୟନ୍ତ ସେ ସମଗ୍ର ୟୁରୋପ୍, ଏସିଆ ଓ ଆଫ୍ରିକା ଭ୍ରମଣରେ ବାହାରିଥିଲେ। ସେହି ଯାତ୍ରାକାଳୀନ ଅନୁଭୂତିକୁ ତାଙ୍କ ଯାତ୍ରା ପୁସ୍ତକଗୁଡ଼ିକରେ ଉଲ୍ଲେଖ କରିଥିଲେ। ବିଶେଷ କରି 'En digtens bazar', 'I sverrig' ଏବଂ 'I Sparian' ଆଦି ଲେଖାରେ ଏହା ଦୃଶ୍ୟମାନ । ଲେଖକ ନିଜର ଲେଖା ଓ ଜିନିଷଗୁଡ଼ିକକୁ ସାଇତି ରଖୁଥିଲେ । ତେଣୁ ଆଜି ମଧ୍ୟ ତାଙ୍କ ଡାଏରି ଓ ହଜାର ହଜାର ପତ୍ର ସଂରକ୍ଷିତ ରହିଛି ।

ଆଣ୍ଡରସନ୍ ମୋଟ ୧୫୬ଟି (କେତେକ ତଥ୍ୟାନୁସାରେ ୧୬୮ଟି) ପରୀ କାହାଣୀ ରଚନା କରିଥିଲେ। ଏହା ୯ଟି ଭାଗରେ ବିଭକ୍ତ ଏବଂ ୧୨୫ରୁ ଅଧିକ ଭାଷାରେ ଅନୂଦିତ । ୧୮୩୫ ମସିହାରେ ତାଙ୍କର ପ୍ରଥମ ପରୀ କାହାଣୀ ସଂଗ୍ରହ 'ଫେୟାରି ଟେଲ୍ସ ଟୋଲ୍ଡ ଫର୍ ଚିଲଡ୍ରେନ୍' ପ୍ରକାଶିତ ହୋଇଥିଲା। ଦାରିଦ୍ର୍ୟ, ପ୍ରେମ, ବିଶ୍ୱାସଘାତକତା, ଆତ୍ମ-ଆବିଷ୍କାର ଏବଂ ସାମାଜିକ ବ୍ୟଙ୍ଗ ହେଉଛି ତାଙ୍କ କାହାଣୀଗୁଡ଼ିକର ପ୍ରମୁଖ ଭାବବସ୍ତୁ । ତାଙ୍କର 'ଦ ଲିଟଲ୍ ମର୍ମେଡ୍' କାହାଣୀରେ ପ୍ରେମ ଓ ବଳିଦାନର ଚିତ୍ର, 'ଦ ଅଗ୍ଲି ଡକ୍ଲିଙ୍ଗ୍' କାହାଣୀରେ ଆତ୍ମ-ଆବିଷ୍କାର ତଥା ଆତ୍ମସମ୍ମାନର କଥା ଏବଂ 'ଦ ଏମ୍ପରର୍ସ ନ୍ୟୁ କ୍ଲୋଥ୍ସ'ରେ ଅହଂକାର ଏବଂ ସତ୍ୟତାର ବ୍ୟଙ୍ଗାତ୍ମକ ଚିତ୍ରଣ ଅତ୍ୟନ୍ତ ଆକର୍ଷଣୀୟ ଢଙ୍ଗରେ ବର୍ଣ୍ଣିତ । ପୁଣି ସାତ ଭାଗରେ ବିଭକ୍ତ 'ଦ ସ୍ନୋ କ୍ୱିନ୍' କାହାଣୀ ପାଠକଙ୍କୁ ମିତ୍ରତା ଓ ସାହସର ଚିରନ୍ତନ ବାର୍ତ୍ତା ପ୍ରଦାନ କରେ ।

ସେ ଜଣେ ଦରଦୀ ଲେଖକ ଥିଲେ। ଜୀବନର କଠୋର ସତ୍ୟକୁ ଦର୍ଶାଉଥିବା ତାଙ୍କର କାହାଣୀଗୁଡ଼ିକ ସୁଖାନ୍ତକ ନୁହେଁ। କବିତ୍ୱପୂର୍ଣ୍ଣ ଶୈଳୀରେ ରଚିତ ଅଧିକାଂଶ କାହାଣୀ ଦୁଃଖଦ ଅନ୍ତରେ ପାଠକଙ୍କୁ ଆର୍ଦ୍ର କରେ। ଦେଖିବାକୁ ଗଲେ ଦାରିଦ୍ର୍ୟ ଓ ଅପମାନରେ ଭରା ନିଜ ଜୀବନର ଅନୁଭବ ତାଙ୍କ ରଚନାକୁ ଅଧିକ ପ୍ରାଣବନ୍ତ ଓ ବାସ୍ତବବାଦୀ କରିଅଛି ।

'ଦ ଲିଟିଲ୍ ମର୍ମେଡ୍' ହେଉଛି ତାଙ୍କର ଏକ ଲୋକପ୍ରିୟ କାହାଣୀ । କାହାଣୀ ଅନୁସାରେ ଛୋଟ ଜଳପରୀଟିଏ ଭଲପାଇ ବସେ ଏକ ମାନବ ରାଜକୁମାରକୁ। ଏଥିରେ ତା'ର ସ୍ୱର ନଷ୍ଟ ହୋଇଯାଏ, ତଥାପି ସେ ପ୍ରେମରେ ପଛଘୁଞ୍ଚା ଦିଏନି। ଏପଟେ ରାଜକୁମାର ତାକୁ ଆଦୌ ପସନ୍ଦ କରେ ନାହିଁ । ତେଣୁ ସେ ଆଉ ଜଣେ ରାଜକୁମାରୀ ସହ ବିବାହ ବନ୍ଧନରେ ବାନ୍ଧିହୁଏ। ଜଳପରୀ ପାଖରେ ରାଜକୁମାରକୁ ମାରି ନିଜର ପୂର୍ବ ଜୀବନ ଫେରି ପାଇବାର ସୁଯୋଗ ଥିବା ସତ୍ତ୍ୱେ ସେ ମାରିପାରେ ନାହିଁ। ମୃତ୍ୟୁକୁ ଆଦରି ନେଇ ସେ ସମୁଦ୍ର ଫେଣରେ ମିଳେଇ ଯାଏ। ଆଣ୍ଡରସନ୍ ବ୍ୟକ୍ତିଗତ ଜୀବନରେ ଯେଉଁ ଅପୂର୍ଣ୍ଣ ପ୍ରେମ, ତ୍ୟାଗ ତଥା ମରଣପ୍ରାୟ-ବିରହ ଭୋଗିଥିଲେ, ତାହା ଏହି ଗଳ୍ପରେ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି ।

'ଦ ଲିଟିଲ୍ ମ୍ୟାଚ୍ ଗାର୍ଲ'ର କାହାଣୀ ଦାରିଦ୍ର୍ୟ ତଥା ଗରିବ ପ୍ରତି ସମାଜର ଉପେକ୍ଷାକୁ ଉଜାଗର କରେ । ନୂତନ ବର୍ଷର ଏକ ଶୀତରାତିରେ ଗରିବ ଝିଅଟିଏ ମାଚିସ୍ ବିକୁ ଥାଏ; କିନ୍ତୁ କେହି ବି ତା'ର ମାଚିସ୍ କିଣୁ ନଥାନ୍ତି । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସେ ଗୋଟେ ପରେ ଗୋଟେ ମାଚିସ୍ ଜାଳିବା ଆରମ୍ଭ କରେ। ପ୍ରତ୍ୟେକ ଜଳନ୍ତା ଶିଖା ସହ ସେ ସ୍ୱପ୍ନ ଦେଖେ ଗରମ ଗରମ ଭୋଜନ, ସୁନ୍ଦର କ୍ରିସ୍‌ମାସ୍ ଟ୍ରି ଓ ତା'ର ମୃତ ଜେଜେମାଙ୍କ ସମ୍ପର୍କରେ। ଶେଷ ମାଚିସ୍ ବେଳକୁ ତା'ର ଜେଜେମା ଆସି ତାକୁ ସ୍ୱର୍ଗକୁ ନେଇଯାନ୍ତି। ପରଦିନ ଲୋକମାନେ ପାଆନ୍ତି ସେ ଝିଅଟିର ମୃତ ଶରୀର। ଥଣ୍ଡା ଓ ଭୋକରେ ଝିଅଟି ଆରପାରିକୁ ଚାଲିଯିବା ପରେ ବି ତା' ମୁହଁରେ ଲାଖିରହିଥାଏ ହସଟିଏ । ବାସ୍ତବରେ ନିରୀହ ଶିଶୁକନ୍ୟାର ମୃତ୍ୟୁ ସତେ ଯେମିତି ସମାଜର ଉଦାସୀନତା ଉପରେ ଏକ ତୀର୍ଯ୍ୟକ୍ ବ୍ୟଙ୍ଗ । ଏହାର କାରୁଣ୍ୟରେ ପାଠକ ବିମୋହିତ ହେବା ସ୍ୱାଭାବିକ ।

ସେହିପରି 'ଦ ଷ୍ଟେଡଫାଷ୍ଟ ଟିନ୍ ସୋଲଜର୍' କାହାଣୀରେ ଗୋଟିଏ ଗୋଡ଼ ଥିବା ସୈନିକଟିଏ ପ୍ରେମ କରେ ଏକ କାଗଜ-ନର୍ତ୍ତକୀ(ବେଲେରିନା)କୁ । ଘଟଣାକ୍ରମେ ଦୁର୍ଭାଗ୍ୟକୁ ସୈନିକଟି ଚିମିନି ନିଆଁରେ ପଡ଼ି ଜଳି ଯାଇ ମୃତ୍ୟୁବରଣ କରେ । ଏପଟେ ନର୍ତ୍ତକୀ ମଧ୍ୟ ପବନର ପ୍ରବାହରେ ଉଡ଼ିଯାଇ ସେହି ନିଆଁରେ ପଡ଼ି ଜଳିଯାଏ । ଶେଷରେ ରହିଯାଏ କେବଳ ଟିଣର ଏକ ଛୋଟ ହୃଦୟ ଓ ଜଳିସାରିଥିବା କଳା ଗୋଲାପର ଏକ ଆକୃତି। ପ୍ରେମ ଏଠି ଅସଫଳ । ତେଣୁ ଏକ କ୍ରୂର ବିୟୋଗାତ୍ମକ ପରିଣତିରେ ସରୁଛି ଏ କାହାଣୀ ।

'ଦ ଅଗ୍ଲି ଡକଲିଙ୍ଗ' କାହାଣୀ ସେତେ ଦୁଃଖାନ୍ତକ ନ ହେଲେ ବି ଅବହେଳା, ତିରସ୍କାର ଓ ଏକାକୀତ୍ୱର ଭାବ ଏଥିରେ ବିଦ୍ୟମାନ। ଏହା ମଧ୍ୟ ଢଣା ଅଧିକେ ବିରହାତ୍ମକ ଓ ଦୁଃଖପ୍ରଧାନ। ଏହିପରି ଆଣ୍ଡରସନ୍‌ଙ୍କ ଅଧିକାଂଶ କାହାଣୀ କେବଳ ମନୋରଞ୍ଜନ ପାଇଁ ଲେଖା ଯାଇନାହିଁ; ବରଂ ଜୀବନର କଠୋର ସତ୍ୟକୁ ସେ କଳ୍ପନାର ପୁଟ ଦେଇ ଅତି ଜୀବନ୍ତ ଭାବରେ ପାଠକ ପାଖରେ ପହଞ୍ଚାଇଛନ୍ତି । ଆଜି ମଧ୍ୟ ଏହି କାହାଣୀଗୁଡ଼ିକ ନୂଆ ପିଢ଼ିଙ୍କୁ ପ୍ରେରଣା ଦିଏ । ତେଣୁ ହାନ୍‌ସ କ୍ରିଷ୍ଟିଆନ୍ ଆଣ୍ଡରସନ୍ ବିଶ୍ୱ ସାହିତ୍ୟର ଏକ ଉଜ୍ଜ୍ୱଳ ନକ୍ଷତ୍ର ଭାବେ ଚିରକାଳ ଜୀବନ୍ତ ହୋଇ ରହିବେ। ■

ବରପାଲି ମହାବିଦ୍ୟାଳୟ
ବରପାଲି, ବରଗଡ଼

## ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଅଭିଭାବକମାନେ ପିଲାଙ୍କ ଉପରେ ଭରସା କରନ୍ତୁ



ଭୁବନେଶ୍ୱର, ୨୭ ।୧୨(ସମିସ): ଛୋଟ ଛୋଟ ଛୁଆମାନେ ସାନ ହେଲେ ବି ସେମାନଙ୍କଠାରୁ ବହୁତ କିଛି ଶିଖିବାକୁ ମିଳିଥାଏ। ଶ୍ରେଣୀରେ ପ୍ରଥମ ହେବା ଜରୁରୀ ନୁହେଁ; ସବୁ କ୍ଷେତ୍ରରେ ଭାଗ ନେବା ଜରୁରୀ। ଅଭିଭାବକମାନେ ସେମାନଙ୍କ ପିଲା ଉପରେ ଭରସା କରନ୍ତୁ। ପରିବାର ହେଉ ଅବା ପାଠଶାଳା, ଏହିଠାରୁ ଯେଉଁ ଶିକ୍ଷା ଆମେ ପାଇଥାଉ, ଏହାକୁ ଜୀବନ ମାର୍ଗରେ କାମରେ ଲଗାଇବା, ତେବେ ସମାଜରେ ଏହି ସବୁଥିରୁ ମିଳିଥିବା ସଂସ୍କାର ଓ ଶୃଙ୍ଖଳାର ଉଚିତ୍ ମୂଲ୍ୟ ରହିବ ବୋଲି ଶନିବାର ଭିଏସ୍‌ଏସ୍ ନଗରସ୍ଥିତ ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକୋତ୍ସବରେ ଯୋଗଦେଇ ଅତିଥିମାନେ ଏହି ମତବ୍ୟକ୍ତ କରିଥିଲେ।

ଏହି ବାର୍ଷିକୋତ୍ସବ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। କ୍ରିୟା ଯୋଗ ଆଧାରିତ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ଆଶୀର୍ବାଦରେ ଅନୁଷ୍ଠିତ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥିଭାବେ ବାଣିଜ୍ୟ, ପରିବହନ ଓ ଇସ୍ପାତ ଏବଂ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ପିଲାମାନଙ୍କୁ ସାମଗ୍ରିକ ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ଯଶସ୍ୱୀ ହେବା ପାଇଁ ଆହ୍ୱାନ ଦେଇଥିଲେ।

ସମ୍ମାନିତ ଅତିଥିଭାବେ ବିଶିଷ୍ଟ କବି ତଥା ସୋଆ ବିଶ୍ୱବିଦ୍ୟାଳୟ 'ପ୍ରାଚୀନ' ମୁଖ୍ୟ ପ୍ରଫେସର ଡ. ଗାୟତ୍ରୀବାଳା ପଣ୍ଡା ଯୋଗଦେଇ ଶିଶୁ ଓ ଅଭିଭାବକ ମଧ୍ୟରେ ସୁସମ୍ପର୍କ ରହିଲେ ପିଲାମାନେ ଆଗକୁ ବଢ଼ିପାରିବା ସହ ଛୋଟ ପିଲାମାନଙ୍କୁ ମୋବାଇଲଠାରୁ ଦୂରରେ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀର ଉପସ୍ଥିତ ରହିଥିଲେ।

ସେହିପରି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପ୍ରସ୍ତର ଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ, ସମ୍ମାନିତ ଅତିଥି ରୂପେ ରମାଦେବୀ ମହିଳା ମହାବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଛାତ୍ରଛାତ୍ରୀମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଶୋଭାକର ଦାସ ଫତେସିଂହ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାକ୍ଷେତ୍ରରେ ପାରଦର୍ଶିତା ହେବାପାଇଁ ଆଶୀର୍ବଚନ ରଖିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅଲେଖ ଚରଣ ନାୟକ ସ୍ୱାଗତ ଭାଷଣ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ବିଜ୍ଞାନ, କଳା ଓ ବାଣିଜ୍ୟ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଘ୍ନଜିତ ନାୟକ ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟ ପରି.ଳନା ସମିତିର ସଂପାଦିକା ପ୍ରୀତିନନ୍ଦା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କିଷ୍ଣୁଚାନ୍ଦ ପୃଷ୍ଟି, ଶିକ୍ଷୟିତ୍ରୀ ଏନ୍.ପ୍ରମିଳା ନାଗରାଣୀ, ବାରିଜା ପଶୁପାଳକ, ରେଶମୀ ସାହା ଓ ପ୍ରତ୍ୟାଶା ମହାନ୍ତି ପ୍ରମୁଖ ମଞ୍ଚ ପରି.ଳନା କରିଥିଲେ। ସାଂସ୍କୃତିକ ମୁଖ୍ୟ ତପସ୍ୱିନୀ ମହାପାତ୍ର ଉତ୍ସବର ସମ୍ପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶିବ ତାଣ୍ଡବ, ରାଜସ୍ଥାନୀ ନୃତ୍ୟ, ରାମାୟଣ, ସମ୍ବଲପୁରୀ ନୃତ୍ୟ, ଅପରେସନ ସିନ୍ଦୂର ଆଦି ସାଂସ୍କୃତିକ ବିଚିତ୍ରା ଚିତ୍ତାକର୍ଷକ ହୋଇଥିଲା। ଶିକ୍ଷୟିତ୍ରୀ ଇନ୍ଦିରା ପଟ୍ଟନାୟକ ଓ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ସୀମାନ୍ତରେ ମାଓବାଦୀଙ୍କ ବର୍ବର କାଣ୍ଡ

## ଆତ୍ମସମର୍ପଣକାରୀ ମାଓବାଦୀଙ୍କୁ ହତ୍ୟା

ମାଲକାନଗିରି,୨୭ ।୧୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓବାଦୀଙ୍କ ପୁଣି ବର୍ବରକାଣ୍ଡ ଦେଖିବାକୁ ମିଳିଛି। ଜଣେ ଆତ୍ମସମର୍ପଣ କରିଥିବା ପୂର୍ବତନ ମାଓବାଦୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଛନ୍ତି ମାଓବାଦୀ। ଯୁବକଙ୍କ ମୁଣ୍ଡ, ମୁହଁ ଏବଂ ଆଖିରେ ଗଭୀର ଆଘାତ ଲାଗିଥିବା ବେଳେ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଘଟଣାଟି ପାମେଡ ଥାନା ଅଞ୍ଚଳରେ ଘଟିଛି। ମୃତକ ହେଲେ, ପୁନେମ ବୁଦରା। ସେ ୨୦୨୨ମସିହାରେ ମାଓ ସଂଗଠନ ଛାଡି ସୁକୁମା ଜିଲ୍ଲା ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ତେବେ ଏହାପରେ ସେ ପାମେଡ ଥାନା ଅଞ୍ଚଳରେ ନିଜ ଘରେ ରହିଆସୁଥିଲେ। ନିଜ ଘରେ ଶୋଇଥିବା ବେଳେ କିଛି ସଶସ୍ତ୍ର ମାଓବାଦୀ ଆସି ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିଲେ। ପୁନେମ ପୁଲିସ ସୂଚନାଦାତା ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ କରି ମାଓବାଦୀମାନେ ଏହି ହତ୍ୟା କାଣ୍ଡ କରିଥିବା ଜଣାପଡ଼ିଛି। ଏହାପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଅଞ୍ଚଳରେ ପୁଲିସ ପକ୍ଷରୁ ତଲାସି ଅଭିଯାନ ଆରମ୍ଭ କରାଯାଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଏହି ଘଟଣାକୁ ମିଶାଇ ଗତ ଏକ ସପ୍ତାହ ମଧ୍ୟରେ ଦୁଇଜଣଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି।

## ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗନେବେ ଓଡ଼ିଶା ଏନ୍‌ସିସି କ୍ୟାଡେଟ୍



ଭୁବନେଶ୍ୱର, ୨୭ ।୧୨ (ସମିସ): ନୂଆଦିଲ୍ଲୀରେ ହେବାକୁ ଥିବା ସାଧାରଣ ତନ୍ତ୍ର ଦିବସ ପ୍ୟାରେଡ୍ ଏବଂ ଏନ୍‌ସିସି ପିଏମ୍ ରାଲିରେ ଓଡ଼ିଶାର ପ୍ରତିନିଧିତ୍ୱ କରିବା ପାଇଁ ଓଡ଼ିଶାରୁ ୧୨୭ଜଣ କ୍ୟାଡେଟ୍ ଦିଲ୍ଲୀ ଗସ୍ତ କରିଛନ୍ତି। ତନ୍ମଧ୍ୟରେ କଲେଜ ଏନସିସି ଶାଖାରୁ ରହିଛନ୍ତି ୧୧୨ ଜଣ (୭୧ ବାଳକ ଓ ୪୧ ବାଳିକା) ଏବଂ ସ୍କୁଲ ଏନସିସି ଶାଖାରୁ ୧୫ଜଣ (୯ ବାଳକ ଓ ୬ ବାଳିକା) କ୍ୟାଡେଟ୍ ରହିଛନ୍ତି। ତାଙ୍କ ସହ ୧୦ ଜଣ ସପୋର୍ଟ ଷ୍ଟାଫ୍ ଅଛନ୍ତି। ନବରଙ୍ଗପୁର ଠାରେ ଦୀର୍ଘ ୧ ମାସ ପର୍ଯ୍ୟନ୍ତ ପ୍ରଶିକ୍ଷଣ ନେଇଥିବା କ୍ୟାଡେଟ୍‌ମାନେ ସାଧାରଣତନ୍ତ୍ର ଦିବସ ଶିବିରରେ ଯୋଗଦେଇ ଅଧିକ ଅଭ୍ୟାସ କରିବେ। ସେଠାରେ ଉତ୍ତମ ପ୍ରଦର୍ଶନ କରୁଥିବା କ୍ୟାଡେଟ୍‌ମାନେ ଏନ୍‌ସିସି ପକ୍ଷରୁ ମୁଖ୍ୟ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିବେ।

ଏନ୍‌ସିସି କ୍ୟାଡେଟ୍‌ଙ୍କ ଗସ୍ତ ପୂର୍ବରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କ ସହ ସାକ୍ଷାତ କରି ଉତ୍ସାହିତ କରିଛନ୍ତି। ପରିଶ୍ରମ ଓ ସମର୍ପଣ ଭାବନା ସହ ଦେଶର ଏକତା ଏବଂ ସାର୍ବଭୌମତା ରକ୍ଷା ପାଇଁ ସର୍ବଦା ନିଷ୍ଠାପର ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ସେହିପରି ଏନ୍‌ସିସି କ୍ୟାଡେଟ୍, ଏନ୍‌ସିସିରେ ମହିଳା କ୍ୟାଡେଟ୍‌ଙ୍କ ସଂଖ୍ୟା ବୃଦ୍ଧି କରିବା ଏବଂ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଏନ୍‌ସିସି ବାଟାଲିୟନ ଖୋଲିବା ପାଇଁ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଥିବା ସେ ସୂଚନା ଦେଇଛନ୍ତି। ଏନ୍‌ସିସି ଡେପୁଟି ଡାଇରେକ୍ଟର ଜେନେରାଲ କମୋଡର ବିକ୍ରମ ସିଂହ ବିଭାଗୀୟ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ଗ୍ରୁପ କ୍ୟାପଟେନ ଦେବାଶିଷ ମଙ୍ଗରାଜଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିଶ୍ୱର ସବୁଠାରୁ ଧନୀ...

ଏବଂ ସୁନ୍ଦର ପିଚାଇଙ୍କୁ ଟପି ସେ ବିଶ୍ୱର ସବୁଠାରୁ ଧନୀ ଭାରତୀୟ ବଂଶୋଦ୍ଭବ ସିଇଓ ପାଲଟିଛନ୍ତି। ସତ୍ୟ ନାଡେଲାଙ୍କ ମୋଟ ସମ୍ପତ୍ତି ପ୍ରାୟ ୯,୭୭୦ କୋଟି ଏବଂ ସୁନ୍ଦର ପିଚାଇଙ୍କ ସମ୍ପତ୍ତି ପ୍ରାୟ ୫,୮୧୦ କୋଟି ଟଙ୍କା। ଉଲ୍ଲାଲ ୨୦୦୮ ରୁ କମ୍ପ୍ୟୁଟର ନେଟୱାର୍କିଂ କମ୍ପାନୀ ଆରିଷ୍ଟା ନେଟୱାର୍କସର ମୁଖିଆ ରହିଛନ୍ତି।। ଫୋର୍ବସ୍ ରିପୋର୍ଟ ଅନୁଯାୟୀ, ତାଙ୍କ ନେତୃତ୍ୱରେ କମ୍ପାନୀ ୨୦୨୪ରେ ୭ ବିଲିୟନ ଡଲାରର ରାଜସ୍ୱ ହାସଲ କରିଛି। ଏହା ପୂର୍ବ ବର୍ଷ ତୁଳନାରେ ପ୍ରାୟ ୨୦ ପ୍ରତିଶତ ଅଧିକ।

### ୭ ନଦୀରୁ ମାତ୍ରାଧିକ...

ଜଣାପଡ଼ିଥାଏ। ଯଦି ଚୁକ୍ତିଠାରୁ ଅଧିକ ଜଳ ନିଆଯାଏ, ତେବେ ଛଅ ଗୁଣ ଦଣ୍ଡ ସମାନ ଅର୍ଥ ମଧ୍ୟ ଉକ୍ତ ସଂସ୍ଥାଠାରୁ ଅସୁଲ କରାଯିବାର ପ୍ରାବଧାନ ରହିଛି। ଏପରିକି ୨୦୨୧ ମସିହାରେ ଜଳସଂପଦ ବିଭାଗ ସମସ୍ତ ଶିଳ୍ପକୁ ସେନ୍ସର-ଭିତ୍ତିକ 'ଫ୍ଲୋ ମିଟର' ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲା। ଏହା ଦ୍ୱାରା ପ୍ରକୃତ ଜଳ ବ୍ୟବହାର ମାପି ହୋଇପାରିଥାନ୍ତା। ମାତ୍ର ତମାମ୍ ନିର୍ଦ୍ଦେଶ, ଶିଳ୍ପ ସଂସ୍ଥାଙ୍କ ସହ ଚୁକ୍ତି ପରେ ମଧ୍ୟ ଏହି ନିୟମକୁ ସଂସ୍ଥାଗୁଡ଼ିକ ମାନୁନାହାନ୍ତି। ଚୁକ୍ତିନାମାଠାରୁ ସେମାନେ କେଇଗୁଣ ଅଧିକ ଜଳ ଉଠାଇ ନଦୀଗୁଡ଼ିକୁ ଶୋଷି ଚାଲିଛନ୍ତି।

ସରକାରଙ୍କଠାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ରାଜ୍ୟର ୭ଟି ନଦୀ ଅବବାହିକାରୁ ଶିଳ୍ପ ସଂସ୍ଥାମାନଙ୍କୁ ଜଳ ଉଠାଣର ଅନୁମତି ମିଳିଛି। ସେଗୁଡ଼ିକ ହେଲା ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ଇନ୍ଦ୍ରାବତୀ, କୋଲାବ, ନାଗାବଳୀ ଓ ଋଷିକୁଲ୍ୟା। ଏହି ନଦୀ ଅବବାହିକାରୁ କେତେ ପରିମାଣରେ ଜଳ ଉତ୍ତୋଳନ କରାଯିବ ତାହା ଜଳସମ୍ପଦ ବିଭାଗ ସ୍ଥିରୀକୃତ ହୋଇଛି। ତେବେ ପ୍ରାୟ ୧୨୨ଟି ଶିଳ୍ପ ସଂସ୍ଥା ଜଳଉଠାଇବାକୁ ସରକାରଙ୍କ ସହ ଚୁକ୍ତି କରିଥିଲେ ହେଁ, ସେମାନଙ୍କ ମଧ୍ୟରୁ କେତେକ ସଂସ୍ଥା ଆବଶ୍ୟକତାଠାରୁ ଅଧିକ ଜଳ ଉତ୍ତୋଳନ କରୁଥିବା ବିଭାଗର ଦୃଷ୍ଟିଗୋଚର ହୋଇଛି। ଯାହାଫଳରେ ବିଭାଗ ୩୧ଟି ଜଳସମ୍ପଦ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀକୁ ଚିଠି ଲେଖି ସଂପୃକ୍ତ ସଂସ୍ଥାଗୁଡ଼ିକୁ ନୋଟିସ ଜାରି କରିବାକୁ କହିଛି। ଯଦି ସେମାନେ ୩ ମାସ ମଧ୍ୟରେ 'ଫ୍ଲୋ-ମିଟର' ଲଗାଇବାରେ ବିଫଳ ହୁଅନ୍ତି, ତାହେଲେ ସେମାନଙ୍କଠାରୁ ଚୁକ୍ତି ହୋଇଥିବା ଜଳ ବାବଦୀୟ ଅର୍ଥର ୬ ଗୁଣ ଆଦାୟ କରିବାକୁ ବିଭାଗ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛି।

ଶିଳ୍ପ ସଂସ୍ଥାଙ୍କ ଜଳ ଶୋଷଣ ଏଇଠି ସରୁନାହିଁ। ରାଜ୍ୟରେ ପ୍ରାୟ ୫୭ଟି ଶିଳ୍ପ ସଂସ୍ଥା ଉପରେ ୫୮୯୦ କୋଟି ଟଙ୍କାର ଜଳକର ବକେୟା ରହିଥିବା ଜଣାପଡ଼ିଛି। ମାତ୍ର ସରକାର ଏହି ରାଶିକୁ ଆଦାୟ କରିପାରୁ ନାହାନ୍ତି। ଗୋଟିଏ ପଟେ ଛତିଶଗଡ଼ ଉପରମୁଣ୍ଡରେ ବେଆଇନ ନିର୍ମାଣ କରି ଚାଲିଥିବା ବେଳେ ମହାନଦୀ ଅବବାହିକାରେ ଜଳସ୍ତର ଲଗାତାର ଭାବେ ହ୍ରାସ ପାଉଛି। ସେହିପରି ଅନ୍ୟ ନଦୀ ଅବବାହିକାରେ ମଧ୍ୟ କ୍ରମାଗତ ବାବେ ଜଳସ୍ତର ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି। ସମାନ ସମୟରେ ଶିଳ୍ପ ସଂସ୍ଥାଗୁଡ଼ିକ ମନଇଚ୍ଛା ଜଳଶୋଷଣ କରିବା ଆଗାମୀ ଦିନରେ ଓଡ଼ିଶା ପାଇଁ ବିପଦ ସୃଷ୍ଟି କରିପାରେ। ଏହାଦ୍ୱାରା କୃଷି, ମତ୍ସ୍ୟପାଳନ ସହ ପରିବେଶ ଉପରେ ସର୍ବାଧିକ କୁପ୍ରଭାବ ପଡ଼ିବାରେ ଆଶଙ୍କା ଥିବାରୁ ସରକାର ଏବେଠାରୁ ସମ୍ପୂର୍ଣ୍ଣ ସଜାଗ ହେବାକୁ ବିଶେଷଜ୍ଞ ମହଲ ଦାବି କରିଛନ୍ତି।

### ଜିଡିପି ଅଭିବୃଦ୍ଧି...

ବର୍ଗଙ୍କ ମଧ୍ୟରେ ଚିନ୍ତାର କାରଣ ହୋଇଛି। ଛୋଟ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟ ବନ୍ଦ ରହୁଥିବାରୁ ନୂତନ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେଉଛି।

ଅପରପକ୍ଷେ ବାଂଲାଦେଶର ବ୍ୟାଙ୍କିଂ କ୍ଷେତ୍ରର ଅବସ୍ଥା ମଧ୍ୟ ଚିନ୍ତାର ବିଷୟ। ବହୁ ସଂଖ୍ୟକ ଋଣ ପୁନରୁଦ୍ଧାର ବାହାରେ। ଏହି ସମସ୍ୟାଗୁଡ଼ିକୁ ଦୀର୍ଘ ସମୟ ଧରି ଲୁଚାଇ ରଖାଯାଇଥିଲା, ଯାହା ପରିସ୍ଥିତିକୁ ଆହୁରି ଖରାପ କରୁଛି। ବର୍ତ୍ତମାନ, ବ୍ୟାଙ୍କଗୁଡ଼ିକ ନୂତନ ଋଣ ପ୍ରଦାନ କରିବାରେ ସତର୍କ ହୋଇପଡୁଛନ୍ତି, ଯାହା ବ୍ୟବସାୟକୁ ପ୍ରଭାବିତ କରିଛି। ବିକାଶର ମେରୁଦଣ୍ଡ ଭାବରେ ବିବେଚିତ ଦେଶରେ ଘରୋଇ କ୍ଷେତ୍ରର ନିବେଶ ଅତ୍ୟନ୍ତ ମନ୍ଥର ହୋଇଛି। ହେଲେ, ରାଜନୈତିକ ସଙ୍କଟ ସତ୍ତ୍ୱେ କିଛି ବିଦେଶୀ ନିବେଶ ବୃଦ୍ଧି ପାଇଛି। ବିଶେଷକରି ଶକ୍ତି କ୍ଷେତ୍ରରେ ଅନିଶ୍ଚିତତା ନିବେଶକୁ ପ୍ରଭାବିତ କରିଛି। ୨୦୨୬ ପ୍ରାରମ୍ଭରେ ହେବାକୁ ଥିବା ନିର୍ବାଚନ ଆଶା ସୃଷ୍ଟି କରିଛି ଯେ ଏକ ନିର୍ବାଚିତ ସରକାର ଗଠନ ହେବା ସହିତ ପରିସ୍ଥିତିରେ ଉନ୍ନତି ଆସିପାରେ। ବାଂଲାଦେଶର ଯୁବ ଜନସଂଖ୍ୟା ହେଉଛି ଦେଶର ସବୁଠାରୁ ବଡ଼ ଶକ୍ତି, ଏବଂ ସଠିକ୍ ନୀତି ସହିତ, ଏହା ଅର୍ଥନୀତିକୁ ପୁନର୍ଜୀବିତ କରିପାରିବ। ବାଂଲାଦେଶର ଅର୍ଥନୀତି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇ ନ ଥିବାବେଳେ, ଏହା ଏକ ଦୀର୍ଘକାଳୀନ ସାରଞ୍ଚନିକ ସଙ୍କଟ ଦେଇ ଗତି କରୁଛି। ଏକ ଦୁର୍ବଳ ବ୍ୟାଙ୍କିଙ୍ଗ ବ୍ୟବସ୍ଥା, ବର୍ଦ୍ଧିତ ବେକାରି ଏବଂ ମନ୍ଥର ଅଭିବୃଦ୍ଧି ହାର ଏହି ବାସ୍ତବତାକୁ ସ୍ପଷ୍ଟ କରୁଛି।

### ହୋଟେଲ ରୁମ୍‌ରେ...

ରହିଥିଲେ। ୨୬ ତାରିଖ ସକାଳେ ମହିଳାଜଣଙ୍କ ହୋଟେଲରୁ କୁଆଡ଼େ ପଳାଇ ଯାଇଥିବା ବେଳେ ଦିନ ୧୧ଟାରେ ରାମଚନ୍ଦ୍ର ବସ୍ ଯୋଗେ ଘରକୁ ପଳାଇଥିଲେ। କିନ୍ତୁ ଦୁଇଦିନ ହେବ ଆକାଶ ଘରକୁ ନଫେରିବାରୁ ପରିବାରଲୋକ ଆକାଶ ଓ ରାମଚନ୍ଦ୍ରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଏହାକୁ ନେଇ ପରିବାରଲୋକଙ୍କ ମନରେ ସନ୍ଦେହ ହୋଇଥିଲା।

ଅପରପକ୍ଷେ, ଆଜି ହୋଟେଲର ୫୦୨ନମ୍ବରରୁ ଦୁର୍ଗନ୍ଧ ଆସିବାରୁ ହୋଟେଲ କର୍ତ୍ତୃପକ୍ଷ ସନ୍ଦେହ କରି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ରୁମର ତାଲା ଖୋଲି ଦେଖିବା ବେଳକୁ ଆକାଶଙ୍କର ମୃତଦେହ ଖଟ ଉପରେ ପଡ଼ିଥିଲା। ହୋଟେଲ ରେଜିଷ୍ଟର୍‌ରେ ଥିବା ଆକାଶଙ୍କ ପରିଚୟପତ୍ର ଆଧାରରେ ପୁଲିସ ତାଙ୍କ ପରିବାରଲୋକଙ୍କୁ ଖବର ଦେଇଥିଲା। ଖବର ପାଇ ମୃତକଙ୍କ ପତ୍ନୀ ଜୟନ୍ତୀ ସାହୁ, ମା' ନନ୍ଦିନୀ ମହନ୍ତ ଏବଂ ଅନ୍ୟ ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚି ଆକାଶଙ୍କୁ ଚିହ୍ନଟ କରିଥିଲେ। ଜୟନ୍ତୀଙ୍କ କହିବାନୁଯାୟୀ, ରାମ ଏବଂ ଅନ୍ୟମାନେ ମିଶି ଆକାଶଙ୍କୁ ହତ୍ୟା କରିଛନ୍ତି। ସହଦେବଖୁଣ୍ଟା ଥାନା ଅଧିକାରୀ ବିରଞ୍ଚି ସାହୁଙ୍କ କହିବା ଅନୁସାରେ, ସୂରଜ ହୋଟେଲର ରେଜିଷ୍ଟର୍ ଅନୁସାରେ ଉକ୍ତ ରୁମ୍‌ରେ ରାମଙ୍କୁ ମିଶାଇ ଦୁଇ ଜଣ ପୁରୁଷ ଓ ଜଣେ ମହିଳା ରହିଥିଲେ। ଜୟନ୍ତୀଙ୍କ ଅଭିଯୋଗ ଆଧାରରେ ପୁଲିସ ରାମଚନ୍ଦ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଫେରାର୍ ମହିଳାଜଣଙ୍କୁ ଧରିବା ପାଇଁ ଗୋଟିଏ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି।

### ବିଜେପିର ରାଷ୍ଟ୍ରୀୟ...

ହୋଇଥିଲେ। ୪୫ ବର୍ଷୀୟ ନିତିନ ବିହାରର ବାଙ୍କିପୁରରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ସେ ୨୦୧୦ରୁ ଏହି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଆସୁଛନ୍ତି। ଗତ ବିହାର ବିଧାନସଭା ନିର୍ବାଚନରେ ତାଙ୍କ ସଂଗଠନିକ ଦକ୍ଷତା କେନ୍ଦ୍ରୀୟ ନେତୃତ୍ୱକୁ ବେଶ୍ ପ୍ରଭାବିତ କରିଥିଲା।

### କଂଗ୍ରେସର ଅଡୁଆ...

ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛି। ବିଜେପି ମୁଖପାତ୍ର କେଶବନ କହିଛନ୍ତି ଯେ ଗାନ୍ଧୀ ପରିବାର କଂଗ୍ରେସରେ କିପରି ଏକପାଖିଆ ରାଜୁତି ଚଳାଇଛନ୍ତି, ଏହା ହେଉଛି ତାର ପ୍ରମାଣ।

ଦିଗବିଜୟ ସିଂହଙ୍କ ଏହି ପୋଷ୍ଟକୁ ନେଇ କଂଗ୍ରେସ ନେତାମାନେ ମୁହଁ ଖୋଲୁ ନାହାନ୍ତି। ତେବେ ଆଜି ଚାଲିଥିବା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଦିଗବିଜୟ ସଂଗଠନ ବିଷୟରେ କିଛି କହିବାକୁ ଚାହିଁଥିଲେ। କିନ୍ତୁ ପାଖରେ ବସିଥିବା ଅନ୍ୟ ନେତାମାନେ ତାଙ୍କୁ ଚୁପ ହୋଇ ବସିବାକୁ କହିଥିଲେ। ଏହାସତ୍ତ୍ୱେ ସେ ସାଂଗଠନିକ କଥା ଉଠାଇଥିଲେ। ସେ କହିଥିଲେ ଯେ ବିଜେପିକୁ ହରାଇବାକୁ ହେଲେ କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବାକୁ ହେବ। ତେବେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ତାଙ୍କୁ ଏଥିରୁ ବାରଣ କରିଥିଲେ। ସେ କହିଥିଲେ ଯେ ମନରେଗା ଛଡ଼ା ଆଜିର ବୈଠକରେ ଅନ୍ୟ କୌଣସି ପ୍ରସଙ୍ଗରେ ଆଲୋଚନା ହେବନାହିଁ। ବୈଠକରେ ଅନ୍ୟ ନେତାମାନେ ଅଛନ୍ତି। ସେମାନେ ମନରେଗା ଉପରେ ମତାମତ ଦେବାକୁ ଚାହୁଁଛନ୍ତି। ତେଣୁ ଦିଗବିଜୟଙ୍କୁ ଆଉ କିଛି କହିବାକୁ ଦେଇନଥିଲେ। ଏହାସତ୍ତ୍ୱେ ସେ ବାରମ୍ବାର ସଂଗଠନ କଥା ଉଠାଇବାକୁ ଉଦ୍ୟମ କରୁଥିଲେ। କିନ୍ତୁ ଅନ୍ୟ ନେତାମାନେ ତାଙ୍କୁ ଚୁପ ରହିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ତାଙ୍କର ଏଭଳି ଆଚରଣ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା।

ତେବେ ବୈଠକ ପରେ ସଫେଇ ଦେଇ ଦିଗବିଜୟ ସିଂହ କହିଥିଲେ ଯେ ସେ ଏବେ ବି ବିଜେପି ଏବଂ ଆରଏସଏସକୁ ଦୃଢ଼ ବିରୋଧ କରୁଛନ୍ତି। ଆରଏସଏସ ଆଦର୍ଶର ସେ ଘୋର ବିରୋଧୀ। ଏହି ସଂଗଠନ କୋ।।ବେହେଲେ ସମ୍ବିଧାନକୁ ସମ୍ମାନ ଦିଏନାହିଁ। ସେ କେବଳ ଆରଏସଏସର ସାଂଗଠନିକ ଦକ୍ଷତାର ପ୍ରଶଂସା କରିଛନ୍ତି। ଏହାକୁ ଭିନ୍ନ ଅର୍ଥରେ ନେବା ଉଚିତ ନୁହେଁ ବୋଲି ସେ କହିଥିଲେ।

### ଦୋକାନ ସହ ଦୋକାନୀଙ୍କୁ...

ସେ ଦୋକାନକୁ ଶୋଇବାକୁ ଯାଇଥିଲେ। କିନ୍ତୁ ଭୋର ପ୍ରାୟ ୪ଟାରେ ମନ୍ଦିର ପୂଜକ ନଳିନୀକାନ୍ତ ପଣ୍ଡା ଦୋକାନରୁ ନିଆଁ ଓ ଧୂଆଁ ଉଠୁଥିବା ଦେଖି ସୁବାସଙ୍କ ବାପା ଅରକ୍ଷିତ ମଲ୍ଲିକଙ୍କୁ ଖବର ଦେଇଥିଲେ। ପରିବାରଲୋକେ ପହଞ୍ଚି ସୁବାସ ନିଆଁରେ ସମ୍ପୂର୍ଣ୍ଣ ଜଳିଯାଇଥିବା ଦେଖିବାକୁ ପାଇଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ଦୋକାନ କବାଟ ବାହାରପଟୁ ବନ୍ଦ ଥିଲା। ଲୁହା ଗ୍ରୀଲ୍ ଭାଙ୍ଗି ପରିବାର ଲୋକ ଭିତରକୁ ପଶିଥିଲେ। ତେଣୁ ଏହା କୌଣସି ଦୁର୍ଘଟଣା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟା ବୋଲି ସନ୍ଦେହ ଉପୁଜିଛି।

ଘଟଣାକୁ କେନ୍ଦ୍ର କରି ବାରେଣୀ ବଜାରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବ୍ୟବସାୟୀ ସଂଘ ଓ ସ୍ଥାନୀୟ ଲୋକେ ଏହାକୁ ହତ୍ୟା ବୋଲି ଅଭିଯୋଗ କରି ଗରଦପୁର-କୋରୁଆ ମୁଖ୍ୟ ରାସ୍ତାରେ ଟାୟାର ଜାଳି ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ। ପରେ କୁଦାନଗରୀ ଥାନା ଘେରଉ କରି ଦୋଷୀଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ। ଅନ୍ୟପଟେ ପୁଲିସ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିବାରୁ ଲୋକଙ୍କ ମଧ୍ୟରେ ଚରମ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ କୁଦାନଗରୀ ଓ ପାଟକୁରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ମୃତ ସୁବାସଙ୍କ ପୁଅ ଓମ୍ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ବାହାର ପଟୁ ଦୋକାନ କବାଟ ବନ୍ଦ କରି ନିଆଁ ଲଗାଯାଇ ବାପାଙ୍କୁ ହତ୍ୟା କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇଛି। ସମସ୍ତ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ ଚାଲିଥିବା କୁଦାନଗରୀ ଥାନାଧିକାରୀ ଅରବିନ୍ଦ ଶରଣ ମହାନ୍ତି କହିଛନ୍ତି।

### ସଶକ୍ତ ସଂଗଠନ ପାଇଁ...

ଲୋକଲୋଚନକୁ ଆଣିବା ସହ ଆଗାମୀ ଦିନରେ ବିଜେଡିକୁ ପୁଣିଥରେ କ୍ଷମତାକୁ ଫେରାଇ ଆଣିବାକୁ ଦଳର କର୍ମକର୍ତ୍ତା ସମ୍ପୂର୍ଣ୍ଣ ନିଷ୍ଠାର ସହ କାମ କରିବାକୁ ଆହ୍ୱାନ ଦେଇଥିଲେ ନବୀନ। ଲକ୍ଷ ଲକ୍ଷ କର୍ମୀ ଭାଇଭଉଣୀମାନଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଛି, ତେଣୁ ବର୍ତ୍ତମାନର ଆହ୍ୱାନକୁ ଭବିଷ୍ୟତ ପାଇଁ ସୁଯୋଗରେ ରୂପାନ୍ତରିତ କରି ଏକ ସଶକ୍ତ ଓଡିଶା ଗଠନ ଦିଗରେ ବ୍ରତୀ ହେବାକୁ ନବୀନ ପରାମର୍ଶ ଦେଇଥିଲେ। ଏଥିପାଇଁ ତୃଣମୂଳ ସ୍ତରରେ ଏକ ସଶକ୍ତ ସଂଗଠନର ଆବଶ୍ୟକତା ଥିବାବେଳେ ମାତ୍ର ୨୪ ଘଣ୍ଟାରେ ନବୀନ ତୃଣମୂଳ ସଂଗଠନକୁ ସଜାଡ଼ିବାକୁ ପଦକ୍ଷେପ ଆରମ୍ଭ କରିଛନ୍ତି।

ରାଜନୈତିକ ବିଶ୍ଳେଷକଙ୍କ ମତ ଅନୁଯାୟୀ, ଆଗାମୀ ଦିନରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ହାତରେ ଦେଢ଼ ବର୍ଷରୁ କମ୍ ସମୟ ରହିଛି। ରାଜ୍ୟ ସରାକାରଙ୍କ ଶାସନ ପ୍ରଣାଳୀ ତଥା ବିଭିନ୍ନ ନୀତିକୁ ନେଇ ଗାଁ ଗହଳିରେ ଜନଅସନ୍ତୋଷ ଦାନା ବାନ୍ଧିଲାଣି। ତେଣୁ ରାଜ୍ୟ ସରକାରଙ୍କ ବିରୋଧରେ ଏକ ମାହୋଲ ସୃଷ୍ଟି କରିବା ସହ ଏକ ଆଞ୍ଚଳିକ ଦଳ ଭାବେ କେବଳ ବିଜେଡି ଯେ ରାଜ୍ୟବାସୀଙ୍କୁ ପ୍ରକୃଷ୍ଟ ଶାସନ ଦେଇପାରିବ, ତାହା ପ୍ରମାଣିତ କରିବାକୁ ଦଳ ପାଖରେ ବଡ଼ ସୁଯୋଗ ରହିଛି। ଏହାକୁ ବାସ୍ତବରେ ପରିଣତ କରିବାକୁ ତୃଣମୂଳ ସ୍ତରରେ ଏକ ସଶକ୍ତ ଏବଂ ସଂଗଠିତ ସଂଗଠନର ଆବଶ୍ୟକତା ଥିବାବେଳେ ନବୀନ ଏଥିପାଇଁ ତ୍ୱରିତ୍ ଢଙ୍ଗରେ ଜିଲ୍ଲା କମିଟି ଗଠନ ଉପରେ ଗୁରୁତ୍ୱ ଦେଇଛନ୍ତି। ସମସ୍ତ ଜିଲ୍ଲାରେ କମିଟି ଗଠନ ପରେ ଖୁବ୍‌ଶୀଘ୍ର ବ୍ଲକ ଏବଂ ପଞ୍ଚାୟତସ୍ତରୀୟ କମିଟି ମଧ୍ୟ ପୁନର୍ଗଠନ କରାଯିବ ବୋଲି ଜଣାପଡ଼ିଛି। କେବଳ କମିଟି ପୁନର୍ଗଠନ ନୁହେଁ; ଦଳକୁ କ୍ରିୟାଶୀଳ କରିବା ପାଇଁ ନିୟମିତ ବ୍ୟବଧାନରେ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ କରାଯିବବୋଲି ଦଳର ବିଶ୍ୱସ୍ତ ମହଲରୁ ଜଣାପଡ଼ିଛି।

**AFFIDAVIT**

I, Jayantilal Somaji Patel, S/o- Somji Jivraj Patel, R/O - H No. 5-5-39/2/2, Patel Hardware Ajab Nagar, Jalna Road, Kranti Chowk, Aurangabad, Po-Aurangabad (MH), Ps-Mukundwadi, Dist-Aurangabad, Maharashtra, Pin- 431005, declare by this affidavit No- 2386, dtd-23/12/2025 that now onwards I shall be known as **JAYANTILAL SOMJI PATEL** for all future purposes.

**AFFIDAVIT**

I, Vimla Jayantilal Patel, D/O-Manilal Khinji Patel, R/O - H No. 5-5-39/2/2, Patel Hardware, Ajab Nagar, Jalna Road, Kranti Chowk, Aurangabad, Po-Aurangabad (MH), Ps-Mukundwadi, Dist-Aurangabad, Maharashtra, Pin- 431005, declare by this affidavit No- 2385, dtd-23/12/2025 that now onwards I shall be known as **VIMALABEN JAYANTILAL PATEL** for all future purposes.

**AFFIDAVIT**

I, Gautami Jayantilal Patel, D/o- Jayantilal Somaji Patel, R/O - Flat No- 301, Royal Residency, Forest Park, Bhubaneswar, Po- Ashok Nagar, Ps-Capital, Dist-Khordha, Odisha, Pin-751009 declare by this affidavit No- 2387, dtd-23/12/2025 that now onwards I shall be known as **GAUTAMI PATEL** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Bhubaneswar dated 20-12-2025 (CF No-89). I PRAKASH KUMAR PATRA, S/o- Akuli Charan Patra on behalf of my (minor) son AURNOV ROSAN PATRA (old name) Resident of LC124/23, Sailashree Vihar, Ps.-Chandrasrkharpur, Bhubaneswar, Khordha, Pin-751024 declare that, I have changed my son's name from **AURNOV ROSAN PATRA** to **ARNAV ROSHAN PATRA.** Henceforth my son shall be known as **ARNAV ROSHAN PATRA** for all purposes.

**AFFIDAVIT**

By virtue of an Affidavit before Notary Public, Malkangiri, **I, Madhab Dura**, aged about 32 years, S/o.: Laichan Dura resident of Village: Katameta, PO.: Bhejaguda, P.S./Dist.: Malkangiri, Odisha, declare by this Affidavit No.: 807/25, Dated: 03.07.2025 that I have changed my name & my father's name from Madhab Dora, S/o.: Laichan Dora to **Madhab Dura, S/o.: Laichan Dura.** Henceforth I shall be known as **Madhab Dura, S/o.: Laichan Dura** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bargarh, vide no.1325 dated 21.11.2025, I Pushparaj Deheri, S/o- Barun Deheri resident of At-Badmal, Po.- Dunguri, Ps./ Tah.- Ambhabhona, Dist.-Bargarh, Pin- 768052 state that, I have changed my name from **Pushpak Deheri to Pushparaj Deheri**. Henceforth I shall be knoen as **Pushparaj Deheri** for all future purposes.

**AFFIDAVIT**

I SRINIVASU RAO, S/o JAMI SURYA RAO resident of At - Bhupathi Street, Po/Ps - Jeypore, DT- Koraput - 764001, Odisha declare by this Affidavit No.2961 Dated - 24/12/2025, that now onwards I shall be known as JAMI SRINUVASU RAO For all future purpose.

**AFFIDAVIT**

I MONORAMA PUJARI, W/o Mono Mohan Pujari, resident of At- Bikram Nagar, Po/Ps- Jeypore, Dist- Koraput - 764001, Odisha declare by this Affidavit No.5553 Dated - 25/12/2025, that now onwards I shall be known as MANORAMA PUJARI For all future purpose.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, Dist: Khordha dated 21.11.2025, I, Ganga Biswas, W/o- Bhaba Ranjan Biswas, At- Gobardhan Colony, Bhusandpur Sasan, District - Khordha, Pin-752021, Odisha declare that I have changed my daughter's name from Sidhi Biswas to Shriti Biswas. Henceforth, she shall be known as **Shriti Biswas** for all purposes.

**Ganga Biswas**

**OFFICE OF THE PRINCIPAL**
**Eklavya Model Residential School, Nuapada**
(A unit of NESTS) Ministry of Tribal Affairs Govt. of India
(Affiliated to CBSE, Delhi, Affiliation No. 1520009 & School No. 17097)
At – Sakhatara, Po – Maulibhatta, Ps – Nuapada, Dist – Nuapada, 766105 (Odisha)
Email id: emrs.nuapada@gmail.com

**Letter No.: EMRS/NPD/OFF/523/2025-26** **Date: 27.12.2025**

**WALK-IN-INTERVIEW**

A Walk-in-Interview for the Guest Faculties will be conducted at 11.00 AM on 6th January 2026 for Eklavya Model Residential School, Nuapada, in the Office of the Principal, EMRS Nuapada. Eligible candidates having the requisite qualification as mentioned below may appear walk-in-interview with their Biodata along with a set of self-attested photo copies of mark sheet and experience certificate (if any) and one passport sized photograph at EMRS Nuapada. For further details visit Nuapada District Website-http://www.nuapada.odisha.gov.in. This engagement is purely need based, part time & temporary.

| SL NO | Discipline | Essential Qualification | Interview Date & Time | Remuneration |
|---|---|---|---|---|
| 1 | PGT Biology (Guest Faculty ) for EMRS Nuapada | 1. MSC in Biology /Zoology / Botany or any specialization in Biology/ zoology / Botany. Provided the candidates has studied Biology/ Zoology / Botany at graduation level with 50% marks in concerned subject and B.Ed from NCTE recognized institute / University<br>2. Proficiency in Hindi & English<br>3. Computer Knowledge | Date - 06.01.2026 from 11 AM onwards<br>Place - EMRS Nuapada | With Qualifications as per RR of NESTS Rs. 35,000/- & Without Qualification as per RR of NESTS Rs. 31,000/-) |
| 2 | TGT Hindi (Guest Faculty ) for EMRS Nuapada | 1. Bachelor / Honours degree from a recognized university with at least 50 % marks in concerned subject , combination of subjects and in aggregate with B.Ed degree from NCTE recognized institute / University with at least 50% marks<br>2. Qualified in CTET - (Paper- II)<br>3. Computer Knowledge | Date - 06.01.2026 from 11 AM onwards<br>Place - EMRS Nuapada | With Qualifications as per RR of NESTS Rs. 33,000/- & Without Qualification as per RR of NESTS Rs. 29,000/-) |

1. No TA / DA will be paid for attending the interview.
2. Authorities reserve the right to cancel / modify / postpone the Walk-in-Interview without assigning any reason thereof.

SD/- Principal, EMRS, Nuapada

# ବିପଦ ସାଜୁଛି ବ୍ଲୁଟୁଥ୍; ବଢ଼ୁଛି ଶ୍ରବଣଜନିତ ସମସ୍ୟା



**ବନ୍ତ/ଆଗରପଡ଼ା,୨୭।୧୨(ସମିସ):** ବିନା ମୋବାଇଲ୍‌ରେ ଜୀବନ ଅତିବାହିତ କରିବା କଷ୍ଟକର ବ୍ୟାପାର ପାଲଟିଛି। ଏହାର ପ୍ରଭାବ ଏତେ ବଢ଼ିଯାଇଛି ଯେ ବର୍ତ୍ତମାନ ଯୁବପିଢ଼ି ମୋବାଇଲ୍ ତ ବ୍ୟବହାର କରୁଛନ୍ତି ତତ୍‌ସହିତ ବ୍ଲୁଟୁଥ୍, ଇଅର ଫୋନ୍ ଓ ହେଡ୍ ଫୋନକୁ ମଧ୍ୟ ବହୁଳ ଭାବରେ ବ୍ୟବହାର କରୁଛନ୍ତି। ଯଦ୍ଵାରା ସେମାନଙ୍କ କ୍ଷେତ୍ରରେ ଶ୍ରବଣଜନିତ ସମସ୍ୟା ବଢ଼ିବାରେ ଲାଗିଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଅଧିକାଂଶ ଯୁବପିଢ଼ିଙ୍କ କ୍ଷେତ୍ରରେ ବିଗତ କିଛି ମାସ ହେବ କାନଜନିତ ସମସ୍ୟା ଦେଖିବାକୁ ମିଳୁଛି। ଔଷଧ ଦୋକାନ, କାନ ବିଭାଗର ଡାକ୍ତରଙ୍କ ପାଖରେ ଅନେକ ଯୁବକ ଯୁବତୀ ଲମ୍ବା ଧାଡ଼ି ଲଗାଉଛନ୍ତି। ଅତ୍ୟାଧୁନିକ ବିଦ୍ୟୁତ୍ ଉପକରଣଠାରୁ ଆରମ୍ଭ କରି ବ୍ଲୁଟୁଥ୍ ହିଁ କାନଜନିତ ସମସ୍ୟାର କାରଣ ପାଲଟିଥିବାବେଳେ ଏଭଳି ସାମଗ୍ରୀକୁ ଯୁବପିଢ଼ି ଯଥାସମ୍ଭବ କମ୍ ବ୍ୟବହାର ନ କଲେ ସେମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସାଜିବ। ସମ୍ପ୍ରତି ବ୍ଲୁଟୁଥ୍, ଇଅର ଫୋନ୍ ଓ ହେଡ୍ ଫୋନ୍ ବ୍ୟବହାର କରିବା କେତେକ ଯୁବପିଢ଼ିଙ୍କ କ୍ଷେତ୍ରରେ ଏକ ଫେଶନ ପାଲଟିଯାଇଛି। ଅନ୍ୟପକ୍ଷରେ ଗାଡ଼ି ଚଳାଇବାବେଳେ ବ୍ଲୁଟୁଥ୍ ଯୋଗୁଁ ଅନେକ ଦୁର୍ଘଟଣାର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ତେଣୁ ସ୍ୱାସ୍ଥ୍ୟ ହିଁ ସମ୍ପଦକୁ ଗୁରୁତ୍ୱପୂର୍ଣ୍ଣ ଭାବେ ବିଚାର କରି ବ୍ଲୁଟୁଥ୍, ଇଅର ଫୋନ୍ ଓ ହେଡ୍‌ଫୋନ୍‌ର ବହୁଳ ବ୍ୟବହାରଠାରୁ ଯୁବପିଢ଼ି ନିବୃତ ରହିବାକୁ ବିଭିନ୍ନ ମହଲରୁ ପରାମର୍ଶ ଦିଆଯାଇଛି।

■ ବ୍ରେକ୍ ଫେଲ୍ ହୋଇ ଟ୍ରକ୍ ଦୁର୍ଘଟଣା

# ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ



**ଭଦ୍ରକ,୨୭।୧୨(ସମିସ):** ୧୬ ନମ୍ବର ଜାତୀୟ ରାଜପଥର ଧାମରା ବ୍ରିଜ୍ ତଳେ ରାସ୍ତାରେ ଟ୍ରକ୍ ଦୁର୍ଘଟଣା ହୋଇଛି। ଫଳରେ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସୂଚନାନୁଯାୟୀ, ଶନିବାର ସକାଳେ ଏକ ଟ୍ରକ୍‌ର ବ୍ରେକ୍ ଫେଲ୍ ହେବା ସହ ଅନ୍ୟ ଏକ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ଦୀର୍ଘ ସମୟ ଧରି ଭଦ୍ରକ ଧାମରା ବ୍ରିଜ୍ ତଳେ ଟ୍ରକ୍‌ଟି ଅଟକି ରହି ରାସ୍ତା ଅବରୋଧ କରିଥିଲା। ଏହି ସମସ୍ୟା ଲାଗି ଜାତୀୟ ରାଜପଥରେ ଶହଶହ ସଂଖ୍ୟାରେ ଗାଡ଼ି ଅଟକି ରହି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଗ୍ରାମାଞ୍ଚଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣ ଆରମ୍ଭ କରିଥିବାବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ରାସ୍ତାରୁ ହଟାଇଥିବା ଜଣାଯାଇଛି।

# ଆଇଚର ଦୁର୍ଘଟଣା; ଚାଳକ ଆହତ

**ବାରିକପୁର,୨୭।୧୨(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଛତାବର ଓଭରବ୍ରିଜ୍ ଉପରେ ଏକ ଆଇଚର ଦୁର୍ଘଟଣାଗ୍ରସ୍ତ ହେବାରୁ ଏହାର ଚାଳକ ଆହତ ହୋଇଛନ୍ତି। ପ୍ରାପ୍ତ ସୂଚନା ମୁତାବକ, ଶନିବାର ଅପରାହ୍ଣ ପ୍ରାୟ ୨ଟା ସମୟରେ ଆଇଚର ଗାଡ଼ିଟି ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଏହି ସମୟରେ ଭୁଲ୍ ରାସ୍ତାରେ ଆସୁଥିବା ଗୋଟିଏ ଟ୍ରକ୍ ଆଇଚରକୁ ଧକ୍କା ଦେଇ ପଳାଇ ଯାଇଥିଲା। ଦୁର୍ଘଟଣାରେ ଆହତ ଡ୍ରାଇଭରକୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ତୁରନ୍ତ ମେଡିକାଲ ପଠାଇଛନ୍ତି। ଆହତ ଗାଡ଼ି ଚାଳକଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ବାବଦରେ ସ୍ଥାନୀୟ ପୁଲିସଠାରୁ କିଛି ସୂଚନା ମିଳିନାହିଁ। ଜାତୀୟ ରାଜପଥ ରକ୍ଷଣାବେକ୍ଷଣ କାର୍ଯ୍ୟ କରୁଥିବା ସଂସ୍ଥାର ଟ୍ରକ୍ ଆଇଚରକୁ ଧକ୍କା ଦେଇଥିବା କିଛି ଲୋକ ଅନୁମାନ କରି ସୂଚନା ଦେଇଛନ୍ତି।

# ଧର୍ମପ୍ରାଣ ମହିଳାଙ୍କ ପରଲୋକ



**ଧାମନଗର,୨୭।୧୨(ସମିସ):** ଧାମନଗର ଏନ୍‌ଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡ ବାସିନ୍ଦା ତଥା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ମହାପାତ୍ରଙ୍କ ମାଆ ସତ୍ୟଭାମା ମହାପାତ୍ରଙ୍କର ୮୪ବର୍ଷ ବୟସରେ ପରଲୋକ ହୋଇଛି। ସେ ଜଣେ ଧର୍ମପରାୟଣା, ପରୋପକାରୀ ଓ ମିଷ୍ଟଭାଷୀ ଭାବେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ ପୁଅ ପ୍ରଭାକର ମହାପାତ୍ର, ସାନପୁଅ କୈଳାସ ଚନ୍ଦ୍ର ମହାପାତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ନିକଟସ୍ଥ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ସାନ ପୁଅ ମୁଖାଗ୍ନି ଦେଇଥିଲେ। ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ଅନ୍ୟ ନେତୃମଣ୍ଡଳୀ ତଥା ବିଜେଡି ନେତା ଡ. ସଞ୍ଜୟ ଦାସ ବାସଭବନରେ ପହଞ୍ଚି ଗଭୀର ଦୁଃଖ ପ୍ରକାଶ କରି ସ୍ୱର୍ଗତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିବା ସୂଚନା ମିଳିଛି।

# ମୋବାଇଲ୍ ନ ଦେବାରୁ ଦଶମ ଶ୍ରେଣୀର ଛାତ୍ରୀ ଆତ୍ମହତ୍ୟା

**ବାସୁଦେବପୁର,୨୭।୧୨(ସମିସ):** ମୋବାଇଲ୍ ନ ଦେବାରୁ ବାସୁଦେବପୁର ବ୍ଲକ୍ ବିନାୟକପୁର ପଞ୍ଚାୟତର ଜଣେ ୧୦ମ ଶ୍ରେଣୀର ଛାତ୍ରୀ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେଇଛି। ଯାହା ସମଗ୍ର ଅଞ୍ଚଳରେ ଏକ ଦୁଃଖଦାୟକ ଖବର ଅଭିଭାବକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ସମୟ ଥିଲା ଫୋନ୍ ଯେଉଁମାନେ ବ୍ୟବହାର କରୁଥିଲେ ସେମାନେ ସମ୍ଭ୍ରାନ୍ତ ଓ ବଡ଼ବଡ଼ିଆ ବାବୁ ଭାବେ ପରିଚିତ ହେଉଥିଲେ। ହେଲେ ଆଜି ଏହାର ପରିଭାଷା ବଦଳି ଯାଇଛି। ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍‌ରେ ପାଠ ପଢ଼ିବା ଆଳରେ ମୋବାଇଲ୍ ଅପବ୍ୟବହାର କରିବାକୁ ପଛାଉ ନାହାନ୍ତି। ବାପା ଓ ମାଆଙ୍କ ଉପରେ ଚାପ ପକାଉଛନ୍ତି। ବିନାୟକପୁର ପଞ୍ଚାନନ ଦାସଙ୍କ ଝିଅକୁ ମୋବାଇଲ୍ ବ୍ୟବହାର କରିବାକୁ ମାଆ ଆକଟ କରିବାରୁ ଦଶମ ଶ୍ରେଣୀର ଛାତ୍ରୀ ଆତ୍ମହତ୍ୟା କରିଛନ୍ତି।

ବେଧଡ଼କ ବେଆଇନ ବାଲି ଉତ୍ତୋଳନ

# କୋଚିଲାରେ ଲୀନ ହେବ ମହାରକୂଳ

**ଅସୁରାଳି,୨୭।୧୨(ସମିସ)**



ଧାମନଗର ବ୍ଲକ୍ ଧୂଷୁରୀ ପଞ୍ଚାୟତ ଅଧୀନ ମାହାରା ନଦୀ କୂଳରେ ଦିନରାତି ବେଆଇନ ବାଲି ଉଠା ଚାଲିଛି। ଜେସିବି ଲଗାଇ ସହସ୍ର ଟ୍ରାକ୍ଟର ମାଧ୍ୟମରେ ରାସ୍ତାରେ ଯାଉଥିବା ଯାତ୍ରୀମାନେ ସବୁଠାରୁ ବେଶୀ ହଇରାଣ ହେଉଛନ୍ତି। ଧୂଳି, ଶବ୍ଦ ଓ ଦୁର୍ଘଟଣାର ଭୟରେ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୁଣି ବାଲି ଷ୍ଟକ୍ ରଖି ଅନବରତ ଭାବେ ବାଲି ଉଠା ଚାଲିଛି ଓ ବାଲି ଚାଲାଣ କରାଯାଉଥିବାରୁ ଏହି ଅଞ୍ଚଳରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ଏହାଛଡ଼ା ହସନାବାଦ ପଞ୍ଚାୟତ ଅଧୀନରେ ଅସ୍ତକର ଲୋକନାଥପୁର ନିକଟରେ କୋଚିଲା ନଦୀର ବାମପାର୍ଶ୍ୱରେ ଦିନରାତି ବାଲି ଉଠା ଚାଲିଛି। ବାଲି ଚାଲାଣ ସମୟରେ ରାସ୍ତାରେ ଧୂଳି ଉଡ଼ି ଯାତ୍ରୀଙ୍କ ଯାତାୟାତ ଅସମ୍ଭବ ହେଉଛି। ବାଟରେ ଯାଉଥିବା ଲୋକଙ୍କଠାରୁ ଆରମ୍ଭ କରି ଗୃହପାଳିତ ପଶୁ ଯାଏଁ ସମସ୍ତେ ହଇରାଣ ହେଉଛନ୍ତି ଓ ଧୂଳିରେ ଦେଖିବା ଅସ୍ୱଷ୍ଟ ହେବାରୁ ବିଭିନ୍ନ ଛୋଟମୋଟ ଦୁର୍ଘଟଣା ଘଟୁଛି। ବେଆଇନ ବାଲି ଉଠାରୁ କୋଚିଲା ନଦୀର ପଥ ପରିବର୍ତ୍ତନ ହୋଇ ପରିବେଶୀୟ ସମସ୍ୟା ସୃଷ୍ଟି ହୋଇଛି। ବାରମ୍ବାର ଲୋକେ ଏହି ବେଆଇନ ବାଲି ଚାଲାଣ ଉପରେ ଅବଗତ କରାଇଲେ ମଧ୍ୟ ପ୍ରଶାସନ କାନ, ଆଖି ବନ୍ଦ କରି ବସିବା ଭଳି ପ୍ରତ୍ୟୟ ହେଉଛି। ଏନେଇ ତହସିଲ୍‌ଦାର ସାଇ ଲୋକନାଥ ସେଠୀଙ୍କୁ ପଚାରିବାରୁ ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ଙ୍କ ସହ ଯୋଗାଯୋଗ କରି ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସ୍ଥାନୀୟ ଲୋକଙ୍କ ଆଶା ପ୍ରଶାସନ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେଇ ବେଆଇନ ବାଲି ଚାଲାଣକୁ ରୋକିବେ। ଯାହାର ଫଳରେ ନଦୀର ପ୍ରାକୃତିକ ପଥ ପୂର୍ବଭଳି ରହିବ। ବାଲି ମାଫିଆଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ଜୋର୍ ଧରିଛି।

ଚାନ୍ଦବାଲିରେ ରାଜ୍ୟସ୍ତରୀୟ ଶୀତ ସାହିତ୍ୟ ଆସର

# ‘ଶୀତ.. କିଛି କଥା.. କିଛି କବିତା...’



**ଭଦ୍ରକ,୨୭।୧୨(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ସାହିତ୍ୟ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶୀତ ସାହିତ୍ୟ ଆସର ସ୍ଥାନୀୟ ହୋଟେଲ କୈରବ ସମ୍ମିଳନୀ କକ୍ଷରେ ଏକ ବର୍ଣାଢ୍ୟ ପରବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ପ୍ରଫେସର ବୈକୁଣ୍ଠନାଥ ପରିଡ଼ା, ବିଶିଷ୍ଟ ଅତିଥି ଓଡ଼ିଶା ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, କମିଶନ ସଦସ୍ୟ ଡ. କଳ୍ପନା ମଲ୍ଲିକ, ମୁଖ୍ୟବକ୍ତା ବିଶିଷ୍ଟ କବି ସଞ୍ଜିତ କୁମାର ବଳ, ସ୍ୱତନ୍ତ୍ର ଅତିଥି ଡ. କୁମାର ଗୋପାଳ, ଗୀତିକାର ଲଲାଟେନ୍ଦୁ ରାୟ, ଓକିଲ ସଙ୍ଘ ସଭାପତି ଉପେନ୍ଦ୍ର କୁମାର ରାଉଳ, ଶିଳ୍ପପତି ଶିବ କୁମାର ଖଣ୍ଡେଲୱାଲ ପ୍ରମୁଖ ଯୋଗଦେଇ ‘ଶୀତ... କିଛି କଥା... କିଛି କବିତା...’ ସମ୍ପର୍କରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ଗାଳ୍ପିକ ତପନ କୁମାର ସାହୁ ଅତିଥି ପରିଚୟ ଓ ସମ୍ପାଦକ କବି ଅମୂଲ୍ୟ ରାଉତ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଓଡ଼ିଆ ଅସ୍ମିତାର ପ୍ରତିଭୂ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପରେ ଚାନ୍ଦବାଲି, ରାଜକନିକା, ତିହିଡ଼ି, ଧାମରା, ଘଣ୍ଟେଶ୍ୱର, ମତୋ ସମେତ ବିଭିନ୍ନ ଜିଲ୍ଲାରୁ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ଆବୃତି କରିଥିଲେ। ପ୍ରାୟ ୬୦ରୁ ଉର୍ଦ୍ଧ୍ୱ କବି କବୟିତ୍ରୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଅବସରରେ ଚାନ୍ଦବାଲିର ବିଶିଷ୍ଟ ଶିଳ୍ପପତି ଓ ସାହିତ୍ୟ ପ୍ରାଣ ଶିବ କୁମାର ଖଣ୍ଡେଲୱାଲଙ୍କୁ “ଚାନ୍ଦବାଲି ରତ୍ନ’ ସମ୍ମାନରେ ସମ୍ମାନିତ କରାଯାଇଥିଲା। କବିତା ପାଠୋତ୍ସବରେ ଚିତ୍ତରଞ୍ଜନ କବି ସଂଯୋଜନା କରିଥିବାବେଳେ କବି ସୁକାନ୍ତ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କବି ମନୋଜ ଭଳ, ଶୁଭ୍ରାଂଶୁ ସୂତାର, ଅଭୟ ଦାସ, ଦାମୋଦର ଧଳ, ପତିତପାବନ ବେହେରା, ଅକ୍ଷୟ ମହାନ୍ତି, ଦେବବ୍ରତ ସାହୁ, କବୟିତ୍ରୀ ସଂଯୁକ୍ତା ଭାରତୀ, ନିରୁପମା ପାଣି, ଲୀନା ମହାନ୍ତି, ସୁକାନ୍ତି ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ମହୋତ୍ସବ ‘ଭଦ୍ରାୟଣୀ’ ପାଇଁ ପ୍ରତିଭା ଚୟନ



**ଭଦ୍ରକ,୨୭।୧୨(ସମିସ):** ଶନିବାର ଭଦ୍ରକ ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲା ମହୋତ୍ସବ “ଭଦ୍ରାୟଣୀ’ ପାଇଁ ଏକକ ସଙ୍ଗୀତ ପରିବେଷଣ ପାଇଁ ଚୟନ ପ୍ରକ୍ରିୟା ହୋଇଯାଇଛି। ଜିଲ୍ଲା ଭିତରୁ ୫୦ରୁ ଉର୍ଦ୍ଧ୍ୱ ପିଲା ଏଥିରେ ଭାଗନେଇଥିଲେ। ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଉଜ୍ଜୀବିତ କରିବା ପାଇଁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ନିର୍ଦ୍ଦେଶରେ ଏପରି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏହି ପ୍ରକ୍ରିୟାକୁ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନତାରେ ସମ୍ପାଦନ କରାଯାଇଛି। ଏଥିରେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସୀର୍କା, ସଙ୍ଗୀତଜ୍ଞ ରାମ ନାରାୟଣ ମହାନ୍ତି, ଶେଖ୍ ନିଜାମ୍, ଶ୍ୟାମ ସୁନ୍ଦର ଜେନା, ଆଇଜାକ୍ ମହାନ୍ତି, ରାକେଶ ନାୟକ, ନରେନ୍ଦ୍ର ଦାସ, ତ୍ରିଲୋଚନ ପଣ୍ଡା, ସିଦ୍ଧାର୍ଥ ନାୟକ, ବିମଲ୍ ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ। ଚୟନ ହୋଇଥିବା ପିଲାମାନେ ଜିଲ୍ଲା ମହୋତ୍ସବରେ ଅଂଶଗ୍ରହଣ କରିବେ।

# ୨୨ତମ ରାଜ୍ୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଉଦ୍‌ଘାଟିତ




**ଭଦ୍ରକ,୨୭।୧୨(ସମିସ):** ଭଦ୍ରକ ଚରମ୍ପାସ୍ଥିତ ମହାରାଜା ଅଗ୍ରସେନ ଭବନରେ ଟାଏକ୍ୱୋଣ୍ଡୋ ଆସୋସିଏସନ ଅଫ୍ ଓଡ଼ିଶା (ଟାଓ)ର ୨୨ତମ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ଟାଏକ୍ୱୋଣ୍ଡୋର ଜନକ ତଥା ଟାଏକ୍ୱୋଣ୍ଡୋ ଫେଡେରେସନ ଅଫ୍ ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ଡ. ଜିମ୍ମି ଆର୍ ଜାଗତିଆନି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ଉଜ୍ଜ୍ୱଳନ ସହ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦୁର୍ଗା ଶଙ୍କର ଦାଶ, ଅଧିବକ୍ତା ଅତିଶ ବେହେରା, ସମାଜସେବୀ ମଦନମୋହନ ଅଗ୍ରୱାଲ, ରାଜକିଶୋର ଖେରିଆ ଯୋଗଦେଇ ଭଦ୍ରକ ଭଳି ଏକ ଛୋଟ ଜିଲ୍ଲାରେ ଏଭଳି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବାରୁ ସଂଘର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ହାପିହୋମ୍ ସ୍କୁଲ ଡାଇରେକ୍ଟର ପ୍ରଜ୍ଞାପରିମିତା ପଲାଇ ସଭା ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ପ୍ରତିଯୋଗିତାର ବିବରଣୀ ପାଠ କରିଥିଲେ। ୨ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ “ଖେରୋଗୀ’ ଓ “ପୁମସେ’ ବିଭାଗର ଉଭୟ ବାଳକ ଓ ବାଳିକା ବିଭାଗର ୪୦୦ରୁ ଅଧିକ ପ୍ରତିଯୋଗୀ ଯୋଗ ଦେଇଥିବା ବେଳେ ୩୦ ଜଣ ବ୍ଲାକ୍ ବେଲ୍ଟ, ୧୮ ଜଣ ଜାତୀୟ ରେଫରୀ ଯୋଗଦେଇଥିବା ଜଣାପଡ଼ିଛି। ଚାମ୍ପିଅନସିପ୍ କାର୍ଯ୍ୟ ସଞ୍ଚାଳନରେ ଉପସଭାପତି ରମେଶ ପ୍ରଧାନ, ଯୁଗ୍ମ ସମ୍ପାଦକ ଯୋଗେଶ୍ୱର ମହନ୍ତ, ପବନ ଶର୍ମା, କୋଷାଧ୍ୟକ୍ଷା ସଂଘମିତ୍ରା ଦାଶ, ବିଦ୍ୟାଧର ବାରିକ, ବିଶାଲ ଲଖାନୀ, ଅଜୟ କୁମାର ଧଳ, ରମେଶ ଜେନା, ଧନେଶ୍ୱର ଜେନା, ସୁରେଶ ନାୟକ, ହରିହର ବାରିକ, ଶଶଧର ଜେନା, ଗୌରହାରୀ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ବିଜ୍ଞାନ ଓ ବାଣିଜ୍ୟ ମେଳା



**ତିହିଡ଼ି,୨୭।୧୨(ସମିସ):** ତିହିଡ଼ି ବ୍ଲକ୍ ପୁରୁଣାହାଟସ୍ଥିତ ୟୁଏସ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ବିଜ୍ଞାନ ଓ ବାଣିଜ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ପାର୍ଥସାରଥୀ ନାୟକ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ ଚେୟାରମ୍ୟାନ୍ ଇଂ.ପ୍ରୀତମଶଙ୍କର ବିଶ୍ୱାଳଙ୍କ ସଭାପତିତ୍ୱରେ ସ୍କୁଲ୍ ସେକ୍ରେଟାରୀ କୁମାର ଦେବଦତ୍ତ ପାଣିଗ୍ରାହୀ ସଭା ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଶାନ୍ତ କୁମାର ବାରିକ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ତ୍ରିନାଥ ସେଠୀ, ଷ୍ଟେଟ୍ ରିସୋର୍ସ ପର୍ସନ ସରୋଜ କୁମାର ଦାଶ ଏବଂ ତିହିଡ଼ି ବ୍ଲକ୍ ସାଇନ୍ସ କୋଅର୍ଡିନେଟର ପ୍ରଦୀପ କୁମାର ନାୟକ ଯୋଗଦେଇଥିଲେ। ବିଜ୍ଞାନର ଉପାଦେୟତା, ଆବଶ୍ୟକତା ଓ ସମ୍ପ୍ରତି ବିଜ୍ଞାନର ସ୍ୱଷ୍ଟ ପରିଲକ୍ଷିତ ବହୁମୁଖୀ ଅଗ୍ରଗତି ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଯୁଗେଯୁଗେ ବିଜ୍ଞାନ କ୍ଷେତ୍ରରେ ଭାରତର ଅବଦାନ ଅତୁଳନୀୟ ଏବଂ ନିକଟ ଅତୀତରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଭାରତର ସାମର୍ଥ୍ୟ ସ୍ୱଷ୍ଟ ପ୍ରମାଣିତ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଅତିଥି ଏବଂ ବିଚାରକ ମଣ୍ଡଳୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ପ୍ରତିଯୋଗୀମାନଙ୍କର ବିଜ୍ଞାନ ଓ ବାଣିଜ୍ୟଭିତ୍ତିକ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଥିଲେ। ସ୍କୁଲ୍ ଅଧ୍ୟକ୍ଷା ଅମ୍ବିକା ପାଢ଼ୀ, ଶିକ୍ଷୟିତ୍ରୀ କାଞ୍ଚନ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ବଳ, ରତିକା ନାୟକ, ବିମଳା ବେହୁରା, ଲୋପାମୁଦ୍ରା ବେହେରା, ଶିକ୍ଷକ ଅଜୟ ମହାଳିକ ପ୍ରମୁଖ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସଭାପତି ଇଂ. ବିଶ୍ୱାଳ ନିମନ୍ତ୍ରିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସତ୍ୟରଞ୍ଜନ ମହାଳିକ ସଭା ସାଙ୍ଗର ଘୋଷଣା କରିଥିଲେ।

ଭଦ୍ରକରେ ଜାତୀୟସ୍ତରୀୟ ବାଣିଜ୍ୟ ମେଳାର ତୃତୀୟ ସନ୍ଧ୍ୟା

# ମନ ମୋହୁଛି ମୀନାବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ଭଦ୍ରକ,୨୭।୧୨(ସମିସ)**



ଭଦ୍ରକ ସମରାଇପୁର ନାୟାର ପେଟ୍ରୋଲ୍ ପମ୍ପ୍ ନିକଟରେ ଅନୁଷ୍ଠିତ ଜାତୀୟସ୍ତରୀୟ ଭଦ୍ରକ ବାଣିଜ୍ୟ ମେଳାର ତୃତୀୟ ସନ୍ଧ୍ୟାରେ ଯୋଗଦେଇ ଚାକିରି ପଛରେ ନ ଧାଇଁ ଆତ୍ମନିର୍ଭରଶୀଳ ହେବାକୁ ନିମନ୍ତ୍ରିତ ଅତିଥିମାନେ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଛନ୍ତି। ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ସଂସ୍ଥା ଓସ୍‌ମେ ଏବଂ ବିବିଏମ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶୀତୁଆ ସନ୍ଧ୍ୟାର ଦ୍ୱିତୀୟାର୍ଦ୍ଧରେ ଓସ୍‌ମେର ସଭାପତି ସୁରଜ ସାହୁ ସ୍ୱାଗତ ଅଭିଭାଷଣ ରଖି ବିବିଏମ୍‌ର ପୃଷ୍ଠପୋଷକ ଶଶୀଶେଖର ବେହେରାଙ୍କୁ ଅଧ୍ୟକ୍ଷତା କରିବାକୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଏହାପରେ ଓସ୍‌ମେର ଲେଡିଜ୍ ୱିଙ୍ଗ୍ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯିବା ପରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ସଭାପତି ଶ୍ରୀ ବେହେରା ବାଣିଜ୍ୟ ମେଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ପରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଡିଆଇବି) ଅଂଶୁମାନ ଦ୍ୱିବେଦୀ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧୀରଞ୍ଜନ ନାୟକ, ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଜେପିର ସାଧାରଣ ସମ୍ପାଦକ ଅଶୋକ କୁମାର ପରିଚ୍ଛା, ସ୍ୱରାଜ ବାର୍ତ୍ତାର ସମ୍ପାଦକ ରବିନାରାୟଣ ଖିଲାର ପ୍ରମୁଖ ଯୋଗଦେଇ ଏହି ବାଣିଜ୍ୟ ମେଳାର ଆୟୋଜକଙ୍କୁ ସ୍ୱାଗତ କରି ପ୍ରତିବର୍ଷ ଏହି ଜିଲ୍ଲାରେ ଶିଳ୍ପର ବିକାଶ ପାଇଁ ଏଭଳି ମେଳାର ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ବିବିଏମ୍‌ର ପୃଷ୍ଠପୋଷକ ଶଶୀଶେଖର ବେହେରାଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଶେଷରେ ଓସ୍‌ମେ ମହିଳା ୱିଙ୍ଗ୍‌ର ସଭାପତି ଅର୍ପିତା ମହାନ୍ତି ଧନ୍ୟବାଦ ଦେବାପରେ ଜିଲାର ବିଭିନ୍ନ ନୃତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ହୋଇଥିଲା। ଏହି ଜାତୀୟସ୍ତରୀୟ ବାଣିଜ୍ୟ ମେଳାରେ ଜନସମାଗମ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏହି ମେଳାର ଆୟୋଜକ ଓସ୍‌ମେର ସମସ୍ତ କର୍ମକର୍ତ୍ତାଙ୍କ ପ୍ରଚେଷ୍ଟାରେ ଗତ ୨୪ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ୩୦ ତାରିଖରେ ଉଦ୍‌ଯାପିତ ହେବ। ତେବେ ପ୍ରତ୍ୟେକ ଦିନ ଏହି ମେଳାକୁ ଆସିଥିବା ବିଭିନ୍ନ ରାଜ୍ୟ ଓ ଆମ ଓଡ଼ିଶା ରାଜ୍ୟ ବିଭିନ୍ନ ଜିଲ୍ଲାର ସ୍ୱୟଂ ସହାୟିକା ଗୋଷ୍ଠୀ, ଘରୋଇ କମ୍ପାନୀ ସମେତ ବିଭିନ୍ନ ବିପ୍ପଣୀ ମହିଳାମାନଙ୍କୁ ବେଶ୍ ଆକୃଷ୍ଟ କରିଥିବାବେଳେ ଏଥିରେ ପଡ଼ିଥିବା ମୀନା ବଜାର ଛୋଟ ଛୋଟ ପିଲାଙ୍କ ମନ ମୋହୁଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରାଜ୍ୟ ଓ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଓ କଳାକାରମାନଙ୍କୁ ନେଇ ଆୟୋଜିତ ଓଡ଼ିଶୀ, ଛଉ, ଆଦିବାସୀ, ଗୋଟିପୁଅ ଭଳି ନୃତ୍ୟ ଓ ମେଲୋଡ଼ି ସହ ନୃତ୍ୟନାଟିକା ଆବାଳ ବୃଦ୍ଧ ବନିତାଙ୍କ ପାଇଁ ବେଶ୍ ମନୋରଞ୍ଜନର ଖୋରାକ୍ ଯୋଗାଉଛି।

ଆଗରପଡ଼ା ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ‘ଅତୀତ ଓ ଇତିହାସକୁ ମନେପକାଏ ମହୋତ୍ସବ’



**ବନ୍ତ/ଆଗରପଡ଼ା,୨୭।୧୨(ସମିସ):** ୪ର୍ଥ ବାର୍ଷିକ ଆଗରପଡ଼ା ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଇଂ ଅମୀୟ ରଞ୍ଜନ ରାମଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଏମ୍)ର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଯୋଗଦେଇ କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଐତିହ୍ୟର ମାଟି ଆଗରପଡ଼ା ଆଜି ନିଜର ସ୍ୱାତନ୍ତ୍ରତା ବଜାୟ ରଖିଛି। ରାଜନେତା, ଅଭିନେତା, କବି, ସାହିତ୍ୟିକ, ସଂଗ୍ରାମୀ, ଗାଳ୍ପିକ ପ୍ରମୁଖ ଏହି ମାଟିରୁ ଜନ୍ମ ହୋଇ ବିଭିନ୍ନ ସ୍ଥାନରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ମହୋତ୍ସବ ମାଟି ଓ ମଣିଷର କଥା କହେ, ଅତୀତ ଓ ଇତିହାସକୁ ମନେ ପକାଏ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ମାର୍ଗ ଦେଖାଏ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଏମ୍)ର ଜିଲ୍ଲା ସମ୍ପାଦକ ଆଡ୍‌ଭୋକେଟ ଦିବ୍ୟସିଂହ ନାୟକ ଯୋଗଦେଇ ଯୁବ ମହୋତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଯୁବ ମହୋତ୍ସବ କମିଟିର ଏତାଦୃଶ୍ୟ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ସିପିଏମ୍ ସମ୍ପାଦନା ମଣ୍ଡଳୀ ସଦସ୍ୟ ଆଡ୍‌ଭୋକେଟ ଗିରିଧାରୀ ନାଥ, ସମ୍ପାଦନା ମଣ୍ଡଳୀ ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଭାସ ମହାପାତ୍ର, କମିଟିର ଉପଦେଷ୍ଟା ପ୍ରଣୟ ସିଂହ ପ୍ରମୁଖ ଯୋଗଦେଇଥିଲେ। କମିଟି ସମ୍ପାଦକ ସାମ୍ବାଦିକ ପ୍ରଦ୍ୟୁମ୍ନ ପୁହାଣ ସମ୍ପାଦକୀୟ ବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ନୃସିଂହ ଖୁଣ୍ଟିଆ ମଞ୍ଚ ଆହ୍ୱାନ କରିଥିବାବେଳେ ଉପଦେଷ୍ଟା ମାନବାଧିକାର ସୂଚନା କମିଶନର ରାଜ୍ୟ ସମ୍ପାଦକ ନିରୋଜ ଆଇଚ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଭୁବନେଶ୍ୱରରୁ ଆସିଥିବା ରକ୍‌ଷ୍ଟାର ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସଂଗଠନ ସମ୍ପାଦକ ଚିନ୍ମୟ ସିଂହ, ଜିତେନ୍ଦ୍ର ଶତପଥୀ, ତପନ ପୃଷ୍ଟି, ବାବୁରାମ ବେହେରା, ହାପି ରାୟ, ଦିବ୍ୟ ଆକାଶ ପୁହାଣ ଏବଂ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରଛାତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଯାଜପୁର ପୁସ୍ତକ ମହୋତ୍ସବର ପଞ୍ଚମ ସନ୍ଧ୍ୟା

# ପୁସ୍ତକ ଅଧ୍ୟୟନ ଏକ ମାନସିକ ବ୍ୟାୟାମ



**ଯାଜପୁର, ୨୭।୧୨(ସମିସ)**

୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଉଦ୍‌ଘାଟକ ଭାବେ ଯାଜପୁର ଭୂଲେଖ ଓ ବନ୍ଦୋବସ୍ତ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇଥିଲେ। ମହୋତ୍ସବ କମିଟିର ସଭାପତି ସନ୍ତୋଷ କୁମାର ନନ୍ଦଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ସାନ୍ଧ୍ୟ ଅଧିବେଶନରେ ସମ୍ପାଦକ ଡ଼. କାହ୍ନୁ ଚରଣ ମିଶ୍ର ପୁସ୍ତକ ମହୋତ୍ସବର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପୁସ୍ତକ ସଦାସର୍ବଦା ଏକ ସ୍ରୋତସ୍ୱିନୀ ନଦୀ, ପୁସ୍ତକ ଚିରଯୌବନା ଯୁଗେ ଯୁଗେ ବିଜ୍ଞାନର ଯେତେ ଉତ୍କର୍ଷ ହେଲେ ମଧ୍ୟ ପୁସ୍ତକର ଅସ୍ତିତ୍ୱ କେବେ ଲୋପ ପାଇବନାହିଁ ବୋଲି ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତାଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ହରିଶ୍ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ରବି ଶତପଥୀ ଓ ସଞ୍ଜିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନ ଅଧିବେଶନରେ ବ୍ୟଙ୍ଗ କବି ସମ୍ମିଳନୀ ବିଶିଷ୍ଟ ବ୍ୟଙ୍ଗ କବି ବାଇଧର ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ବ୍ୟଙ୍ଗ କବି ଅଖିଳମୋହନ ଦାଶ, ଓମ୍ ପଣ୍ଡା, ମନୋଜ କୁମାର ନାଥ, ପ୍ରଦୀପ୍ତ କୁମାର ଦାସ, ମଧୁସୂଦନ ମହାପାତ୍ର, ସୁକାନ୍ତି ପଣ୍ଡା, ଚିତ୍ତରଞ୍ଜନ ସାହୁ ପ୍ରମୁଖ କବିତା ପାଠ କରିଥିଲେ। ଡିଏବି କଲଚରାଲ୍ ଗ୍ରୁପର ନୃତ୍ୟାଙ୍ଗନା କିରଣପ୍ରିୟ ଦର୍ଶିନୀ ମିଶ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ମୁକ୍ତ କୁଇଜ୍‌କୁ ଅଧ୍ୟକ୍ଷ ଉଦୟ ନାରାୟଣ ପରିଡ଼ା, ଅଧ୍ୟାପକ ସୁଧାଂଶୁଶେଖର ରଥ, ପ୍ରାକ୍ତନ ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ନାୟକ, ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ କୁମାର ଦାଶ, ପ୍ରାକ୍ତନ ଅଧ୍ୟାପକ ମଳୟ କୁମାର ଜେନା, ପ୍ରାକ୍ତନ ଅଧ୍ୟକ୍ଷ ଓ କ୍ଷୀରୋଦ ଚନ୍ଦ୍ର ବେହେରା, ପ୍ରାକ୍ତନ ଅଧ୍ୟକ୍ଷ ବଳରାମ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ଅନିଲ୍ କୁମାର ମହାନ୍ତି, ଡ. ଗିରୀଶ ବିହାରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ମିଶ୍ର ଓ କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମହାପାତ୍ର ପରିଚାଳନା କରିଥିଲେ। ଅଧିକାରୀ ନବ କିଶୋର ଦାସ, ବରିଷ୍ଠ ନେତା ବଳଭଦ୍ର ଦାସ, ସଂଗ୍ରାମ ଜେନା, ଅନିଲ ମହାନ୍ତି, ଦିଲ୍ଲୀପ ଦାଶ, ବରିଷ୍ଠ ନେତା, ନାରାୟଣ ସାମନ୍ତ, ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ସଂଗ୍ରାମ ସାହାଣୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସଂଗଠନ ସମ୍ପାଦକ ହୃଷୀକେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ। ସଂସ୍କୃତି ବିଭାଗ ପକ୍ଷରୁ ନୃତ୍ୟାଙ୍ଗନା ସଞ୍ଜିତା ମିଶ୍ରଙ୍କ ଭୁବନେଶ୍ୱର କଳାକାରମାନେ ବାଦ୍ୟ ବିଚିତ୍ରା ପରିବେଷଣ କରିଥିଲେ। ଦେବେଶ୍ୱର କଲଚରାଲ୍ ଡ୍ୟାନ୍ସ ସ୍କୁଲ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। କଣ୍ଠ ଶିଳ୍ପୀ ଦିଲ୍ଲୀପ କୁମାର ସାହୁ ସଙ୍ଗୀତ ପରିବେଷଣ କରିଥିଲେ।

## ଧର୍ମଶାଳା ମହୋତ୍ସବ ୩ୟ ସନ୍ଧ୍ୟା

# ରୟାଲ ଡ୍ୟାନ୍ସ ଗ୍ରୁପ ନୃତ୍ୟରେ ବିଭୋର ଦର୍ଶକ



**ଧର୍ମଶାଳା, ୨୭।୧୨(ସମିସ):** ଧର୍ମଶାଳା ମହୋତ୍ସବର ଆଜି ୩ୟ ସନ୍ଧ୍ୟାରେ ମହୋତ୍ସବ ପଡ଼ିଆରେ ନିର୍ମିତ ମୁକ୍ତାକାଶ ମଞ୍ଚରେ ଆଜି ଚଣ୍ଡିଖୋଲ ରୟାଲ ଡ୍ୟାନ୍ସ ଗ୍ରୁପ କଳାକାର ମାନଙ୍କ ନୃତ୍ୟ ଓ ସଙ୍ଗୀତରେ ବିଭୋର ହେଲେ ଦର୍ଶକ। କଳାକାର ମାନଙ୍କ ଓଡିଶୀ ନୃତ୍ୟ ଓ ସଙ୍ଗୀତ ଦର୍ଶକଙ୍କ ହୃଦୟକୁ ବେଶ ଛୁଇଁ ଥିଲା। ମହୋତ୍ସବ ଆରମ୍ଭରୁ ପଡ଼ିଆରେ ଦର୍ଶକଙ୍କ ଭିଡ଼ ଲାଗିରହିଛି। ଦର୍ଶକମାନେ ମଦପରେ ଠାକୁରଙ୍କୁ ଦର୍ଶନ କରି ମହୋତ୍ସବ ପଡ଼ିଆରେ ବୁଲି କିଣା କିଣି କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାର ମଜା ନେଉଛନ୍ତି। ଏହି କାର୍ଯ୍ୟକ୍ରମକୁ କମିଟିର ସଭାପତି ରବି ନାରାୟଣ ସାହୁ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସଂଯୋଜକ ରାଜେଶ ପାଲ, ଦେବରାଜ ମିଶ୍ର, ହିମାଂଶୁ ଶେଖର ମହାନ୍ତି, ସବ୍ୟସାଚି ସୁନ୍ଦରାୟ ପ୍ରମୁଖ ପରିଚାଳନା କରୁଛନ୍ତି।

# ଭେଙ୍କଟେଶ୍ୱର ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଦଶରଥପୁର, ୨୭।୧୨(ସମିସ):** ଦଶରଥପୁର ଶିକ୍ଷା ମଣ୍ଡଳ ଦୋଗଡ଼ା ଭେଙ୍କଟେଶ୍ୱର ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ତୁଷାରକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବରୁଣେଶ୍ୱର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କୀର୍ତ୍ତନ ବିହାରୀ ସାମଲ ମୁଖ୍ୟଅତିଥିଭାବେ ଯୋଗ ଦେଇ ଆଧୁନିକ ଶିକ୍ଷା ବ୍ୟବସ୍ଥା ସହ ତାଳ ଦେଇ ପ୍ରାଚୀନ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହିତ ବିବେକାନନ୍ଦ, ଶ୍ରୀଅରବିନ୍ଦଙ୍କ ଜୀବନୀ ଅନୁସରଣ ପୂର୍ବକ ଶିକ୍ଷାରେ ଭାରତୀୟ ସଂସ୍କୃତିକୁ ପ୍ରାଧାନ୍ୟ ନ ଦେଲେ ଛାତ୍ରଛାତ୍ରୀ ବିପଥଗାମୀ ହେବାର ସମ୍ଭାବନା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳକ ପୋପଲିନା ମହାନ୍ତି ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଚିତାକର୍ଷକ ସଂସ୍କୃତି ସମ୍ପନ୍ନ ନୃତ୍ୟ ସମସ୍ତଙ୍କ ମନ ମୋହିଥିଲା। ଶିକ୍ଷୟିତ୍ରୀ କ୍ରିଷ୍ଣା ରାଣୀ ଦାସ, ମଧୁସ୍ମିତା ତ୍ରିପାଠୀ, ଅନାମିକା ମହାନ୍ତି, ମିତାରାଣୀ ବାରିକ, ଅମ୍ରିତା ରାଉଳ, ଶିକ୍ଷକ ପ୍ରକାଶ ମହାପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ର ମୃତ୍ୟୁ ମାମଲା; ଚାଳକ ଗିରଫ

**ପାଣିକୋଇଲି, ୨୭।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଅମୃତିଆ ରାସ୍ତାର ବିଦ୍ୟାକଲେଜ ନିକଟରେ ଗାଡ଼ିର ଧକ୍କାରେ ସେହି ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନର ଦ୍ୱିତୀୟ ବର୍ଷର ଛାତ୍ରର ମୃତ୍ୟୁ ଘଟିଥିଲା। ଏହି ମାମଲାରେ ଅଟକ ଗାଡ଼ି ଚାଳକ ପଶ୍ଚିମବଙ୍ଗ ମୁସିର୍ଦ୍ଦାବାଦ ଜିଲ୍ଲା ଦାମକଲ ଥାନା ଅନ୍ତର୍ଗତ ରାଧାକାନ୍ତପୁର ଗ୍ରାମର ଅବଦାର ମଣ୍ଡଳଙ୍କ ପୁଅ ସୁମନ ମଣ୍ଡଳ(୨୨)କୁ ଗିରଫ କରି ଆଜି ଅଦାଲତ ଚାଲାଣ କରାଯାଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ମିର୍ଜ୍ଜାପୁର ଗ୍ରାମର ପ୍ରହଲ୍ଲାଦ ପଣ୍ଡାଙ୍କ ପୁଅ ଆଶୁତୋଷ ପଣ୍ଡା (୧୭) ବିଦ୍ୟା କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ଅଟେ। ଆଜି କଲେଜରୁ ଏକ ବାଇକ (ଓଡି୦୪ଏକ୍ସ ୨୪୮୮) ଯୋଗେ କ୍ଲାସ ସାରି ଘରକୁ ଫେରୁଥିବା ବେଳେ ରାସ୍ତାକଡରେ ଅଟକିଥିବା ବେଳେ ପାଣିକୋଇଲି ପଟୁ ଯାଉଥିବା ଏକ ଗାଡ଼ି (ଡବ୍ଲୁବି ୫୭ଏଫ ୩୫୭୫) ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଏନେଇ ଅଭିଯୋଗ ପରେ ଏକ ମାମଲା ୪୧୦/୨୫ ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା।

## ଡାକ୍ତରଙ୍କ ଘଣ୍ଟିକିଆ ଆନ୍ଦୋଳନ

# ରୋଗୀସେବା ପ୍ରଭାବିତ



**ଧର୍ମଶାଳା, ୨୭।୧୨(ସମିସ):** ଓମ୍‌ସା ଡାକରାକ୍ରମେ ରାଜ୍ୟବ୍ୟାପୀ ୧୮ ଗୋଟି ଦାବି ନେଇ ଶୁକ୍ରବାର ଠାରୁ ବିଭିନ୍ନ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରମାନେ ଘଣ୍ଟିକିଆ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହିକ୍ରମରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନେ ସାମିଲ ହୋଇ ଏକଘଣ୍ଟିଆ ଆନ୍ଦୋଳନ କରିଛନ୍ତି। ରାଜ୍ୟରେ ଖାଲିପଡ଼ିଥିବା ଅଧାରୁ ଅଧିକ ଡାକ୍ତର ପଦବୀ ପୂରଣ କରିବା, ଦରମା ବୃଦ୍ଧି, ସ୍ୱାସ୍ଥ୍ୟ ବୀମା ଓ ବାହାର ଡାକ୍ତରଙ୍କୁ ସମାନ ସୁବିଧା ପ୍ରଦାନ କରିବା ଆଦି ୧୮ ଗୋଟି ଦାବି ନେଇ ଏହି ଅନ୍ଦୋଳନ କରାଯାଇଛି। ଶୁକ୍ରବାର ଠାରୁ ପ୍ରତ୍ୟେକ ଦିନ ୧୦ଟାରୁ ୧୧ଟା ଯାଏଁ ୧ ଘଣ୍ଟା ପାଇଁ ଏହି ଆନ୍ଦୋଳନ କରାଯାଉଛି। ଆସନ୍ତା ୩୦ ତାରିଖ ଯାଏଁ ଏଭଳି ଘଣ୍ଟିକିଆ ଆନ୍ଦୋଳନ ଚାଲୁରହିବ। ପରେ ଓମସାର ପକ୍ଷରୁ ଯାହା ନିର୍ଦ୍ଦେଶ ଆସିବ ତାହାକୁ ପାଳନ କରାଯିବ ବୋଲି ଧର୍ମଶାଳା ଡାକ୍ତରଖାନାର ଡାକ୍ତର ମାନସ ରଞ୍ଜନ ସ୍ୱାଇଁ ସୂଚନା ଦେଇ କହିଛନ୍ତି। ତେବେ ଡାକ୍ତରମାନେ ଘଣ୍ଟିକିଆ ଆନ୍ଦୋଳନରେ ଯିବା ପରେ ଆଉଟଡୋରରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୁରଦୁରାନ୍ତରୁ ଆସୁଥିବା ରୋଗୀମାନେ ଡାକ୍ତରଙ୍କ ଆନ୍ଦୋଳନ ଯୋଗୁଁ ବହୁ ହଇରାଣ ହରକତ ଭୋଗୁଛନ୍ତି। ଡାକ୍ତଖାନାର ଆଉଟଡୋରରେ ରୋଗୀମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଲାଗି ଲମ୍ବା ଲାଇନରେ ଛିଡାହୋଇରହୁଥିବା ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଡକ୍ତରମାନଙ୍କ ଏହି ଆନ୍ଦୋଳନ ତିବ୍ରରୂପ ନେବା ପୂର୍ବରୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଛାତ୍ରୀ ପାଇଲେ ଗଣିତ ମେଧାବୃତ୍ତି



**ଯାଜପୁର, ୨୭।୧୨(ସମିସ):** ପ୍ରକାଶ ପାଇଛି ୨୦୨୨-୨୩ ଶିକ୍ଷା ବର୍ଷର ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତିର ତାଲିକା। ଏଥିରେ ଯାଜପୁର ପୌରାଞ୍ଚଳ ଜୟଦୁର୍ଗା ୟୁଜିଏମଇ ସ୍କୁଲର ଛାତ୍ରୀ ସ୍ରିଷ୍ଟି ସାମନ୍ତ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଛାତ୍ରୀ ସ୍ରିଷ୍ଟି ସାମନ୍ତ ହେଉଛନ୍ତି ସାନବଜାର ଅଞ୍ଚଳର ମାନିକ ସାମନ୍ତ ଓ ଦୋଲା ସାମନ୍ତଙ୍କ କନ୍ୟା। ତାଙ୍କର ଏହି ସଫଳତା ଶ୍ରେୟ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଟ୍ୟୁସନ ସାର୍, ବାପା, ମା'ଙ୍କୁ ଦେଇଛନ୍ତି। ସ୍ରିଷ୍ଟି ବର୍ତ୍ତମାନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ କରୁଛନ୍ତି।

# ଧର୍ମଶାଳା ସାହିତ୍ୟ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ

**ଧର୍ମଶାଳା, ୨୭।୧୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ଧର୍ମଶାଳା ସାହିତ୍ୟ ସମାଜର ୨୦୨୬-୨୭ ବର୍ଷ ପାଇଁ ନୂତନ କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନିର୍ବାଚନକୁ ସଙ୍ଘର ପ୍ରତିଷ୍ଠାତା ସଭାପତି ଡ. ରାଜକିଶୋର ପାଢ଼ୀ ପରିଚାଳନା କରିଥିଲେ। ନୂତନ ଭାବେ ସଙ୍ଘର ସଭାପତି ଭାବେ ପ୍ରାଧାପକ ମନୋରଞ୍ଜନ ମହାନ୍ତି, କାର୍ଯ୍ୟକାରୀ ସଭାପତି ଭାବେ ବେଣୁଧର ନାୟକ ଓ ଯୁଧିଷ୍ଠିର ସ୍ୱାଇଁ, ସାଧାରଣ ସମ୍ପାଦକ ଭାବେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ସଂଗଠନ ସମ୍ପାଦକ ଭାବେ ଯୁଗଳ କିଶୋର ଦାସ, ଗୋଲକ ଚନ୍ଦ୍ର ପଲେଇ, ଗଣେଶ୍ୱର ବେହେରା, ଯୁଗ୍ମ ସମ୍ପାଦକ ଅର୍ଜୁନ ଚରଣ ସାହୁ, ଦୀନବନ୍ଧୁ ତ୍ରିପାଠୀ, ସହ ସମ୍ପାଦକ ଅଖିଳ କୁମାର ସ୍ୱାଇଁ, ଶୁଭକାନ୍ତ ନାୟକ ଓ କୋଷାଧ୍ୟକ୍ଷ ଭାବେ ପ୍ରଫୁଲ୍ଲ କୁମାର ସ୍ୱାଇଁ ନିର୍ବାଚିତ ହୋଇଥିଲେ। ଏଥିସହ ଗଙ୍ଗଶିଉଳି ପତ୍ରିକାର ଉପଦେଷ୍ଟା ଭାବେ ଡ଼କ୍ଟର ରାଜକିଶୋର ପାଢ଼ୀ, ଡାକ୍ତର ବିଜୟ କୁମାର ଶତପଥୀ, ମାଧୁରୀ ଶତପଥୀ ଓ ମିନତୀ ସାହୁଙ୍କୁ ମନୋନୀତ କରାଯାଇଥିବା ବେଳେ ମୁଖ୍ୟ ସମ୍ପାଦକ ଭାବେ ଡ. ଜଗନ୍ନାଥ ଜେନା, ସମ୍ପାଦକ ଅର୍ଜୁନ ପୃଷ୍ଟି ଓ ସମ୍ପାଦକ ମଣ୍ଡଳୀରେ ପ୍ରହଲ୍ଲାଦ ପଣ୍ଡା, ପଦ୍ମଜା ଶରଣ, ଡ. ସସ୍ମିତା ଦାସ ଓ ସବିତା ମିଶ୍ରଙ୍କୁ ନିର୍ବାଚିତ କରାଯାଇଥିଲା। ଆସନ୍ତା ଡିସେମ୍ବର ୩୧ ତାରିଖରେ ଧର୍ମଶାଳା ସାହିତ୍ୟ ସମାଜର ବର୍ଷ ପୂର୍ତ୍ତି ପାଠୋତ୍ସବରେ ନୂତନ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ କରାଯିବ।

# 'ଥିଲେ ଦିଅନ୍ତୁ ନଥିଲେ ନିଅନ୍ତୁ' କାର୍ଯ୍ୟକ୍ରମ



**ବ୍ୟାସନଗର, ୨୭।୧୨(ସମିସ):** ଯାଜପୁର ରୋଡ ଷ୍ଟେସନ ପାଖ ଚୂନଭାଟି ଅଞ୍ଚଳରେ ଥିବା ଅସହାୟ ଲୋକଙ୍କୁ ଜୟ ମହାକାଳ ଫାଉଣ୍ଡେସନ ପକ୍ଷରୁ ପୁରୁଣା ବ୍ୟବହାର ଉପଯୋଗୀ ସଫା ଲୁଗା ଓ ଶୀତ ବସ୍ତ୍ର ଯୋଗାଇ ଦିଆଯାଇଛି। ପୂର୍ବ ବର୍ଷ ପରି ଏଥର ମଧ୍ୟ ଅନୁଷ୍ଠାନର ସଦସ୍ୟମାନେ ଏହି କାର୍ଯ୍ୟକ୍ରମ ପାଇଁ ଆଖପାଖ ଅଞ୍ଚଳରୁ ତଥା ନିଜ ବନ୍ଧୁ, ସହଯୋଗୀଙ୍କଠାରୁ ବିଭିନ୍ନ ଗାଁରୁ ବ୍ୟବହାର ଉପଯୋଗୀ ଶୀତବସ୍ତ୍ର ଓ ଭଲ ସଫା ଲୁଗା, ପୋଷାକ ଆଦି ସଂଗ୍ରହ କରିଥିଲେ। ଏଠାରେ ପୋଷାକ ବଣ୍ଟନ ସହ ଝିଅ ଓ ମହିଳାଙ୍କ ପାଇଁ ବିଭିନ୍ନ କସ୍‌ମେଟିକ ଜିନିଷ ଫାଉଣ୍ଡେସନ ତରଫରୁ ଯୋଗାଇ ଦିଆଯାଇଛି। ଶେଷରେ କୁନି କୁନି ପିଲାଙ୍କୁ ଚକୋଲେଟ ବାଣ୍ଟିବା ସହ ଫାଉଣ୍ଡେସନର ସଦସ୍ୟମାନେ ତାଙ୍କ ସହ ମିଶି ମଜାମସ୍ତି କରିଥିଲେ। ଅନ୍ୟମାନଙ୍କ ମୁହଁରେ ହସ ଫୁଟାଇଲେ ହିଁ ବେଶୀ ଖୁସି ଲାଗିଥାଏ ବୋଲି ଫାଉଣ୍ଡେସନର ସଭାପତି ମନୋଜ କୁମାର ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସୋନାଲି ସେନାପତି, ପୂଜାରାଣୀ ବେହେରା, ଶୁଭଶ୍ରୀ ସେନାପତି, ସାଇଶ୍ୱରୀ ଦାସ, ଲୋକନାଥ ସେନାପତି ପ୍ରତାପ କେଶରୀ ମହାପାତ୍ର, ମନୋଜ କୁମାର ଦାସ, ଶିବାନନ୍ଦ ସେନାପତି ରାକେଶ କୁମାର ସାହୁ, ତପନ କୁମାର ଜେନା, ବାଦଲ କୁମାର ସାହୁ, ଅଭିଷେକ ନାୟକ, ରାଜେନ୍ଦ୍ର ସାହୁ, ବିନ୍ଦୁଲତା ଦାସ / ପଲେଇ ସୌମ୍ୟରଞ୍ଜନ ସାହୁ, ନିରୁପମା ବେହେରା, ପ୍ରଦୀପ କୁମାର ଦାସ ଆଦି ସଦସ୍ୟ ଯୋଗଦେଇଥିଲେ। ଆଗକୁ ଆହୁରି ଏମିତି ଜନ ମଙ୍ଗଳକାରୀ କାର୍ଯ୍ୟ ଚାଲୁରହିବ ବୋଲି ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି।

# ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାବି

**ଯାଜପୁର, ୨୭।୧୨(ସମିସ):** ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଲଟପୁର ପଞ୍ଚାୟତର ବାସିନ୍ଦାମାନେ ଦୂଷିତ ଲୁଣା ପାଣି ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସଙ୍ଗେ ସଙ୍ଗ ଜଣ୍ଡିସ୍, ଝାଡ଼ାବାନ୍ତି ଓ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଜୀବନ ମରଣ ସହିତ ସଂଗ୍ରାମ କରୁଛନ୍ତି। ଏହି ସମସ୍ୟାକୁ ସ୍ଥାନୀୟ ନେତୃମଣ୍ଡଳୀ ଯାଜପୁରର ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଦାବି କରିଛନ୍ତି। ଉକ୍ତ ପଞ୍ଚାୟତର ହଜାର ହଜାର ଜନସାଧାରଣ ନଳକୂପ ଓ ଗଭୀର ବୋରୱେଲ୍‌ରେ ଆସୁଥିବା ଲୁଣ ପାଣି ଓ ଲୌହ ମିଶ୍ରିତ ଜଳପାନ କରି ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଯାଜପୁର ସଦର ମହକୁମା ଚିକିତ୍ସାଳୟ, ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏଥିପ୍ରତି ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗ ଓ ଜଳ ଓ ପରିମଳ ବିଭାଗ କିମ୍ବା ସ୍ୱାସ୍ଥ୍ୟ ବିଭାଗର ନଜର ନାହିଁ। ଜନସାଧାରଣ ପଞ୍ଚାୟତର ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦର ସଭାପତି, ଜିଲ୍ଲାପାଳ, ମନ୍ତ୍ରୀ ପର୍ଯ୍ୟନ୍ତ ଗୁହାରି କଲେ ମଧ୍ୟ ଏହାର ନିରାକରଣ କ୍ଷେତ୍ରରେ କୌଣସି ସମାଧାନର ବ୍ୟବସ୍ଥା ଏଯାବତ୍ ହୋଇ ପାରି ନାହିଁ। ଆଗାମୀ ଦିନରେ ପଞ୍ଚାୟତବାସୀଙ୍କର ଏହି ଦାବୀପ୍ରତି ଜନସ୍ୱାସ୍ଥ୍ୟ ଜିଲ୍ଲା ପ୍ରଶାସନ ଦୃଷ୍ଟି ନଦେଲେ ଏହା ତୀବ୍ର ଜନ ଅସନ୍ତୋଷ ସୃଷ୍ଟି କରିବ ବୋଲି ସାଧାରଣରେ ଆଲୋଚନା ଚର୍ଚ୍ଚା ହେଉଛି। ଏହି ଦାବିପତ୍ର ସମୟରେ ରାଜ୍ୟ ଓବିସି ସେଲ୍‌ଫର ସାଧାରଣ ସମ୍ପାଦକ ସାଗର ପରିଡ଼ା, ଯାଜପୁର ଯୁବ କଂଗ୍ରେସର ନେତା ଚନ୍ଦ୍ରଶେଖର ସାହୁ, ପାଲଟପୁର ପଞ୍ଚାତର ସରପଞ୍ଚ ଲିପିକା ମଲ୍ଲିକ, ଏନ୍‌ୟୁଏସ୍‌ଆଇର ନେତା ସୌମ୍ୟରଞ୍ଜନ ବେହେରା, ଯୁବ କଂଗ୍ରେସ ନେତା କୈଳାସ ଚନ୍ଦ୍ର ବେହେରା ପ୍ରଭୃତି ଉପସ୍ଥିତ ଥିଲେ।



# ଶ୍ୟାମସୁନ୍ଦର ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

**ମଙ୍ଗଳପୁର/ଦଶରଥପୁର, ୨୭।୧୨ (ସମିସ):** ଦଶରଥପୁର ବ୍ଲକ ଶୁଶୁଆ ପଞ୍ଚାୟତସ୍ତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥିଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଓଲିଉଡ ନାୟିକା ତଥା ସମାଜସେବୀ ବର୍ଷା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇଥିଲେ। ଆଲମୁନି କମିଟିର ସଭାପତି ଇଂ. ଯଶୋବନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରଞ୍ଜନ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ତନଭିଶା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଉମେଶ ସାମଲ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଯଶୋବନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନଙ୍କୁ ବିଜେଡି ପକ୍ଷରୁ ଯାଜପୁର ଜିଲ୍ଲା ସଭାପତି ସରୋଜ ମହାପାତ୍ର, ବରିଷ୍ଠ ନେତା କର୍ଣ୍ଣାଟ କେଶରୀ ଦାସ, ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ମନୋଜ ରାଉତ, ଦଶରଥପୁର ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲାପରିଷଦ ସଭ୍ୟା ମନସ୍ୱିନୀ ଦାସ, ପୂର୍ବତନ ସରପଞ୍ଚ ଶିଶିର କୁମାର ଧଳ ପ୍ରମୁଖ କଲେଜ ଛକ ନିକଟରୁ ଶୋଭାଯାତ୍ରାରେ ନେଇଥିଲେ।

# ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ଧର୍ମଶାଳା, ୨୭।୧୨(ସମିସ):** ଧର୍ମଶାଳା ବ୍ଲକ ବଡ଼କଏମା ପଞ୍ଚାୟତର ଡିଗିରିପଡ଼ିଆ ଗ୍ରାମର ଗାୟତ୍ରୀ ପରିବାର ପକ୍ଷରୁ ଜନ୍ମଶତାବ୍ଦୀ ଉପଲକ୍ଷେ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଆଜି ଅପରାହ୍ନରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷମାନେ ଏକ କଳସ ଶୋଭାଯାତ୍ରା ବାହାରି କେଲୁଅ ନଦୀ କୂଳରେ ପହଞ୍ଚି ଥିଲେ। ସେଠାରୁ ନଦୀରୁ କଳସରେ ପାଣି ଆଣି କାଏମା ବଜାର ପରିକ୍ରମା କରି ଗାଁ ମଣ୍ଡପରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରା ବେଳେ ଭଜନ କୀର୍ତ୍ତନ ସହ ହରେ କୃଷ୍ଣ ହରେ ରାମ ନାମରେ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ସେହିପରି ସନ୍ଧ୍ୟା ୭ ଘଟିକା ଠାରୁ ୯ ଘଟିକା ପର୍ଯ୍ୟନ୍ତ ଦୀପ ମହାଯଜ୍ଞର କାର୍ଯ୍ୟକ୍ରମ ରହିଛି। ରବିବାର ସକାଳ ୬ ଟାରୁ ୮ ଘଟିକା ପର୍ଯ୍ୟନ୍ତ ସାମୁହିକ ଜପ, ଯୋଗ ଓ ୯ ଘଟିକା ଠାରୁ ଯଜ୍ଞ, ସଂସ୍କାର ଏବଂ ପୁର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ମନୋଜ ମହାରଣା, ଜଗବନ୍ଧୁ ମହାରଣା, ଉତମ କୁମାର ମନ୍ଥନ, ସୁବାସ ସାହୁ, ଭରତ ସାହାଣୀ, ରଙ୍ଗଲତା ସାହୁ, ଚାରୁଲତା ସାହୁ, ସୁରେନ୍ଦ୍ର ସ୍ୱାଇଁ, ଜଗବନ୍ଧୁ ସାହୁ, ହେମଲତା ସାହୁ, ରୁକ୍ମିଣୀ ମହାରଣା, ଶୁଭଶ୍ରୀ ସାହୁ ଓ ଗାୟତ୍ରୀ ପରିବାରର ସଦସ୍ୟ ମାନେ ସାମିଲ ହୋଇଥିଲେ।

# ମା' ବିରଜା ଭଜନ କ୍ୟାସେଟ୍ ଉନ୍ମୋଚିତ



**ଯାଜପୁର, ୨୭।୧୨(ସମିସ):** ମା' ବିରଜାଙ୍କ ଉପଲକ୍ଷେ ବଲିଉଡର କୋକିଳ ଗାୟିକା ଅନୁରାଧା ପଡୱାଲ୍ ଓ ସ୍ୱର ଲକ୍ଷ୍ମୀ ଶୋ'ର ବିଜେତା ସୁନାମଧନ୍ୟ ଗାୟିକା ଅରୁପମା ନାୟକ ଯୁଗଳ କଣ୍ଠରେ ମା' ବିରଜାଙ୍କ ଭଜନ ପ୍ରସ୍ତୁତ ହୋଇଯାଇଛି। ଏହି ଭଜନଟିକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ବିଶିଷ୍ଟ ସାହିତ୍ୟିକ ସାର୍ ନଟବର ଦାସ ଗୀତଟିକୁ ରଚନା କରିଛନ୍ତି। ମା' ବିରଜା ମନ୍ଦିର ପରିସରରେ ସନ୍ଧ୍ୟା ୭ ଘଟିକା ସମୟରେ ଭଜନ କ୍ୟାସେଟ୍‌ଟିକୁ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ବିଜେପି ଉପସଭାପତି ମୃତ୍ୟୁଞ୍ଜୟ ମିଶ୍ର ଓ ବିରଜା ମନ୍ଦିର ମୁକ୍ତି ମଣ୍ଡପ ସେବାୟତ୍ ପରିଷଦର ସଭାପତି ଦେବୀ ପ୍ରସାଦ୍ ପାଣି ଉପସ୍ଥିତ ଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ, ଗୀତିକାର ସାର୍ ନଟବର ଦାସ, କଣ୍ଠଶିଳ୍ପୀ ଅରୁପମା ନାୟକ, ରଜତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସେମିରେ ବାଲେଶ୍ୱର ଓ ଗୋଲକୁଣ୍ଡା ଟିମ୍

**ମଙ୍ଗଳପୁର, ୨୭।୧୨(ସମିସ):** ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତ ସାଧୁଗୌରେଶ୍ୱର କଲେଜ ପଡ଼ିଆ ଠାରେ ୨୫ତମ ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ବେଳେ ଆଜି ଏହାର ଦ୍ୱିତୀୟ ଦିବସ ଥିଲା। ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ଜେଏସି ଇଞ୍ଜନପୁର କ୍ରିକେଟ ଟିମ ଓ ବିଏମସିସି କ୍ରିକେଟ ଟିମ ଗୋଲକୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିଣି ଜେଏସି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୧୫୨ ରନ ସଂଗ୍ରହ କରିଥିଲେ। ଜବାବରେ ବିଏମସି ଗୋଲକୁଣ୍ଡା ୧୨ ଓଭର ୩ଟି ବଲରେ ୨ ୱିକେଟ ହରାଇ ୧୫୩ ରନ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ସେହିପରି ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ମର୍ଣ୍ଣି ଷ୍ଟାର ବାଲେଶ୍ୱର କ୍ରିକେଟ ଟିମ୍ ଓ ଏନସିସି ଦଶରଥପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବାଲେଶ୍ୱର ଟସ୍ ଜିଣି ବୋଲିଂ କରିବାର ନିଷ୍ପତି ନେଇଥିବା ବେଳେ ଏନ୍‌ସିସି ଦଶରଥପୁର ନିର୍ଦ୍ଧାରିତ ୧୫ ଓଭରରେ ୧୨୭ ରନ ସଂଗ୍ରହ କରିଥିଲେ। ଜବାବରେ ବାଲେଶ୍ୱର ୧୨ ଓଭର ୪ଟି ବଲ ଖେଳି ୧୨୮ ରନ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟରେ ପ୍ରିୟରଞ୍ଜନ ସାମଲ, ଚିନ୍ମୟ ଦଲେଇ, ସୁମନ୍ତ ମହାପାତ୍ର, ସ୍ମୃତିରଞ୍ଜନ ସାମଲ ଅମ୍ପେୟାର ଦାୟିତ୍ୱ ଥିବା ବେଳେ ଜ୍ୟୋତିପ୍ରକାଶ ସାମଲ, ଉମେଶ ଭଞ୍ଜ ଓ ଦୀପକ ମହାପାତ୍ର ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ସେହିପରି ଶ୍ରୀତମ ସାହୁ ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କ୍ଲବର ବରିଷ୍ଠ ସଭ୍ୟ ଆଶୁତୋଷ ମହାପାତ୍ର, ସୁବାସ ଯେନା, ଦେବେନ୍ଦ୍ର ଯେନା, ସାର୍ଥକ ମହାପାତ୍ର, ସର୍ବେଶ୍ୱର ମହାପାତ୍ର, ସୋନୁ ଯେନା, ରାକେଶ କୁମାର ସାହୁ ଜ୍ଞାନରଞ୍ଜନ ସାମଲ, ମନୋରଞ୍ଜନ ବାଇ, ନରେଶ ରାଉତ, ସୂର୍ଯ୍ୟକାନ୍ତ ପୃଷ୍ଟି, ଆଶିଷ ରଞ୍ଜନ ସାହୁ, ଜିତେନ୍ଦ୍ର ଯେନା, ପ୍ରିୟବ୍ରତ ଧଳ, ଭରତ ସେଠୀ, ଜୟନ୍ତ ବାରିକ ପ୍ରମୁଖ ସହଯୋଗ କରିଥିଲେ।



# ସୁକିନ୍ଦାରେ ବିଦେଶୀ ପକ୍ଷୀ ମୃତ

**ସୁକିନ୍ଦା, ୨୭।୧୨(ସମିସ):** ସୁକିନ୍ଦା ବନବିଭାଗ ଅନ୍ତର୍ଗତ ଲେମ୍ବୋ ପଞ୍ଚାୟତ କବାଟ ଗ୍ରାମ ମଣ୍ଡପ ନିକଟରେ କିଛି ବିଦେଶୀ ପକ୍ଷୀଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ କିଛିଦିନ ହେବ କବାଟ ଗ୍ରାମ ମଣ୍ଡପ ନିକଟରେ ଥିବା ବର ଅଶ୍ୱତ୍ଥ ଗଛରେ କିଛି ବିଦେଶୀ ପକ୍ଷୀ ରହିଥିବା ଦେଖାଦେଇଥିବା ବେଳେ ଶନିବାର ଦିନ ସେଥିମଧ୍ୟରୁ କିଛି ପକ୍ଷୀ ମଣ୍ଡପ ଉପରେ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଛି। ମୃତ ପକ୍ଷୀଙ୍କ ନିକଟରେ କିଛି ଜୀବିତ ପକ୍ଷୀ ଜଗିରହିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଏହାକୁ ବାର୍ଡଫ୍ଲୁ ସନ୍ଦେହ କରୁଥିବା ବେଳେ ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୭୫ ● ପାଉଣ୍ଡ ୧୨୧.୩୨
- ୟୁରୋ ୧୦୫.୧୭ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୯,୪୫୦ (ଭୁବନେଶ୍ୱର)
- ରୁପା : ୨,୬୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୦୪୧.୦୦
- ନିଫ୍ଟି ୨୬,୦୪୨.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଇତିହାସ ରଚିଲା ସୁନା, ରୁପା ଦର

## ୨୪ କ୍ୟାରେଟ୍ ସୁନା ୧.୪୨ ଲକ୍ଷ, ରୁପା ୨.୬୩ ଲକ୍ଷ ଟଙ୍କା

**ନୂଆଦିଲ୍ଲୀ,୨୭।୧୨(ଏଜେନ୍ସି):** ବିଶ୍ୱ ସ୍ତରରେ ଅନିଶ୍ଚିତତା ମଧ୍ୟରେ ଘରୋଇ ବଜାରରେ ସୁନା ଏବଂ ରୁପା ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଚଳିତ ସପ୍ତାହର ଶେଷ ଦିନରେ ଉଭୟ ଧାତୁର ମୂଲ୍ୟ ଏକ ନୂତନ ରେକର୍ଡ ସ୍ତରରେ ପହଞ୍ଚି ଇତିହାସ ରଚିଛି। ଆଜି ଘରୋଇ ବଜାରରେ ଏମ୍‌ସିଏକ୍ସରେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧୭,୦୦୦ ଟଙ୍କାରୁ ଅଧିକ ବୃଦ୍ଧି ପାଇଛି। ରାଜଧାନୀ ଭୁବନେଶ୍ୱରରେ ରୁପା କିଲୋଗ୍ରାମ ପିଛା ସର୍ବକାଳୀନ ରେକର୍ଡ ୨.୬୩ ଲକ୍ଷ ଟଙ୍କା ଛୁଇଁଛି। ଏହାଫଳରେ ରୁପା ବିଶ୍ୱର ଦ୍ୱିତୀୟ ସବୁଠାରୁ ମୂଲ୍ୟବାନ ସମ୍ପତ୍ତି ହେବା ରାସ୍ତାରେ ଆଗକୁ ବଢୁଛି। ଅପରପକ୍ଷେ ସୁନା ଦର ପ୍ରଥମ ଥର ୧୦ ଗ୍ରାମ ପିଛା ୧.୪୨ ଲକ୍ଷ ଟଙ୍କାରେ ପହଞ୍ଚିଛି।

ନୂଆଦିଲ୍ଲୀରେ ଶନିବାର ଦିନର କାରବାର ମଧ୍ୟରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧.୪୨ ଲକ୍ଷ ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍‌ର ମୂଲ୍ୟ ୧.୩୦ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏହାଛଡା ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ସୁନା ମୂଲ୍ୟରେ ୧୧୦୦ ଟଙ୍କା ବୃଦ୍ଧି ହୋଇ ଏହା ୧,୨୯,୪୫୦ ଟଙ୍କାରେ ପହଞ୍ଚିଛି। ତେବେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ଶୁକ୍ରବାର ତୁଳନାରେ



**ରୁପା ଦିନକରେ ୧୭ ହଜାର ମହଙ୍ଗା**

୧୪ ହଜାର ଟଙ୍କା ବୃଦ୍ଧି ଘଟି ୨,୬୩,୦୦୦ ଟଙ୍କାରେ ପହଞ୍ଚିଛି। ତେବେ ନୂଆଦିଲ୍ଲୀର ବଜାରରେ ରୁପା କିଲୋଗ୍ରାମ ପିଛା ପ୍ରଥମ କରି ୧.୦୫ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି। ହେଲେ ରୁପା ମୂଲ୍ୟରେ ଦୈନିକ ହେଉଥିବା ବୃଦ୍ଧି ସମ୍ପ୍ରତି ସମସ୍ତଙ୍କ ଚିନ୍ତା ବଢ଼ାଇଛି।

ରୁପାର ବଜାର ପୁଞ୍ଜି ୪.୪ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଏହା ନାମୀ କମ୍ପାନୀ ଏନ୍‌ଭିଡିଆର ବଜାର ମୂଲ୍ୟକୁ ଅତିକ୍ରମ କରିବାଠାରୁ ମାତ୍ର ୪.୫% ଦୂରରେ ଅଛି। ଯଦି ଏହା ଏନ୍‌ଭିଡିଆକୁ ଅତିକ୍ରମ କରେ, ତେବେ ଏହା ସୁନା ପରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ସମ୍ପତ୍ତି ହୋଇଯିବ। ଶୁକ୍ରବାର କାରବାର ଶେଷ ବେଳକୁ ଏନ୍‌ଭିଡିଆର ବଜାର ପୁଞ୍ଜି ୪.୬୩୮ ଟ୍ରିଲିୟନ ଡଲାର ରହିଥିଲା, ଯାହା ଏହାକୁ ବିଶ୍ୱର ସବୁଠାରୁ ମୂଲ୍ୟବାନ କମ୍ପାନୀର ପରିଚୟ ଦେଉଛି। ରୁପା ଏହାର ୫୨ ସପ୍ତାହର ସର୍ବନିମ୍ନ ୨୭.୫୪୫ ଡଲାର ପ୍ରତି ଆଉନ୍ସଠାରୁ ପ୍ରାୟ ୧୯୦% ବୃଦ୍ଧି ପାଇଛି।

ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି ଯେ ରୁପା ମୂଲ୍ୟ ସ୍ୱଳ୍ପରୁ ମଧ୍ୟମ ଅବଧିରେ ପ୍ରତି ଆଉନ୍ସ ୧୦୦ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ। ବର୍ଦ୍ଧିତ ନିରାପଦ ଚାହିଦା, ବଢୁଥିବା ଶିଳ୍ପ ବ୍ୟବହାର ଏବଂ ନିରନ୍ତର ଯୋଗାଣରେ ଅଭାବ ରୂପା ମୂଲ୍ୟ ବୃଦ୍ଧିକୁ ବାହ୍ୟ କରିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ବିଶ୍ୱରେ ରୁପା ଉତ୍ପାଦନ ବର୍ତ୍ତମାନ ପ୍ରାୟ ୮୫୦ ନିୟୁତ ଆଉନ୍ସ ରହିଛି, ଯେତେବେଳେ କି ଚାହିଦା ପ୍ରାୟ ୧.୧୬ ବିଲିୟନ ଆଉନ୍ସ। ସଲିଡ୍-ଷ୍ଟେଟ୍ ବ୍ୟାଟେରୀ ବ୍ୟତୀତ, ବୈଦ୍ୟୁତିକ ଯାନବାହନ ଏବଂ ସୌରଶକ୍ତିରେ ମଧ୍ୟ ରୂପାର ଚାହିଦା ବୃଦ୍ଧି ପାଉଛି। ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ଉତ୍ତେଜନା ରୁପା ପାଇଁ ପାରମ୍ପରିକ କାରିବିଆନ୍ ପରିବହନ ମାର୍ଗକୁ ବାଧାପ୍ରାପ୍ତ କରିଛି, ଯାହା ବିଶ୍ୱର ସର୍ବବୃହତ ଯୋଗାଣକାରୀ ପେରୁରୁ ରୁପା ରପ୍ତାନିକୁ ପ୍ରଭାବିତ କରିଛି। ଫଳସ୍ୱରୂପ, ଆଗାମୀ ଦିନରେ ରୂପା ମୂଲ୍ୟ ଆହୁରି ବୃଦ୍ଧି ପାଇବା ନେଇ ଆଶଙ୍କା ବଢ଼ିଛି।

## ବିଆଇପିଏଫ୍ ପକ୍ଷରୁ ପ୍ରଫେସର୍ ଘନଶ୍ୟାମ ଦାଶ ଛାତ୍ରବୃତ୍ତି ବିଜେତା ସମ୍ମାନିତ



**ଭୁବନେଶ୍ୱର, ୨୭।୧୨(ସମିସ):** ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ପ୍ରତିଷ୍ଠିତ ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାର୍ଶିପ ଫର୍ ହାଇୟର ଏଜୁକେସନ୍ ( ପିଜିଡିଏସ୍) ବିଜେତାଙ୍କୁ ସମ୍ମାନିତ କରାଯାଇଛି।

୨୦୨୫-୨୦୨୬ ଶିକ୍ଷାବର୍ଷରେ ୪ ଜଣ ଡାକ୍ତରୀ ପାଠ ପଢୁଥିବା ପ୍ରାପ୍ତକର୍ତ୍ତା ଅଛନ୍ତି, ଚୁମକି ଜେନା (ଏମ୍ସ ଭୁବନେଶ୍ୱର), ଅନ୍ନପୂର୍ଣ୍ଣା ଚକ୍ରବର୍ତ୍ତୀ (ଏସ. ସି. ବି. ମେଡିକାଲ କଲେଜ ଏବଂ ହସ୍ପିଟାଲ, କଟକ), ଜ୍ଞାନ ରଞ୍ଜନ ବେହେରା (ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲ, ପୁରୀ), ଧବଳେଶ୍ୱର ପୂଜାରୀ (ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟ) ଏବଂ ନବଜ୍ୟୋତି ଗିରି, ଏନ୍ ଆଇ ଟି ରାଉରକେଲା, ଓଡିଶାରେ ବି. ଟେକ୍ କମ୍ପ୍ୟୁଟର ସାଇନ୍ସରେ ନାମ ଲେଖାଇଛନ୍ତି। ପ୍ରତିବର୍ଷ ଇଞ୍ଜିନିୟରିଂ, ମେଡିସିନ୍, ଷ୍ଟେମ୍ ଏବଂ ଲିବରଲ ଆର୍ଟରେ ବୃତ୍ତିଗତ ଡିଗ୍ରୀ ହାସଲ କରୁଥିବା ମେଧାବୀ ଛାତ୍ରମାନେ ଏହି ପ୍ରତିଷ୍ଠିତ ଛାତ୍ରବୃତ୍ତି ପାଇଥାନ୍ତି। ମନୋନୀତ ପ୍ରାର୍ଥୀମାନେ ପ୍ରତି ପ୍ରାପ୍ତକର୍ତ୍ତାଙ୍କ ପାଇଁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୪ ବର୍ଷର ପାଠ୍ୟକ୍ରମ ପାଇଁ ଶିକ୍ଷାଗତ ଫି ଏବଂ ଯୋଗ୍ୟ ଖର୍ଚ୍ଚର ୯୦% ପର୍ଯ୍ୟନ୍ତ ପାଇବେ। ଛାତ୍ରବୃତ୍ତି ବିଜେତାଙ୍କୁ ଅଭିନନ୍ଦନ ଜଣାଇ ଶୈଫାଳିକା ପଣ୍ଡା (ଟ୍ରଷ୍ଟି ଏବଂ ପ୍ରତିଷ୍ଠାତା ସିଇଓ, ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ) କହିଛନ୍ତି, ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମର୍ଥନ କରି, ଆମେ ଜାତୀୟ ଅଭିବୃଦ୍ଧି ପାଇଁ ସକ୍ଷମ ହେବା ପାଇଁ ସେମାନଙ୍କର ସମ୍ଭାବନାକୁ ଇନ୍ଧନ ଦେଉଛୁ।

**ଚୀନ୍‌ର ମ୍ୟାଗଲେଭ୍ ଟ୍ରେନ୍ ରଚିଲା ବିଶ୍ୱ ରେକର୍ଡ**

## ଦୁଇ ସେକେଣ୍ଡରେ ଘଣ୍ଟା ପ୍ରତି ବେଗ ୭୦୦ କିମି

**ବେଜିଂ,୨୭।୧୨(ଏଜେନ୍ସି):** ନବନ୍ମେଷରେ ସର୍ବଦା ଆଗରେ ଥିବା ଚୀନ୍ ଏବେ ଏକ ଦ୍ରୁତଗାମୀ ଟ୍ରେନ ବାହାର କରି ଇତିହାସ ରଚିଛି। ଡ୍ରାଗନ୍ ଏକ ମ୍ୟାଗଲେଭ୍ ଟ୍ରେନ୍ ଆଣିଛି ଯାହାର ଘଣ୍ଟା ପ୍ରତି ବେଗ ୭୦୦ କିମି (୪୩୫ମାଇଲ ପ୍ରତି ଘଣ୍ଟା)ରହିଛି। ଏହା କରି ଚୀନ୍ ଏକ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛି। ନ୍ୟାସନାଲ ୟୁନିଭରସିଟି ଅଫ୍ ଡିଫେନ୍ସ ଟେକ୍ନୋଲୋଜିର ଗବେଷକମାନେ ଏହି ସଫଳତା ହାସଲ କରିଛନ୍ତି। ଏହି ପରୀକ୍ଷଣ ଏକ ନୂତନ ବିଶ୍ୱ ରେକର୍ଡ ମଧ୍ୟ ସ୍ଥାପନ କରିଛି, ଏହାକୁ ଆଜି ପର୍ଯ୍ୟନ୍ତ ବିଶ୍ୱର ସବୁଠାରୁ ଦ୍ରୁତତମ



ସୁପରକଣ୍ଡକ୍ଟିଂ ଇଲେକ୍ଟ୍ରିକ୍ ମ୍ୟାଗଲେଭ ହୋଇଛି। ଏହାକୁ ଚୀନର ଇଲେକ୍ଟ୍ରୋ ମ୍ୟାଗ୍ନେଟିକ୍ ତ୍ୱରାନ୍ୱିତ ପ୍ରଯୁକ୍ତିବିଦ୍ୟାରେ ଏକ ପ୍ରମୁଖ ଅଗ୍ରଗତି ଭାବରେ ମଧ୍ୟ ଦେଖାଯାଉଛି।

ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟର ଏକ ରିପୋର୍ଟ ଅନୁଯାୟୀ, ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ତ୍ୱରାନ୍ୱିତ ପ୍ରଯୁକ୍ତିର ଏହି ପରୀକ୍ଷଣ ହାଇପରଲୁପ୍ ଯାତ୍ରାରେ ମଧ୍ୟ ବିପ୍ଳବ ଆଣିପାରେ। ହାଇପରଲୁପ୍ ହେଉଛି ଭବିଷ୍ୟତ ଯାତ୍ରା ପାଇଁ ବିକଶିତ ହେଉଥିବା ଭାକ୍ୟୁମ୍-ସିଲ୍ ଟ୍ୟୁବ୍। ବର୍ତ୍ତମାନ, କେବଳ ଦୁଇଟି ଦେଶ ଚୀନ୍ ଏବଂ ଜାପାନ ମ୍ୟାଗଲେଭ୍ ଟ୍ରେନ୍ ପରିଚାଳନାରେ ଆଗରେ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଏହି ସଫଳତା ଚୀନକୁ ଅଲ୍ଟ୍ରା-ହାଇ-ସ୍ପିଡ୍ ମାଗଲେଭ୍ ପ୍ରଯୁକ୍ତିବିଦ୍ୟାରେ ଏକ ଅଗ୍ରେତା ଭାବେ ଦେଖାଇଛି।

**ଆମେରିକାରେ ସ୍ୱାସ୍ଥ୍ୟ ସେବା ମହଙ୍ଗା**

## ଚିକିତ୍ସାରେ ଯାଉଛି ୧୭% ଆୟ

**ୱାଶିଂଟନ୍,୨୭।୧୨(ଏଜେନ୍ସି):** ଆମେରିକାରେ ଚିକିତ୍ସା ସେବା କ୍ରମଶଃ ମହଙ୍ଗା ହେବାରେ ଲାଗିଛି। ଏଥିରେ ସେଠାରେ ଲୋକେ ରୋଜଗାର କରୁଥିବା ଅଧିକାଂଶ ଟଙ୍କା ଚିକିତ୍ସା ବାବଦରେ ଯାଉଛି। ବିଗତ ୧୩ ବର୍ଷ ମଧ୍ୟରେ ଦେଶରେ ସ୍ୱାସ୍ଥ୍ୟସେବା ବାବଦ ଚିକିତ୍ସା ଖର୍ଚ୍ଚ ଦ୍ୱିଗୁଣିତ ହୋଇଯାଇଛି। ପରିସ୍ଥିତି ଏପରି ହୋଇଛି ଯେ, ଯେଉଁଠାରେ ଜଣେ ସାଧାରଣ ବ୍ୟକ୍ତି ତା'ର ଆୟର ପ୍ରାୟ ୧୭% ଅର୍ଥ ଚିକିତ୍ସା ଏବଂ ଔଷଧ ପାଇଁ ଖର୍ଚ୍ଚ କରୁଛି। ଏହା ଆଗାମୀ ବର୍ଷ ଆହୁରି ବୃଦ୍ଧି ପାଇବା ଆଶା କରାଯାଉଛି।

ଅପରପକ୍ଷେ ଆମେରିକାରେ ଚିକିତ୍ସା ବାବଦ ଖର୍ଚ୍ଚ ସେଠାକାର ଜିଡିପିର ୧୧.୬%ରେ ପହଞ୍ଚିଛି। ୨୦୧୨ ପରଠାରୁ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ଦ୍ୱିଗୁଣିତ ହୋଇଛି। ତୃତୀୟ ତ୍ରୈମାସିକରେ ସ୍ୱାସ୍ଥ୍ୟସେବା ସେବା ପାଇଁ ୩.୬

**୧୩ ବର୍ଷରେ ସ୍ୱାସ୍ଥ୍ୟ ସେବା ବାବଦ ଖର୍ଚ୍ଚ ଦୁଇ ଗୁଣା**

ଟ୍ରିଲିୟନ ଡଲାର ଖର୍ଚ୍ଚ ହୋଇଛି, ଯାହା ଏକ ସର୍ବକାଳୀନ ରେକର୍ଡ। ୨୦୦୦ରେ ଏହି ସଂଖ୍ୟା ୧୩.୫% ଥିଲା। ପରବର୍ତ୍ତୀ ବର୍ଷ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବା ଆଶା କରାଯାଉଛି। ପରିସ୍ଥିତି ଏପରି ଏକ ସ୍ଥାନରେ ପହଞ୍ଚିଛି ଯେଉଁଠାରେ ଲୋକମାନେ ପାଣ୍ଠି ଅଭାବରୁ ଚିକିତ୍ସା ସ୍ଥଗିତ ରଖିଛନ୍ତି। ରିପୋର୍ଟ ଅନୁଯାୟୀ, ୨୦୨୬ରେ ଯୁକ୍ତରାଷ୍ଟ୍ରରେ ସ୍ୱାସ୍ଥ୍ୟସେବା ସେବାରେ ଏକ ବଡ଼ ପରିବର୍ତ୍ତନ ଆଶା କରାଯାଉଛି। କିଛି ଲୋକ ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ ଖର୍ଚ୍ଚରୁ କିଛି ଆଶ୍ୱସ୍ତି ପାଇପାରନ୍ତି କାରଣ ମେଡିକେୟାର ପ୍ରଥମ ଥର ପାଇଁ ଔଷଧ ମୂଲ୍ୟ ଉପରେ ବିଚାର କରିବ। ଅନ୍ୟପକ୍ଷରେ, ଅନ୍ୟମାନେ ବର୍ଦ୍ଧିତ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଏହା ଘଟିବ କାରଣ ସୁଲଭ ସ୍ୱାସ୍ଥ୍ୟ ସେବା ଅଧୀନରେ ଟିକସ ଛାଡ଼ର ମିଆଦ ଶେଷ ହେଉଛି ଏବଂ ରାଜ୍ୟ ପାଣ୍ଠିରେ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଯୋଗୁଁ ମେଡିକେୟାର କଭରେଜ୍ରେ ଅନିଶ୍ଚିତତା ଦେଖାଦେଇପାରେ।

୨୦୨୨ରେ ତତ୍କାଳୀନ ରାଷ୍ଟ୍ରପତି ଜୋ ବିଡେନ୍ ମୁଦ୍ରାସ୍ଫୀତି ହ୍ରାସ ଆଇନରେ ସ୍ୱାକ୍ଷର କରିଥିଲେ। ଏହି ଆଇନ ପ୍ରଥମ ଥର ପାଇଁ ମେଡିକେୟାରକୁ ଏହାର ସବୁଠାରୁ ମହଙ୍ଗା ପ୍ରେସକ୍ରିପସନ୍ ଔଷଧର ମୂଲ୍ୟ ଉପରେ ଆଲୋଚନା କରିବାର ଅଧିକାର ଦେଇଥିଲା। ଏହି ସମୟରେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜୁଲାଇରେ ବିଗ୍ ବିୟୁଟିଫୁଲ୍ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି , ଯାହା ମେଡିକେୟାର ପାଣ୍ଠି ହ୍ରାସ କରିଛି।

## ରାଜଧାନୀରେ ଟୟୋଟା ଅଫ୍ ରୋଡ୍ ବୁଟ୍ କ୍ୟାମ୍ପ


**ଭୁବନେଶ୍ୱର, ୨୭।୧୨ (ସମିସ):** କ୍ୟାପିଟାଲ ଟୟୋଟା ଭୁବନେଶ୍ୱର ପକ୍ଷରୁ 'ଟୟୋଟା ଅଫ୍ ରୋଡ୍ ବୁଟ୍ କ୍ୟାମ୍ପ' ନଖରା ଜଗନ୍ନାଥପୁରସ୍ଥିତ କଲ୍ୟାଣୀ ଓମ୍‌ଫେଡ୍ ଗ୍ରାଉଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ ଏକ୍ସକ୍ଲୁସିଭ୍ ଏକ୍ସପରିଏନସିଆଲ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଟୟୋଟା ଗ୍ରାହକ ଏବଂ ଗାଡ଼ି ପ୍ରେମୀଙ୍କୁ ଏକ ରିଅଲ ୱାର୍ଲ୍ଡ ଅଫ୍-ରୋଡ୍ ଡ୍ରାଇଭିଂ ଏକ୍ସପରିଏନ୍ସ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି, ଯେଉଁଥିରେ ଟୟୋଟା ହିଲକ୍ସ ଏବଂ ଟୟୋଟା ଫର୍ଚୁନର ଭଳି ଅତ୍ୟାଧୁନିକ ୪ x ୪ ଇଞ୍ଜିନିୟରିଂର ପ୍ରଦର୍ଶନ କରାଯାଇଥିଲା। ଏହି 'ଟୟୋଟା ଅଫ୍ ରୋଡ୍ ବୁଟ୍ କ୍ୟାମ୍ପ'ରେ ଗାର୍ଗସନ୍ ଗ୍ରୁପର ଅଧ୍ୟକ୍ଷ ସତୀଶ ଗର୍ଗ,କ୍ୟାପିଟାଲ ଟୟୋଟାର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ଗର୍ଗ



ଏବଂ କ୍ୟାପିଟାଲ ଟୟୋଟାର ଜିଏମ୍ ଚମ୍ପକ କୁମାର ଦାସ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, 'ଟୟୋଟା ଅଫ୍ ରୋଡ୍ ବୁଟ୍ କ୍ୟାମ୍ପ' ଶୋ ' ରୁମ୍ ବାହାରେ ଗ୍ରାହକଙ୍କୁ ସର୍ବୋତ୍ତମ ବ୍ରାଣ୍ଡ ଏକ୍ସପରିଏନ୍ସ ପ୍ରଦାନ କ୍ଷେତ୍ରରେ କ୍ୟାପିଟାଲ ଟୟୋଟାର ରହିଥିବା ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି।

## ନୂଆବର୍ଷରେ କଳା ମନ୍ଦିରର ଲାଟେଷ୍ଟ କଲେକ୍ସନ

**ଭୁବନେଶ୍ୱର, ୨୭।୧୨ (ସମିସ):** ରାଜ୍ୟର ସର୍ବପୁରାତନ ଏବଂ ଅତ୍ୟାଧୁନିକ ଗାରମେଣ୍ଟ ଏବଂ ସମସ୍ତ ପ୍ରକାରର ଶାଢୀର ସୋରୁମ୍ କଳାମନ୍ଦିରରେ ଗ୍ରାହକମାନଙ୍କର ପସନ୍ଦ ମୁତାବକ ବିବାହ ଏବଂ ଶୀତ ଉପଲକ୍ଷେ ନୂଆ ନୂଆ ଡିଜାଇନ୍‌ର ଶାଢୀ ଏବଂ ଶୀତ ବସ୍ତ୍ର ଉପଲବ୍ଧ। ବିବାହ ଉପଲକ୍ଷେ ଏଠାରେ ମହିଳାମାନଙ୍କ ପାଇଁ ବିଭିନ୍ନ ଭେରାଇଟି ଓ ସୁନ୍ଦର ବନାରସୀ, ସମ୍ବଲପୁରୀ, ଖଣ୍ଡୁଆ, ମଟ୍‌କା ଶାଢୀ ସହିତ ଲେହେଙ୍ଗା, ଗାଉନ୍ ଓ ପଞ୍ଜାବୀ ବ୍ରାଇଡାଲ ସୁଟ୍



ଆଦି ରହିଛି। ପୁରୁଷମାନଙ୍କ ପାଇଁ ଲାଟେଷ୍ଟ ଡିଜାଇନ୍‌ର ଶେରୱାନୀ, କୁର୍ତ୍ତା ପାଇଜାମା, ବ୍ଲେଜର ଓ ଧୋତୀ କୁର୍ତ୍ତା ଆଦି ରହିଛି। ଏଥିସହିତ ଶୀତ ଉପଲକ୍ଷେ ପୁରୁଷମାନଙ୍କ ପାଇଁ ଅକର୍ଷଣୀୟ ଡିଜାଇନର ପୁଲଓଭର, ଜ୍ୟାକେଟ୍, ସୁଟ୍ସ ଏବଂ ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରକାରର କାର୍ଡିଗନ୍, ପୁଲଓଭର, ଉଲେନ ବ୍ଲାଉଜ୍, ବିଭିନ୍ନ ପ୍ରକାରର ସାଲ କଲେକ୍ସନ ଯେପରି ପସମିନା କାନିସାଲ, କାଶ୍ମୀର ସାଲ, ଜମେବର ସ୍ଲୋସେର ଆଦି ଉପଲବ୍ଧ। ବିବାହ ଉପଲକ୍ଷେ କିଣାକିଣି କରୁଥିବା ଗ୍ରାହକମାନଙ୍କ ପାଇଁ କଷ୍ଟମର ରୟାଲିଟି ପ୍ରୋଗ୍ରାମ ସହିତ ବିଭିନ୍ନ ଅଫର ମଧ୍ୟ ରହିଛି। କଳାମନ୍ଦିରର ମ୍ୟାନେଜିଂ ପାର୍ଟନର ରାଜିନ୍ଦର ସିଂ କହିଛନ୍ତି ଯେ, କଳାମନ୍ଦିର ୫୪ ବର୍ଷରୁ ଅଧିକ ସମୟ ଧରି ଗାର୍ମେଣ୍ଟ ସେଗ୍‌ମେଣ୍ଟରେ ପ୍ରବେଶ କରି ନିଜର ବ୍ୟବସାୟ ଜାରି ରଖିଛି। ଗ୍ରାହକଙ୍କୁ ସୁହାଇଲା ଭଳି ମୂଲ୍ୟ, ଉତ୍ତମ ବ୍ୟବହାର ଓ ଦୀର୍ଘକାଳୀନ ସେବା ମାଧ୍ୟମରେ କଳାମନ୍ଦିର ଗ୍ରାହକଙ୍କ ନିକଟତର ହୋଇପାରିଛି।

## ୧୦୦୦ତମ ଫ୍ଲାଏଆଶ୍ ରେକ୍ ପଠାଇଲା ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍




**ଭୁବନେଶ୍ୱର, ୨୭।୧୨(ସମିସ):** ବେଦାନ୍ତ ଆଲୁମିନିୟମ ଏହାର ଝାରସୁଗୁଡା ୟୁନିଟରୁ ୧୦୦୦ତମ ଫ୍ଲାଏ ଆଶ୍ ରେକ୍ ପଠାଇ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାୟୀତ୍ୱ ଏବଂ କାର୍ଯ୍ୟକ୍ଷମ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୋଇଛି। ଏହି ସଫଳତା କମ୍ପାନୀର ବୃତାକାର ଅର୍ଥନୀତି ନୀତି ଏବଂ ଦାୟିତ୍ୱପୂର୍ଣ୍ଣ ସମ୍ବଳ ପରିଚାଳନା ପ୍ରତି ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି। ୨୦୨୨ରେ ଏହାର ଫ୍ଲାଏ ଆଶ୍ ରେକ୍ ପଠାଯିବା ପଦକ୍ଷେପ ଆରମ୍ଭ କରିବା ପରଠାରୁ ବେଦାନ୍ତ ଝାରସୁଗୁଡ଼ା ସମଗ୍ର ଭାରତରେ ସିମେଂଟ ନିର୍ମାତା ଏବଂ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ୪ ନିୟୁତ ଟନ୍‌ରୁ ଅଧିକ ଫ୍ଲାଏ ଆଶ୍ ଯୋଗାଇଛି। ଏହି ବୃହତ ପରିମାଣର ବ୍ୟବହାର ମିଶ୍ରିତ ଏବଂ ସବୁଜ ସିମେଂଟ ଉତ୍ପାଦନକୁ ସମର୍ଥନ କରେ, ଚୂନପଥର ଭଳି ପ୍ରାକୃତିକ ସମ୍ପଦ ଉପରେ ନିର୍ଭରତା ହ୍ରାସ କରିବା ସହିତ ପାରମ୍ପରିକ ସିମେଣ୍ଟ ଉତ୍ପାଦନ ସହିତ ଜଡିତ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି। ଏହି ମାଇଲଖୁଣ୍ଟ ବିଷୟରେ ମତ ଦେଇ, ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, ଆମର ୧୦୦୦ତମ ଫ୍ଲାଏ ଆସ୍ ରେକ୍ ପଠାଯିବା ଶୃଙ୍ଖଳାଗତ କାର୍ଯ୍ୟାନ୍ୱୟନ ଦ୍ୱାରା ସମର୍ଥିତ ସ୍ଥାୟୀତ୍ୱ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ମାଇଲଖୁଣ୍ଟ ଦର୍ଶାଏ ଯେ ଶିଳ୍ପ ଦକ୍ଷତା, ପରିବେଶଗତ ଦାୟିତ୍ୱ ଏବଂ ସହଯୋଗୀ ସହଭାଗୀତା କିପରି ଶିଳ୍ପ, ସମ୍ପ୍ରଦାୟ ଏବଂ ଗ୍ରହ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବାକୁ ଏକତ୍ରିତ ହୋଇପାରେ।

## ପାସ୍‌ପୋର୍ଟ ସେବା କେନ୍ଦ୍ର ଭଳି ହେବ ଇପିଏଫ୍‌ଓ ଅଫିସ୍

**କୌଣସି ବି ସହରର କାର୍ଯ୍ୟାଳୟରୁ ପିଏଫ୍ ବିବାଦର ହେବ ସମାଧାନ**

**ନୂଆଦିଲ୍ଲୀ,୨୭।୧୨(ଏଜେନ୍ସି):** କେନ୍ଦ୍ରର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡାଭିଆ ଶୁକ୍ରବାର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ର କାର୍ଯ୍ୟକାରିତାରେ ବଡ଼ ପରିବର୍ତ୍ତନ ଘୋଷଣା କରିଛନ୍ତି। ଦେଶବ୍ୟାପୀ ସମସ୍ତ ଇପିଏଫ୍‌ଓ କାର୍ଯ୍ୟାଳୟଗୁଡ଼ିକୁ ପାସପୋର୍ଟ ସେବା କେନ୍ଦ୍ର ଅନୁରୂପ "ସିଙ୍ଗଲ-ୱିଣ୍ଡୋ ସେବା କେନ୍ଦ୍ର" ରେ ପରିଣତ କରାଯିବ। ଏହାର ସବୁଠାରୁ ବଡ଼ ଲାଭ ହେବ ଯେ ପିଏଫ୍‌ଆକାଉଣ୍ଟଧାରୀମାନେ ସେମାନଙ୍କର ସମସ୍ୟା ସମାଧାନ ପାଇଁ ଦେଶର ଯେ କୌଣସି ଆଞ୍ଚଳିକ କାର୍ଯ୍ୟାଳୟକୁ ଯାଇପାରିବେ। ସେମାନଙ୍କୁ ଆଉ ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ ଯେଉଁଠାରେ ସେମାନଙ୍କର ପିଏଫ୍ ଆକାଉଣ୍ଟ ପଞ୍ଜିକୃତ ହୋଇଛି।



ଗୁଜରାଟର ଭାଟଭାରେ ଇପିଏଫ୍‌ଓର ନୂତନ "ପ୍ରୋଭିଡେଣ୍ଟ ପାଣ୍ଠି ଭବନ" ଉଦଘାଟନ ସମୟରେ ମନ୍ତ୍ରୀ କହିଥିଲେ ଯେ ଏହି ନୂତନ ବ୍ୟବସ୍ଥାର ପରୀକ୍ଷଣ ଦିଲ୍ଲୀରେ ଆରମ୍ଭ ହୋଇସାରିଛି। ପୂର୍ବରୁ, କର୍ମଚାରୀମାନଙ୍କୁ ଅଭିଯୋଗ କିମ୍ବା ଦାବି ଦାଖଲ କରିବା ପାଇଁ ସେମାନଙ୍କ ସଂଗଠନ ସହିତ ଜଡିତ ଆଞ୍ଚଳିକ କାର୍ଯ୍ୟାଳୟକୁ ଯିବାକୁ ପଡୁଥିଲା। ବର୍ତ୍ତମାନ, ଆଧୁନିକ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଏହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଡିଜିଟାଲାଇଜେସନ୍ ଏବଂ ସଂଯୋଗ କରାଯାଉଛି, ଯାହା ଦ୍ୱାରା ଯେକୌଣସି ସହରର ଯେକୌଣସି ବ୍ୟକ୍ତି ନିକଟସ୍ଥ ଇପିଏଫ୍‌ଓ କାର୍ଯ୍ୟାଳୟକୁ ଯାଇ ସେମାନଙ୍କର କାମ କରିପାରିବେ।

ଦେଶବ୍ୟାପୀ ଲକ୍ଷ ଲକ୍ଷ କର୍ମଚାରୀଙ୍କ ପାଣ୍ଠି ବର୍ଷ ବର୍ଷ ଧରି ବନ୍ଦ କିମ୍ବା ନିଷ୍କ୍ରିୟ ଥିବା ଇପିଏଫ୍ ଆକାଉଣ୍ଟରେ ଫସି ରହିଛି। ମନ୍ତ୍ରୀ କହିଛନ୍ତି ଯେ ଇପିଏଫ୍‌ଓ ଏବେ ଏହି ଆକାଉଣ୍ଟଗୁଡ଼ିକର କେୱାଇସି ଯାଞ୍ଚ ଏକ ମିଶନ ମୋଡ୍ ରେ କରିବ। ଏହି ଉଦ୍ଦେଶ୍ୟରେ ଏକ ସମର୍ପିତ ଡିଜିଟାଲ୍ ପ୍ଲାଟଫର୍ମ ଆରମ୍ଭ କରାଯିବ। ଏହା ଆକାଉଣ୍ଟଧାରୀ କିମ୍ବା ସେମାନଙ୍କ ଉତ୍ତରାଧିକାରୀଙ୍କ ଚିହ୍ନଟ ଏବଂ ସେମାନଙ୍କର ସଠିକ୍ ପାଣ୍ଠିର ସୁରକ୍ଷିତ ଫେରସ୍ତକୁ ସକ୍ଷମ କରିବ। ଯଦି ଜଣେ ଭାରତୀୟ କର୍ମଚାରୀ ବିଦେଶରୁ କାମ କରି ଫେରିଆସେ, ତେବେ ସେଠାରେ ଜମା ହୋଇଥିବା ସେମାନଙ୍କର ପିଏଫ୍ ଯୋଗଦାନ ବେକାର ଯିବନି। ସେମାନେ ଭାରତ ଫେରିବା ପରେ ମଧ୍ୟ ସେମାନଙ୍କର ଜମା ଏବଂ ଅନ୍ୟାନ୍ୟ ସୁବିଧା ଉପଭୋଗ କରିପାରିବେ।






# ମୋଦୀ ନା ମମତା


ସବୁ ବର୍ଷ ଭାରତରେ କେଉଁଠି ନା କେଉଁଠି ନିର୍ବାଚନ ହୋଇଥାଏ । ନୂଆ ବର୍ଷରେ ମଧ୍ୟ ଏହି ଧାରା ଜାରି ରହିବ । ୨୦୨୬ରେ ରାଜ୍ୟସଭାର ୭୨ଟି ଆସନ ଖାଲି ହେବ । ଏଥିରେ ଉତ୍ତର ପ୍ରଦେଶର ସର୍ବାଧିକ ୧୦ଟି, ମହାରାଷ୍ଟ୍ରର ୭ଟି, ତାମିଲନାଡୁର ୬ଟି, ପଶ୍ଚିମବଙ୍ଗର ୫ଟି, ଆସାମର ୩ଟି ଆସନ ରହିଛି । ଏହା ସହିତ ତିନିଟି ରାଜ୍ୟ ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ତେଣୁ ବିଜୟୀ ହେଉଥିବା ଦଳର ପ୍ରତିନିଧିତ୍ୱ ରାଜ୍ୟସଭାରେ ବଢ଼ିବ । ସେହିପରି କେରଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ମଧ୍ୟ ବିଧାନସଭା ନିର୍ବାଚନ ହେବ । ଏହି ନିର୍ବାଚନରେ ଆଞ୍ଚଳିକ, ଜାତୀୟ ଦଳ ମଧ୍ୟରେ ଲଢେଇ ହେବ । ଆସାମରେ ବିଜେପି-କଂଗ୍ରେସ, ତାମିଲନାଡୁରେ ଡିଏମକେ-ଭିଟିକେ-ଏଆଇଏଡିଏମକେ ଏବଂ ବିଜେପି, ପଶ୍ଚିମବଙ୍ଗରେ ଟିଏମସି-ବିଜେପି, କେରଳରେ ସିପିଆଇ-କଂଗ୍ରେସ ଏବଂ ବିଜେପି ମଧ୍ୟରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ହେବ । ଏସଆଇଆର, ଭୋଟ ଚୋରି ପ୍ରସଙ୍ଗକୁ ନେଇ ବିରୋଧୀ ଏନ୍‌ଡିଏ ବିରୋଧରେ ସଡ଼କରୁ ସଂସଦ ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରଖିଛନ୍ତି । ସେହିଭଳି ରାଜସ୍ଥାନରୁ ନେଇ ସାରା ଦେଶରେ ଆରାବଲୀ ପର୍ବତମାଳାରେ ଖଣି ଖୋଳିବା ମାମଲାକୁ ନେଇ ମଧ୍ୟ ଜନ ଆକ୍ରୋଶ ସୃଷ୍ଟି ହୋଇଛି । ଏହା ଭୋଟକୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି । କିନ୍ତୁ ଫଳାଫଳ କଣ ହେବ, ତାହା ଏବେ ଠାରୁ କହିବା ମୁସ୍କିଲ । ତେବେ ସାରା ଦେଶର ନଜର ଏହି ବିଧାନସଭା ନିର୍ବଚନ ଉପରେ ରହିବ ।




ନୂଆ ବର୍ଷରେ ପଶ୍ଚିମବଙ୍ଗରେ ହାଇ ଭୋଲ୍ଟେଜ ଲଢ଼େଇ ଦେଖିବାକୁ ମିଳିବ । ଏଠାକାର ୨୯୬ ଆସନ ବିଶିଷ୍ଟ ବିଧାନସଭାରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସି ଏବଂ ବିଜେପି ମଧ୍ୟରେ ପ୍ରତ୍ୟକ୍ଷ ମୁକାବିଲା ହେବ । ତେବେ କଂଗ୍ରେସ ଏବଂ ବାମଦଳର ପ୍ରଭାବ ଦିନକୁ ଦିନ ରାଜ୍ୟରୁ ହ୍ରାସ ପାଇବାରେ ଲାଗିଛି । ଏଠାରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ତାଙ୍କର ପୂର୍ବତନ ସହଯୋଗୀ ମମତାଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ । ବିଜେପି ଶୁଭେନ୍ଦୁଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖୁଛି । ସେ ହିଁ ମମତାଙ୍କୁ କଡ଼ା ଟକ୍କର ଦେଇପାରିବେ ବୋଲି ଅନେକ ନେତା ଭାବୁଛନ୍ତି । ମାତ୍ର ଗତ ଥର ଯେଭଳି ଭାବେ ଶୁଭେନ୍ଦୁ ହାରୁ ହାରୁ ଜିତିଗଲେ ୨୦୨୬ରେ ତାହାର ପୁନରାବୃତ୍ତି ନ କରିବା ପାଇଁ ବିଜେପି ଯୋଜନା କରିଛି । ମହିଳା ବିରୋଧୀ ହିଂସା, ସଂଖ୍ୟାଲଘୁ ରାଜନୀତି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା ଭଳି ମାମଲାକୁ ନେଇ ମମତା ସରକାର ବିବାଦରେ ଥିବା ବେଳେ ବିଜେପି ଏହାର ଫାଇଦା ଉଠାଇବାକୁ ଚାହୁଁଛି । ମାତ୍ର ବିଜେପିକୁ ଅଟକାଇବା ପାଇଁ ମମତା ଦିଦି ଯୋଜନା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି । ଏହି ନିର୍ବାଚନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମାଦୀ ବନାମ ମମତା ବାନାର୍ଜୀ ଭାବେ ବିବେଚନା କରାଯାଉଛି ।

## ଆସାମରେ ହିମନ୍ତଙ୍କୁ ବିପଦ ଗୌରବ

ଆସାମରେ ଏବେ ଏନଡିଏ ସରକାର ରହିଛି । ୧୨୬ ବିଧାନସଭା ଆସନ ବିଶିଷ୍ଟ ଏହି ରାଜ୍ୟରେ ଆସାମ ଗଣ ପରିଷଦ, ୟୁପିପିଏଲ ଏବଂ ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ ବିଜେପି ସହ ମିଳିତ ଭାବେ ସରକାର ଗଢ଼ିଛନ୍ତି । ସେହିପରି ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ମେଣ୍ଟରେ ସିପିଆଇଏମ, ରାଇଜୋର ଦଳ, ଏଜେପି, ଏଜିଏମ, ସିପିଆଇ, ସିପିଆଇଏମଏଲ, ଏପିଏଚଏଲସି ସାମିଲ ରହିଛି । ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଏଆଇୟୁଡିଏଫ, ଏଆଇଏମଆଇଏମ, ଆପ୍, ଟିଏମସି ସାମିଲ ରହିଛି । ତେବେ ଏଠାରେ ବିଜେପି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏବଂ କଂଗ୍ରେସ ମୁଖିଆ ଗୌରବ ଗୋଗଇଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ । ଏଥିପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇସାରିଛି । ଅନୁପ୍ରବେଶ, ହିଂସା, ଅରାଜକତା ରୋକିବାରେ ମୁଖ୍ୟମନ୍ତ୍ରୀ ବିଫଳ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି । ହିମନ୍ତ ନିଜ ପତ୍ନୀଙ୍କ ସମ୍ବନ୍ଧିତ କମ୍ପାନୀଙ୍କୁ ଠିକା ଦେବା ମାମଲାରେ ଫସିଛନ୍ତି । ସେହିପରି କଂଗ୍ରେସକୁ ସଂଖ୍ୟାଲଘୁଙ୍କ ଦଳ ଏବଂ ଗୌରବଙ୍କ ପତ୍ନୀଙ୍କୁ ହିମନ୍ତୁ ପାକିସ୍ତାନୀ ଏଜେଣ୍ଟ କହିଛନ୍ତି । ତାଙ୍କ ସ୍ତ୍ରୀ ପାକିସ୍ତାନ ପାଇଁ କାମ କରୁଥିବା ଅଭିଯୋଗ ଲଗାଇଛନ୍ତି । ଆରୋପପ୍ରତ୍ୟାରୋପକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଥିବା ବେଳେ ବାଜି କିଏ ମାରିବ ତାହା ଜନତାଙ୍କ ଦରବାରରେ ସ୍ଥିର ହେବ ।



## ତାମିଲନାଡୁରେ ବିଜୟ ଜଲୱା



ନିର୍ବାଚନୀ ମୁହାଁ ତାମିଲନାଡୁରେ ଚତୁର୍ମୁଖୀ ଲଢ଼େଇ ଦେଖିବାକୁ ମିଳିବ । ଏହି ରାଜ୍ୟର ୨୩୪ ଆସନରେ ଅଭିନେତାରୁ ରାଜନେତା ପାଲଟି ଥିବା ବିଜୟଙ୍କ ଟିଭିକେ କ୍ଷମତାସୀନ ଡିଏମକେ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ । ଏଆଇଡିଏମକେ ଏବଂ ବିଜେପି ମଧ୍ୟ କ୍ଷମତାସୀନ ଦଳର ମୁଣ୍ଡବିନ୍ଧା ସୃଷ୍ଟି କରିବେ । ଏହି ରାଜ୍ୟରେ ବିରୋଧୀ ଇଣ୍ଡିଆ ମେଣ୍ଟ ଡିଏମକେକୁ ସମର୍ଥନ କରିବେ ବୋଲି ଆଶା । ମାତ୍ର ବିହାର ପରାଜୟକୁ ଦେଖି କଂଗ୍ରେସ ନିଜ ଆଭିମୁଖ୍ୟ ବଦଳାଇ ଏକାକୀ ଲଢ଼ିଲେ ଡିଏମକେର କ୍ଷତି ହୋଇପାରେ । ସେହିପରି ବିଜେପି ମୁଖିଆ ଏନ ନାଗେନ୍ଦ୍ରନ ଏବଂ ନେତା କେ ଆନ୍ନାମଲାଇଙ୍କ ଯୋଜନା ସଫଳ ହେଲେ ବିଜେପି ଏହି ରାଜ୍ୟରେ ଆଖିଦୃଷ୍ଟିଆ ସଫଳତା ପାଇପାରିବ । ଏହି ରାଜ୍ୟକୁ ଦେଖି ବିଜେପି ଜାତୀୟ ନେତୃତ୍ୱ ରଣନୀତି ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି । ଏହାର ଫାଇଦା ନେବାକୁ ଟିଭିକେ ଏବଂ ବିଜୟ ପ୍ରୟାସ କରୁଛନ୍ତି । କରୁର ଦଳାଚକଟା ପରଠାରୁ ବିଜୟ ମାପିଚୁପି ବୟାନ ଦେଉଛନ୍ତି । ସବୁ ବର୍ଗର ଭୋଟ ହାସଲ କରି ସରକାର ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ତେବେ ହିନ୍ଦୀ ଭାଷାକୁ ନେଇ ଷ୍ଟାଲିନଙ୍କ ଡିଏମକେ ରଣହୁଂକାର ଦେଇଥିବାରୁ ଏହା ତାଙ୍କ ଦଳ ପାଇଁ କେତେ ଲାଭବାନ ହେବ, ତାହା କେବଳ ନିର୍ବାଚନ ଫଳାଫଳରୁ ହିଁ ଜଣାପଡ଼ିବ ।

## କେରଳରେ ଏଲ୍‌ଡିଏଫ୍‌କୁ ବିପଦ

ଈଶ୍ୱରଙ୍କ ନିବାସ ସ୍ଥଳ କେରଳରେ ଦୀର୍ଘ ଦିନ ହେଲା ବାମଦଳ କ୍ଷମତାରେ ରହିଛି । ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଏଠାକାର ସରକାର ପରିବର୍ତ୍ତନ ହୋଇପାରେ । ୧୪୦ ବିଧାନସଭା ଆସନରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଏବଂ ସିପିଏମ୍ ନେତୃତ୍ୱାଦୀନ ଏଲଡିଏଫ୍ ମଧ୍ୟରେ ମୁକାବିଲା ଦେଖିବାକୁ ମିଳିବ । ଦୁର୍ନୀତି ଓ ସୁନା ଚୋରା ଚାଲାଣ ମାମଲାରେ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ ସମସ୍ୟା ବଢ଼ିପାରେ । କେରଳ କଂଗ୍ରେସ ମୁଖ୍ୟ ସନି ଜୋସେଫ ଏବଂ ସାଂସଦ ଶଶୀ ଥରୁରଙ୍କ ରଣନୀତି ରାଜ୍ୟରେ ଦଳକୁ କ୍ଷମତାସୀନ କରିପାରେ । ରାଜ୍ୟରେ ଥରୁରଙ୍କ ଛବି ଭଲ ରହିଛି । ତାଙ୍କୁ ଲୋକେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖୁଛନ୍ତି । କିନ୍ତୁ ଜାତୀୟ ନେତୃତ୍ୱଙ୍କ ସହ ବିବାଦ ଥରୁରଙ୍କ ପାଇଁ ମହଙ୍ଗା ହୋଇପାରେ ।। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ବିଜେପିକୁ କୂଳରେ ଲଗାଇବାକୁ ପ୍ରୟାସ କରୁଛନ୍ତି । ସେ ନୂଆ ଆରମ୍ଭ କରିବାକୁ ଆଶାବାଦୀ ଅଛନ୍ତି ।

# ଅଶାନ୍ତି, ଅସ୍ଥିରତା, ଯୁଦ୍ଧ ଯନ୍ତ୍ରଣା

## ଯୁଦ୍ଧ ଯନ୍ତ୍ରଣାରୁ ମୁକ୍ତି ମିଳିବ ତ?

ବିତି ଯାଉଥିବା ବର୍ଷ ବିଶ୍ୱକୁ ଅନେକ ଯନ୍ତ୍ରଣା ଦେଇଛି । ବିଦ୍ରୋହ, ହିଂସା, ଆତଙ୍କବାଦୀ ଆକ୍ରମଣ, ଯୁଦ୍ଧ ବିଭୀଷିକାରେ ପୃଥିବୀ ତ୍ରାହି ତ୍ରାହି ଡାକ ଦେଇଛି । ନେପାଳ, ଶ୍ରୀଲଙ୍କା, ସିରିଆ, ବାଂଲାଦେଶ ଆଦିରେ ବିଦ୍ରୋହ ହୋଇ ସରକାର ବଦଳି ଯାଇଥିଲା । ଆଠ ଆଠଟି ଯୁଦ୍ଧ ପୃଥିବୀ ମାତାର ବକ୍ଷକୁ ଗଭୀର ଯନ୍ତ୍ରଣା ଦେଇଥିଲା । ଜୀବନକୁ ଅନିଶ୍ଚିତତା ମଧ୍ୟକୁ ଠେଲି ମାନବିକତା ପ୍ରତି ଭୟଙ୍କର ବିପଦ ସୃଷ୍ଟି କରିଥିଲା । କ୍ଷଣିକ ମଧ୍ୟରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବା ପରି ଲାଗିଥିଲା । ଯୁଦ୍ଧର କରାଳ ଛାୟାରେ ଲକ୍ଷ ଲକ୍ଷ ଏକରର ଫସଲ ଉଜୁଡ଼ି ଯାଇଥିଲା । ଖାଇବାକୁ ନ ପାଇ ହଜାର ହଜାର ଲୋକ ପ୍ରାଣ ହରାଇ ଥିଲେ । କାଳକ୍ରମେ ଇସ୍ରାଏଲ-ଇରାନ, ରୱାଣ୍ଡା-କଙ୍ଗୋ, ଥାଇଲାଣ୍ଡ-କାମ୍ବୋଡିଆ, ଆର୍ମେନିଆ-ଆଜରବୈଜାନ, ଇଜିପ୍ଟ-ଇଥିଓପିଆ, ସର୍ବିଆ-କୋସୋଭ ଯୁଦ୍ଧ ବନ୍ଦ ହୋଇ ଯାଇଥିଲା । ମାତ୍ର ଏବେ ବି ଇସ୍ରାଏଲ-ହମାସ ଏବଂ ରୁଷିଆ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଜାରି ରହିଛି । ଦୀର୍ଘ ବର୍ଷ ବିତି ଯାଇଥିଲେ ବି ଏହା ବନ୍ଦ ହୋଇ ନାହିଁ । ୨୦୨୬ରେ ଏହି ଯୁଦ୍ଧରୁ ମୁକ୍ତି ମିଳିବ ତ? ଏହି ପ୍ରଶ୍ନ ସମସ୍ତଙ୍କୁ ଘାରିଛି ।

୨୦୨୨ ଫେବୃଆରୀ ୨୪ରୁ ଆରମ୍ଭ ହୋଇଥିବା ରୁଷ-ୟୁକ୍ରେନ ଯୁଦ୍ଧ ଥମିବାର ନା ଧରୁନି । ଉଭୟ ଦେଶ ପରସ୍ପର ଉପରେ ଭୟଙ୍କର ଆକ୍ରମଣ ଜାରି ରଖିଛନ୍ତି । ଏହି ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୨ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଲେଣି । ଏଥିରେ ୧୫ ହଜାରରୁ ଅଧିକ ସାଧାରଣ ନାଗରିକ ରହିଥିବା ବେଳେ ରୁଷର ଏକ ଲକ୍ଷ ୨୦ ହଜାର ସୈନିକ ଏବଂ ୟୁକ୍ରେନର ୭୦ ହଜାରରୁ ଅଧିକ ସୈନ ପ୍ରାଣ ହରାଇଲେଣି । ଅନେକ ପର୍ଯ୍ୟାୟ ଆଲୋଚନା ସତ୍ତ୍ୱେ ଶାନ୍ତିର ମାର୍ଗ ବାହାରି ପାରିନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ନିଜ ପ୍ରତିଶ୍ରୁତି ବି ପୂରଣ କରିପାରିନାହାନ୍ତି । ସେ ଶପଥ ଗ୍ରହଣର ଦିନକ ଭିତରେ ଯୁଦ୍ଧ ବନ୍ଦ କରିବାରେ ବିଫଳ ହୋଇଛନ୍ତି । ମାତ୍ର ନୋବେଲ ଶାନ୍ତି ପୁରସ୍କାର ଚାହୁଁଥିବା ଟ୍ରମ୍ପ ଏ ଦିଗରେ ପ୍ରୟାସ କରି ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେଁସ୍କି ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଆଲୋଚନା କରିଛନ୍ତି । ଆମେରିକା ଅଧିକାରୀମାନେ ଏହି ଦୁଇ ଦେଶର ଅଧିକାରୀଙ୍କ ସହ ଅନେକ ପର୍ଯ୍ୟାୟ ଆଲୋଚନା ମଧ୍ୟ ଜାରି ରଖିଛନ୍ତି । କିନ୍ତୁ ଯୁଦ୍ଧ ବନ୍ଦ ପାଇଁ ବାଟ ଫିଟୁନି ।

ଇସ୍ରାଏଲ ସୀମାରେ ପଶି ହମାସ ନଙ୍ଗସାହର କରି ୫୦ରୁ ଅଧିକ ନାଗରିକଙ୍କୁ ପଣବନ୍ଦୀ କରିବାରୁ ୨୦୨୩ ଅକ୍ଟୋବର ୭ରେ ଗାଜା ଯୁଦ୍ଧ ଆରମ୍ଭ ହୋଇଥିଲା । ଏହାର ଜବାବ ଦେବାକୁ ଯାଇ ଉଭୟ ଆକାଶ ମାର୍ଗରୁ ଏବଂ ସ୍ଥଳ ଭାଗରୁ ହମାସର ଠିକଣା ଉପରେ ଦୁଇ ବର୍ଷ ହେଲା ବୋମା ଏବଂ କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛି ଇସ୍ରାଏଲ । ଏବେ ଗାଜା ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଛି । ପ୍ରାୟ ୭୩ ହଜାର ଲୋକ ନିହତ ହେଲେଣି । କେବଳ ପାଲେଷ୍ଟାଇନରେ ୭୦ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଲେଣି । ଲକ୍ଷାଧିକ ଲୋକ ଖାଇବାପିଇବାକୁ ନ ପାଇ ଭୋକରେ ଆଉଟ ପାଉଟୁ ହେଉଛନ୍ତି । ଏହି ସଂଘର୍ଷରେ ହମାସର ଅନେକ ମୁଖିଆଙ୍କୁ ଇସ୍ରାଏଲ ହତ୍ୟା କରିଥିଲେ ବି ଯୁଦ୍ଧ ବନ୍ଦ ହୋଇ ନାହିଁ । ଏହି ଯୁଦ୍ଧରେ ହୁତି ବିଦ୍ରୋହୀ ଏବଂ ଇରାନ ପଶି ଥିଲା । ଏହା ସଂଘର୍ଷକୁ ଅଧିକ ଭୟଙ୍କର କରିଥିଲା । ଇସ୍ରାଏଲ ଏକାଥରେ ତିନୋଟି ସାମ୍ମୁଖ୍ୟରୁ ଯୁଦ୍ଧ ଲଢୁଥିଲା । ଅନେକ ପର୍ଯ୍ୟାୟ ଶାନ୍ତି ଆଲୋଚନା ବିଫଳ ହୋଇଥିଲା । ଅସ୍ତ୍ରବିରତି ଆରମ୍ଭ ହେବାର କିଛି ଘଣ୍ଟା ମଧ୍ୟରେ ବନ୍ଦ ହୋଇଯାଇଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ଇସ୍ରାଏଲ ଏବଂ ହମାସ ନରମ ଆଭିମୁଖ୍ୟ ପୋଷଣ କରିଥିଲେ । ଟ୍ରମ୍ପ ପ୍ରଶାସନ ଆଣିଥିବା ୨୪ ସୂତ୍ରୀ ଯୋଜନାକୁ ମାନିବା ପାଇଁ ଦୁଇ ପକ୍ଷ ରାଜି ହୋଇଥିଲେ । ଏହି କ୍ରମରେ ଇସ୍ରାଏଲ ପଣବନ୍ଦୀଙ୍କୁ ହମାସ ଛାଡ଼ିଥିଲା । ଏହା ପ୍ରତି ବଦଳରେ ହମାସ ବନ୍ଦୀଙ୍କୁ ଇସ୍ରାଏଲ ମୁକ୍ତ କରିଥିଲା । ଆସନ୍ତା ବର୍ଷ ଏହି ଯୁଦ୍ଧରେ ସମ୍ପୂର୍ଣ୍ଣ ପୂର୍ଣ୍ଣଛେଦ ପଡ଼ିବ ବୋଲି ଆଶା । ଯୁଦ୍ଧ ବନ୍ଦ ହେବା ପରେ ଆମେରିକା ଏବଂ ଇସ୍ରାଏଲ ଗାଜାରେ ସ୍ମାର୍ଟ ସିଟି ନିର୍ମାଣ କରିବେ । ରେଷ୍ଟୋରାଁ, ହୋଟେଲ, ଦ୍ରୁତ ଟ୍ରେନ ଚଳାଚଳ ଆଦି ପାଇଁ ୯.୩ ଲକ୍ଷ କୋଟି ଟଙ୍କା ବ୍ୟୟ ଧାର୍ଯ୍ୟ କରାଯାଇଛି । ନୂଆ ବର୍ଷ ଉଭୟ ଇସ୍ରାଏଲ ଏବଂ ଗାଜା ପାଇଁ ଶାନ୍ତି ଆଣିବ ବୋଲି ଆଶା କରାଯାଉଛି ।



## ମହାକାଶ ପାଇଁ ମହାସମ୍ଭାବନା



ନୂଆ ବର୍ଷରେ ପ୍ରଯୁକ୍ତିବିଦ୍ୟାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିପାରେ । ଏଆଇର ଦ୍ରୁତ ବିକାଶ ପାଇଁ ନୂଆ ନୂଆ ଉଦ୍ଭାବନା ହୋଇପାରେ । ଚୀନ୍, ଜାପାନ ଏ କ୍ଷେତ୍ରକୁ ଆଗକୁ ବଢ଼ାଇବେ । ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ମଧ୍ୟ ଅନେକ ପରୀକ୍ଷଣ କରିବ । ୨୦୨୬ରେ ଇସ୍ରୋର ୭ଟି ବଡ଼ ଉତ୍କ୍ଷେପଣ ଯୋଜନା ରହିଛି । ଏହା ମଧ୍ୟରେ ମାନବ ମିଶନ, ଉନ୍ନତ ଉପଗ୍ରହ କାର୍ଯ୍ୟକ୍ରମ ଏବଂ ବାଣିଜ୍ୟିକ ଉତ୍କ୍ଷେପଣ ସାମିଲ ରହିଛି । ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରୁ ଫେରିଥିବା ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ମାନବିକ ମିଶନର ନେତୃତ୍ୱ ନେବେ । ଇସ୍ରୋ ଆସନ୍ତା ବର୍ଷରେ ନିଜର ବହୁ ପ୍ରତୀକ୍ଷିତ ମାନବ ମିଶନ ଗଗନଯାନ ଆରମ୍ଭ କରି ରୋବୋଟ ବୋମ୍ୟମିତ୍ରକୁ ମହାକାଶକୁ ପଠାଇବ । ମହାକାଶରେ ମହାକାଶ ଷ୍ଟେସନ ପ୍ରତିଷ୍ଠା ଆରମ୍ଭ କରାଯିବ । ଅର୍ବିଟାଲ ମଡ୍ୟୁଲ ଅପରେସନ (ଓଏମଓ) ପରୀକ୍ଷଣ କରାଯିବ । ଚୀନ୍ ଏବଂ ରୁଷ ଭଳି ଦେଶ ଅନ୍ୟ ଗ୍ରହରୁ ଖଣିଜ ପଦାର୍ଥ ଆଣିବା ପାଇଁ ପ୍ରଯୁକ୍ତିବିଦ୍ୟାର ବିକାଶ କରି ଚାଲିଛନ୍ତି । ଚୀନ୍ ନିଜ ମହାକାଶ ଷ୍ଟେସନରୁ ଏ ଦିଗରେ ଅଧିକ ଗବେଷଣା କରୁଛି ।




## ଅନିଶ୍ଚିତତାରେ ଭାଗ୍ୟ

ଏସିଆରେ ଦେଖା ଦେଇଥିବା ଅସ୍ଥିରତା ମଧ୍ୟରେ ଭାରତର ପଡୋଶୀ ରାଷ୍ଟ୍ର ବାଂଲାଦେଶରେ ନିର୍ବାଚନ ପ ।।ରେ ନୂଆ ସରକାର ଗଠନ ହେବ । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପାଇଁ ଅଡୁଆ ବଢ଼ିପାରେ । । ତାଙ୍କ ଦଳକୁ ବି ନିଷିଦ୍ଧ କରାଯାଇଛି । ତେଣୁ ନିର୍ବାଚନରେ ଖାଲେଦା ଜିଆଙ୍କ ବାଂଲାଦେଶ ନେସନାଲ ପାର୍ଟି, ଜମିୟତ, ଇନକିଲାବ ମଞ୍ଚ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । କିନ୍ତୁ ଫେବୃଆରୀ ୧୨ରେ ହେବାକୁ ଥିବା ନିର୍ବାଚନ ଘୁଞ୍ଚାଇବା ପାଇଁ କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଷଡ଼ଯନ୍ତ୍ର କରିଛନ୍ତି । ଏପରି ସ୍ଥଳେ ନିର୍ବାଚନକୁ ନେଇ ଅନିଶ୍ଚିତତା ଲାଗି ରହିଛି । ପାକିସ୍ତାନରେ କ୍ଷମତା ପୁଣି ସେନା ନିୟନ୍ତ୍ରଣରେ ରହିପାରେ । କାରଣ ଏବେ ନିର୍ବାଚନ ହେବାର ନାହିଁ କି ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଜେଲ୍‌ରୁ ବାହାରିବାର ସମ୍ଭାବନା ନାହିଁ । ସେହିପରି ଦୀର୍ଘ ଦିନ ହେଲା ସେନା ନିୟନ୍ତ୍ରଣରେ ଥିବା ମିଆଁମାରରେ ମଧ୍ୟ ସାଧାରଣ ନିର୍ବାଚନ ହେବାର ଅଛି । ୨୦୨୫ରେ ବର୍ଷ ସାରା ଚର୍ଚ୍ଚାରେ ଥିବା ହସିନା, ଇମ୍ରାନ ଓ ୟୁନୁସଙ୍କ ଭାଗ୍ୟ ଏବେ ବି ଅନିଶ୍ଚିତତାରେ ରହିଛି । ନୂଆବର୍ଷରେ ସେମାନଙ୍କ ପାଇଁ ନୂଆ ଆଶା କିଛି ଦେଖାଯାଉନି ।

ସେହିଭଳି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚା ଜାରି ରହିଛି । ଟ୍ରମ୍ପ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଲେ ଆମେରିକା ।।ରେ କ୍ଷମତା କେନ୍ଦ୍ର ପରିବର୍ତ୍ତନ ।।ହେବ । ୟୁକ୍ରେନ ସହ ଯୁଦ୍ଧ ବନ୍ଦ ହୋଇଗଲେ ବିଶ୍ୱରେ ରୁଷ ରାଷ୍ଟ୍ରପତି ପୁତିନଙ୍କ ପ୍ରଭାବ ବଢ଼ିବ ।। ମାତ୍ର ଦୁର୍ନୀତି ଅଭିଯୋଗରେ ଫସିଥିବା ୟୁକ୍ରେନ ରାଷ୍ଟ୍ରପତି ଜେଲେଂସ୍କିଙ୍କ ସମସ୍ୟା ବୃଦ୍ଧି ପାଇପାରେ ।

# ଆହୁରି ଅଥୟ ହେବ ପୃଥିବୀ



ଅତୀତ ପାଲଟୁ ଥିବା ୨୦୨୫ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ର କୃତ୍ରିମ ବୁଦ୍ଧିରେ ଦ୍ରୁତ ବିକାଶ ଦେଖିଛି । ଏଆଇର ସୁଦୂରପ୍ରସାରୀ ପ୍ରଭାବରେ ମନୁଷ୍ୟ ପ୍ରଭାବିତ ହେଉଥିବା ବେଳେ ପ୍ରକୃତିର କୋପ ଦୁନିଆକୁ ଗିଳିବାରେ ଲାଗିଛି । ବିକାଶ ନାମରେ ମଣିଷ ପ୍ରକୃତି ସହ ଖେଳି ଚାଲିଛି । ଖଣି ଖାଦାନ ପାଇଁ ଅବାଧ ଜଙ୍ଗଲ ନଷ୍ଟ କରି ଚାଲିଛି । ଅଙ୍ଗରକାମ୍ଳ ଛାଡ଼ି ପରିବେଶ ବିଗାଡ଼ି ଦେଉଛି । ନିଜର ଦୋହନ ଦେଖି ପ୍ରକୃତି ଥରି ଉଠୁଛି । କେଉଁଠି ଭୂକମ୍ପ ଆଳରେ ତ ଆଉ କେଉଁଠି ପ୍ରବଳ ବର୍ଷା, ଖରା ଏବଂ ଶୀତରେ ଶତାଧିକ ଜୀବନ ନେଇଛି । ୨୦୨୫ରେ ପାଣିପାଗ ଜନିତ ଏଭଳି ଚରମ ବ୍ୟତିକ୍ରମ ବିଶ୍ୱରେ ଲକ୍ଷେରୁ ଅଧିକ ଲୋକଙ୍କ ଜୀବନ ନେଇଛି । ୨୦୨୬ରେ ଏହା ବିକଟାଳ ରୂପ ଧାରଣ କରିବ । ଆରବ ମରୁଭୂମିରେ ବରଫପାତ, ଅଦିନିଆ ବନ୍ୟା, ୧୦ ହଜାର ବର୍ଷ ପରେ ଆଗ୍ନେୟଗିରିରେ ବିସ୍ଫୋରଣ: ଇ ।।ଣ୍ଡୋନେସିଆରେ ୩୦ ଦିନରେ ୧୪୦୦ ଭୂମିକଂପ ଏହାର ପ୍ରମାଣ ।


୨୦୨୫ ।।ରେ ପ୍ରକୃତି ଭୟଙ୍କର ରୂପ ଧାରଣ କରି ମନୁଷ୍ୟଠାରୁ ପ୍ରତିଶୋଧ ନେବା ଆରମ୍ଭ କରିଛି । ସାରା ବର୍ଷ କେଉଁଠି ନା କେଉଁଠି ଦୁର୍ବିପାକ ଲାଗି ରହିଥିଲା । ବର୍ଷ ଶେଷ ବେଳକୁ ନଭେମ୍ବରରେ ଝଡ଼ବାତ୍ୟା ସେନୟାର ଇଣ୍ଡୋନେସିଆରେ ୧୧୦୦ରୁ ଅଧିକ ଜୀବନ ନେଇଥିଲା । ବାତ୍ୟା ଫଙ୍ଗୱଙ୍ଗ ଯୋଗୁଁ ଥାଇଲାଣ୍ଡ ଏବଂ ମାଲେସିଆରେ ୬୦୦ରୁ ଅଧିକ ପ୍ରାଣ ହରାଇ ଥିଲେ । ଜାନୁଆରୀରେ ଦକ୍ଷିଣ କାଲିଫର୍ଣ୍ଣିଆରେ ଜଙ୍ଗଲ ନିଆଁ ସହରକୁ ଜାଳିପୋଡ଼ି ପାଉଁଶ କରି ଦେଇଥିଲା । ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୟୁରୋପରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହୋଇଥିଲା । ଏଥିରେ ୧୬,୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ଜୁନ୍-ସେପ୍ଟେମ୍ବର ମଧ୍ୟରେ ପାକିସ୍ତାନରେ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ୧୦୫୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିଲେ । ଶ୍ରୀଲଙ୍କାରେ ବାତ୍ୟା ଦିତୱା ୬୫୦ରୁ ଅଧିକ ଜୀବନ ନେଇଥିଲା । ଏସବୁ ଜଳବାୟୁ ପରିବର୍ତ୍ତନର କରୁଣ ପରିଣତି ଥିଲା । ଏଥିଯୋଗୁଁ ଯେ ଋତୁ ଚକ୍ର ପରିବର୍ତ୍ତନ ହେଉଛି ତାହା ନୁହେଁ, ବରଂ ପ୍ରଚଣ୍ଡ ଖରା, ଶୀତ ଏବଂ ବର୍ଷା ଜୀବନହାନିର କାରଣ ପାଲଟି ଯାଉଛି । ଭାରତ ମଧ୍ୟ ଏହି ଦାଉରୁ ମୁକୁଳି ପାରି ନ ଥିଲା । କିସ୍ତୱାରେ ବାଦଲଫଟା ବର୍ଷା ଯୋଗୁଁ ୬୮ ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୨୬ରେ ମଧ୍ୟ ଏହି ଧାରା ଜାରି ରହିବ । ଆସନ୍ତା ବର୍ଷକୁ ପ୍ରାକୃତିକ ବିପର୍ଯ୍ୟୟର ବର୍ଷ କୁହାଯାଉଛି । ଏହି ଅବଧିରେ ଭୂକମ୍ପ, ବନ୍ୟା, ବାତ୍ୟା, ଆଗ୍ନେୟଗିରି ବିସ୍ଫୋରଣ, ପାଣିପାଗରେ ଚରମ ପରିବର୍ତ୍ତନ ଦେଖାଦେବ ବୋଲି ବିଶେଷଜ୍ଞମାନେ କହିଛନ୍ତି । ଏହା ଭାରତ, ଆମେରିକା, ୟୁରୋପୀୟ ରାଷ୍ଟ୍ରମାନଙ୍କୁ ପ୍ରଭାବିତ କରିବ । ଭବିଷ୍ୟ ମାଳିକା, ନୋଷ୍ଟ୍ରାଡମସ ଏବଂ ବାବା ଭେଙ୍ଗା ମଧ୍ୟ ଏ ନେଇ ଭବିଷ୍ୟବାଣୀ କରିଛନ୍ତି । ନୂଆ ବର୍ଷ ପାଇଁ ଲୋକେ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଏଭଳି ଭବିଷ୍ୟବାଣୀ ମନୁଷ୍ୟ ମନରେ ଭୟ ସୃଷ୍ଟି କରିଛି । ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ଅନୁଯାୟୀ, ଚରମ ପାଣିପାଗ ଜନିତ ସ୍ଥିତି ଯୋଗୁଁ ଭୟଙ୍କର ବିପର୍ଯ୍ୟୟ ସୃଷ୍ଟି ହେବ । ଏଥିରେ ଅନେକ ଜୀବନହାନୀ ଘଟିବ ।

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

■ ୧୯ ବର୍ଷରୁ କମ୍ ବିଶ୍ୱକପ୍


## ମାହାତ୍ରେ ଭାରତର ଅଧିନାୟକ



ମୁମ୍ବଇ,୨୭।୧୨(ଏଜେନ୍ସି): ଓପନର ଆୟୁଷ ମାହାତ୍ରେଙ୍କୁ ଆସନ୍ତାବର୍ଷ ଜିମ୍ବାୱେ ଓ ନାମିବ୍ୟାରେ ଖେଳାଯିବାକୁ ଥିବା ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ ଲାଗି ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି। ବିହାନ ମାଲହୋତ୍ରାଙ୍କୁ ତାଙ୍କ ଡେପୁଟି ଭାବେ ଚୟନ କରାଯାଇଛି। ଉଭୟ ଖେଳାଳି ଆହତ ହୋଇଥିବାରୁ ଦକ୍ଷିଣ ଆଫ୍ରିକା ସହ ଜାନୁଆରୀ ୩, ୫ ଓ ୭ରେ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଛି। ଏହି ସିରିଜ୍ ଲାଗି ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଆରୋନ ଜର୍ଜ ଉପଅଧିନାୟକ ମନୋନୀତ ହୋଇଛନ୍ତି। ବିଶ୍ୱକପ୍ ଲାଗି ମନୋନୀତ ଦଳରୁ ଆୟୁଷ ଓ ବିହାନଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକା ସିରିଜ୍ ଲାଗି ଯୁବରାଜ ଗୋହିଲ ଓ ରାହୁଲ କୁମାରଙ୍କୁ ସାମିଲ କରାଯାଇଛି। ବିଶ୍ୱକପ୍‌ରେ ଜାନୁଆରୀ ୧୫ରେ ଆମେରିକା ସହ ଖେଳି ଭାରତ ତାହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଏହା ପରେ ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ସହ ଦଳ ଲିଗ୍ ମ୍ୟାଚ୍ ଖେଳିବ। ଭାରତ ବିଶ୍ୱକପ୍‌ରେ ସର୍ବାଧିକ ୫ଥର ଚାମ୍ପିଅନ ହୋଇଛି।

**ବିଶ୍ୱକପ୍ ଦଳ** : ଆୟୂଷ ମାହାତ୍ରେ (ଅଧିନାୟକ), ବିହାନ ମାଲହୋତ୍ରା (ଉପଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଆରୋନ ଜର୍ଜ, ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ (ୱିକେଟରକ୍ଷକ), ହରବଂଶ ସିଂହ, ଆର୍‌ଏସ୍ ଅମ୍ବରୀଶ, କନିସ୍କ ଚୋହାନ, ଖୀଲନ ଏ ପଟେଲ, ମହମ୍ମଦ୍ ଏନାନ୍, ହେନିଲ ପଟେଲ, ଡି ଦୀପେଶ, କିଶନ କୁମାର ସିଂ ଓ ଉଧବ ମୋହନ।

## ହୃଦ୍‌ଘାତରେ ଟଳିପଡ଼ିଲେ କୋଚ୍



ଢାକା, ୨୭।୧୨ (ଏଜେନ୍ସି): ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍) ଦ୍ୱାଦଶ ସଂସ୍କରଣର ଦ୍ୱିତୀୟ ଦିନରେ ଶନିବାର ଏକ ବଡ଼ ଅଘଟଣ ଘଟିଯାଇଛି। ରାଜସାହି ୱାରିୟର୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ଢାକା କ୍ୟାପିଟାଲ୍ସର ସହାୟକ କୋଚ୍ ମହବୁବ୍ ଅଲି ଜାକି ହୃଦଘାତରେ ପଡ଼ିଆ ଭିତରେ ପ୍ରାଣ ହରାଇଛନ୍ତି। ସିଲହେଟ୍ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଅପରାହ୍ଣ ୧ଟାରେ ଏହି ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ପଡ଼ିଆ ମଧ୍ୟରେ ଏହି ଅଘଟଣ ଘଟିଥିଲା। ଢାକା କ୍ୟାପିଟାଲ୍ସର ମେଡିକାଲ ଷ୍ଟାଫ୍ ତୁରନ୍ତ ୫୯ ବର୍ଷୀୟ ଜାକିଙ୍କ ନିକଟକୁ ଆସି ସିପିଆର୍ ଦେଇଥିଲେ। ଏହାପରେ ତାଙ୍କୁ ଆମ୍ବୁଲାନ୍ସରେ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ଜାକିଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମ୍ୟାଚ୍ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆରମ୍ଭ ହୋଇଥିଲା। ଏଥିରେ ଢାକା ୫ ୱିକେଟ୍‌ରେ ୱାରିୟର୍ସଙ୍କୁ ପରାସ୍ତ କରିଥିଲା। ମ୍ୟାଚ୍ ପୂର୍ବରୁ ଦୁଇ ଦଳର ଖେଳାଳିମାନେ ନୀରବ ପ୍ରାର୍ଥନା କରିଥିଲେ। ଜାକି ଦ୍ରୁତ ବୋଲିଂ କୋଚ୍ ଭାବେ ପରିଚିତ ଥିଲେ। ୨୦୧୬ ଟି-୨୦ ବିଶ୍ୱକପ୍‌ରେ ତାସକିନ ଅହମ୍ମଦଙ୍କ ବୋଲିଂ ଶୈଳୀ ସନ୍ଦେହ ଘେରକୁ ଆସିଥିବାବେଳେ ଜାକି ଏହାକୁ ସୁଧାରିବାରେ ସହାୟତା କରିଥିଲେ।

### ମେଲବୋର୍ଣ୍ଣ ଲଢ଼େଇ ଦୁଇ ଦିନରେ ଶେଷ

# ୧୫ ବର୍ଷ ପରେ ଅଷ୍ଟ୍ରେଲିଆକୁ ହରାଇଲା ଇଂଲଣ୍ଡ

ମେଲବୋର୍ଣ୍ଣ,୨୭।୧୨(ଏଜେନ୍ସି)

ପାଖାପାଖି ୧୫ ବର୍ଷ ବା ୫୪୬୮ ଦିନର ନିରାଶା ପରେ ଅଷ୍ଟ୍ରେଲିଆ ମାଟିରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଐତିହାସିକ ଟେଷ୍ଟ ବିଜୟ ହାସଲ କରିଛି। ଦୀର୍ଘ ୧୬ ପରାଜୟ, ୨ ଡ୍ର ଓ ଚତୁର୍ଥ ଆସେସ ଟୁର୍‌ରେ ଇଂଲଣ୍ଡକୁ ଏହି ସ୍ମରଣୀୟ ବିଜୟ ମିଳିଛି। ଅଷ୍ଟ୍ରେଲିଆ ମାଟିରେ ଇଂଲଣ୍ଡ ଶେଷଥର ୨୦୧୧ ଜାନୁଆରୀରେ ଅନୁଷ୍ଠିତ ସିଡ୍‌ନୀ ଟେଷ୍ଟରେ ବିଜୟୀ ହୋଇଥିଲା। ଚଳିତ ଆସେସ ଟେଷ୍ଟ ସିରିଜ୍‌ର ଏଠାରେ ଅନୁଷ୍ଠିତ ଚତୁର୍ଥ ମ୍ୟାଚ୍ ମାତ୍ର ୨ ଦିନରେ ଶେଷ ହୋଇଛି। ପୂର୍ବରୁ ପର୍ଥରେ ଖେଳାଯାଇଥିବା ମ୍ୟାଚ୍ ମଧ୍ୟ ୨ ଦିନରେ ଶେଷ ହୋଇଥିଲା। ଫାଷ୍ଟ ବୋଲରଙ୍କ କବ୍‌ଜାରେ ଥିବା ମେଲବୋର୍ଣ୍ଣ ଟେଷ୍ଟରେ ଦମ୍‌ଦାର ଓ ସାହସିକ ଖେଳ ପ୍ରଦର୍ଶନ କରି ଇଂଲଣ୍ଡ ଏହି ମୁକାବିଲାକୁ ୪ ୱିକେଟରେ ଜିତିନେଇଛି। ଏହା ଫଳରେ ପ୍ରଥମ ୩ଟି ମ୍ୟାଚ୍‌କୁ ଏକତରଫା ଭାବେ ଜିତିନେଇଥିବା ଅଷ୍ଟ୍ରେଲିଆ ସିରିଜ୍‌ରେ ୩-୧ରେ ଆଗୁଆ ରହିଛି। ଅବସର ନେବାକୁ ଚିନ୍ତାକରୁଥିବା ଇଂଲଣ୍ଡର ଫାଷ୍ଟ ବୋଲର ଜୋଶ ଟଙ୍ଗ୍ ଏହି ମ୍ୟାଚ୍‌ରେ ୭ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୪୨ ରନ୍‌ରେ ଆଗୁଆ ଥିବା ଘରୋଇ ଅଷ୍ଟ୍ରେଲିଆ ଦଳ ପ୍ରତିପକ୍ଷ ଇଂଲଣ୍ଡ ଫାଷ୍ଟ ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ଦ୍ୱିତୀୟ ଇନିଂସରେ ୩୪.୩ ଓଭରରେ ମାତ୍ର ୧୩୨ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଟ୍ରାଭିସ୍ ହେଡ୍ ସର୍ବାଧିକ ୪୬, ଷ୍ଟିଭେନ୍ ସ୍ମିଥ୍ ଅପରାଜିତ ୨୪ ଓ କାମେରନ ଗ୍ରୀନ୍ ୧୯ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ।





ଅନ୍ୟ ବୋଲରଙ୍କ ଅପେକ୍ଷା ପିଚ୍‌ରୁ ଅଧିକ ସହାୟତା ପାଇଥିବା ବ୍ରାଇଡନ କାର୍ସ ସର୍ବାଧିକ ୪ଟି, ବେନ୍ ଷ୍ଟୋକ୍ସ ୩ଟି ଓ ଟଙ୍ଗ୍ ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହା ଫଳରେ ଚତୁର୍ଥ ଆସେସ୍ ଟେଷ୍ଟ ଜିତିବାକୁ ଇଂଲଣ୍ଡ ଆଗରେ ୧୭୫ ରନ୍‌ର ଟାର୍ଗେଟ ରହିଥିଲା। ଏହି ଟାର୍ଗେଟକୁ ପିଛା କରି ଇଂଲଣ୍ଡର ଦୁଇ ଓପନର ପ୍ରଥମ ୱିକେଟରୁ ୭ ଓଭରରେ ୫୧ ରନ୍ ଉଠାଇଥିଲେ। ଚଳିତ ଆସେସ୍ ସିରିଜ୍‌ରେ ଇଂଲଣ୍ଡ ଖେଳିଥିବା ୮ମ ଇନିଂସରେ ଏହା ଥିଲା ସର୍ବାଧିକ ଓପନିଂ ପାର୍ଟନରସିପ୍। ୩୫ ବର୍ଷୀୟ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଇଂଲଣ୍ଡ ଓପନର ବେନ୍ ଡକେଟ (୨୬ବଲ୍‌ରେ ୩୪ରନ୍)ଙ୍କୁ ବୋଲ୍ଡ କରି ଏହି ପାର୍ଟନରସିପ୍ ଭାଙ୍ଗିଦେଇଥିଲେ। ଏହା ପରେ ବ୍ରାଇଡନ କାର୍ସ ୬ ଓ ପରେ ୩୬ ବର୍ଷୀୟ ଫାଷ୍ଟ ବୋଲର ସ୍କଟ୍ ବୋଲାଣ୍ଡଙ୍କ ଦ୍ୱାରା ୩୭ ରନ୍ କରିଥିବା ଜ୍ୟାକ୍ କ୍ରଲୀ ଆଉଟ ହୋଇଥିଲେ। ୧୧୨ ରନ୍‌ରେ ୩ଟି ୱିକେଟ ହରାଇବା ପରେ ଦମ୍‌ଦାର ବ୍ୟାଟିଂ କରୁଥିବା ଯୁବ ଖେଳାଳି ଜ୍ୟାକବ ବେଥେଲ ସର୍ବାଧିକ ୪୦ ରନ୍ କରି ପାଭିଲିଅନ ଫେରିଥିଲେ। ଜୋ ରୁଟ୍ ୩୮ ବଲ୍‌ରେ ୧୫ ରନର ଏକ କ୍ଷୁଦ୍ର ତଥା ଏହି ଟେଷ୍ଟ ଲାଗି ମାରାଥନ ଇନିଂସ ଖେଳିଥିଲେ। ପ୍ରଥମ ଇନିଂସରେ ୪୧ ରନ୍ କରିଥିବା ହ୍ୟାରୀ ବ୍ରୁକ୍ ୨୨ ବଲ୍‌ରୁ ୧୮ ରନ୍ କରିବା ସହ ଚୌକା ମାରି ଦଳକୁ ଏହି ସ୍ମରଣୀୟ ବିଜୟ ଭେଟିଦେଇଥିଲେ। ଇଂଲଣ୍ଡ ୩୨.୨ ଓଭରରେ ୬ ୱିକେଟ ହରାଇ ୧୭୮ ରନ୍ କରିବା ସହ ମ୍ୟାଚ୍ ଜିତିନେଇଥିଲା। ଷ୍ଟାଡିୟମ୍‌ରେ ଉପସ୍ଥିତ ଥିବା ୯୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଇଂଲଣ୍ଡର ଏହି ବିଜୟକୁ ତାଳି ମାରି ସ୍ୱାଗତ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ, ଝାଇ ରିଚାର୍ଡସନ ଓ ସ୍କଟ ବୋଲାଣ୍ଡ ୨ଟି ଲେଖାଏଁ ୱିକେଟ ନେଇଥିଲେ ମଧ୍ୟ ଏଭଳି ପିଚ୍‌ରେ ଉତ୍ସାହୀ ଇଂଲଣ୍ଡ ବ୍ୟାଟରଙ୍କୁ ନିୟନ୍ତ୍ରିତ କରିପାରି ନଥିଲେ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ**: ୧୫୨/୧୦, ୪୫.୨ ଓଭର (ନେସର-୩୫, ଖୱାଜା-୨୯, ଟଙ୍ଗ୍-୫/୪୫, ଆଟକିନସନ-୨/୨୮)।
**ଇଂଲଣ୍ଡ ପ୍ରଥମ ଇନିଂସ**: ୧୧୦/୧୦, ୨୯.୫ ଓଭର (ବ୍ରୁକ୍-୪୧, ଆଟକିନସନ-୨୮, ନେସର-୪/୪୫, ବୋଲାଣ୍ଡ-୩/୩୦, ଷ୍ଟାର୍କ-୨/୨୩)।
**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ**: ୧୩୨/୧୦, ୩୪.୩ ଓଭର (ହେଡ୍-୪୬, ସ୍ମିଥ୍-ଅପରାଜିତ ୨୪, କାର୍ସ-୪/୩୪, ଷ୍ଟୋକ୍ସ-୩/୨୪, ଟଙ୍ଗ୍-୨/୪୪)।
**ଇଂଲଣ୍ଡ ଦ୍ୱିତୀୟ ଇନିଂସ**: ୧୭୮/୬, ୩୨.୨ ଓଭର (ବେଥେଲ-୪୦, କ୍ରଲୀ-୩୭, ଡକେଟ-୩୪,ରିଚାର୍ଡସନ-୨/୨୨, ବୋଲାଣ୍ଡ-୨/୨୯, ଷ୍ଟାର୍କ-୨/୫୫)।

## ଆଜିଠୁ ମହିଳା ଏଚ୍‌ଆଇଏଲ୍

ରାଞ୍ଚି, ୨୭।୧୨ (ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଦ୍ୱିତୀୟ ସଂସ୍କରଣ ରବିବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ସଂସ୍କରଣ ଭଳି ଏଥର ମଧ୍ୟ ୪ଟି ଦଳକୁ ନେଇ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଗତ ସଂସ୍କରଣ ରନର୍ସଅପ୍ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ, ଶ୍ରାଚି ବେଙ୍ଗଲ ଟାଇଗର୍ସ, ଏସ୍‌ଜି ପାଇପର୍ସ ଓ ନବାଗତ ଦଳ ରାଞ୍ଚି ରୟାଲ୍ସ ମଧ୍ୟରେ ଟ୍ରଫି ପାଇଁ ଏଥର ଲଢ଼େଇ ହେବ। ଡିଫେଣ୍ଡିଂ ଚାମ୍ପିଅନ ତଥା ପ୍ରଥମ ସଂସ୍କରଣ ଚାମ୍ପିଅନ ଓଡ଼ିଶା ୱାରିୟର୍ସ ଚଳିତ ସଂସ୍କରଣ ପୂର୍ବରୁ ଓହରିଯାଇଥିଲା। ତେଣୁ ଏହା ସ୍ଥାନରେ ନୂତନ ଦଳ ଭାବେ ରାଞ୍ଚି ଏଥର ଖେଳିବ। ଘରୋଇ ରାଞ୍ଚି ଓ ଏସ୍‌ଜି ପାଇପର୍ସ ମଧ୍ୟରେ ରବିବାର ରାତି ୭ଟା ୩୦ରେ ଉଦ୍‌ଘାଟନୀ ଲଢ଼େଇ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ବିପକ୍ଷରେ ୨ଥର ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଟେବଲର ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଜାନୁଆରୀ ୧୦ରେ ଫାଇନାଲ ଲଢ଼େଇ ହେବ। ସମସ୍ତ ମ୍ୟାଚ୍ ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ୍ ସିଂ ଷ୍ଟାଡିୟମରେ ଖେଳାଯିବ। ସୋନି ସ୍ପୋର୍ଟ୍ସ ନେଟୱର୍କରେ ସମସ୍ତ ମ୍ୟାଚର ସିଧାପ୍ରସାରଣ ହେବ।

**ଶ୍ରୀଲଙ୍କା ବିପକ୍ଷ ମହିଳା ଟି-୨୦ ସିରିଜ୍**

## ଚତୁର୍ଥ ବିଜୟ ଲକ୍ଷ୍ୟରେ ଭାରତ

ତିରୁଅନନ୍ତପୁରମ,୨୭।୧୨(ଏଜେନ୍ସି): ଏଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ଟି-୨୦ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍ ଜିତି ଭାରତ ୨ଟି ମ୍ୟାଚ୍ ଆଗରୁ ସିରିଜ୍ କବ୍‌ଜା କରିନେଇଛି। ପ୍ରତ୍ୟେକ ମ୍ୟାଚ୍‌ରେ ଭାରତର ପ୍ରଭାବୀ ଖେଳ ଆଗରେ ହାର୍ ମାନିଛି ଶ୍ରୀଲଙ୍କା। ଦିନିକିଆ ବିଶ୍ୱଚାମ୍ପିଅନ ଭାରତ ସମସ୍ତ ବିଭାଗରେ ଦମ୍‌ଦାର ଖେଳ ପ୍ରଦର୍ଶନ କରିଛି। ଉଭୟ ଦଳ ମଧ୍ୟରେ ଦକ୍ଷତା ଦୃଷ୍ଟିରୁ ଆକାଶ ପାତାଳ ଫରକ ରହିଛି। ଏଭଳି ସ୍ଥିତିରେ ଭାରତର ମୁକାବିଲା କରିବା ନୂଆ ଖେଳାଳିମାନଙ୍କୁ ନେଇ ଗଠିତ ଶ୍ରୀଲଙ୍କା ଦଳ ପକ୍ଷେ କଷ୍ଟକର। ଅଭିଜ୍ଞ ଅଧିନାୟିକା ଚାମରି ଆଟାପାଟୁ ଭାରତୀୟ ବୋଲରଙ୍କ ସମ୍ମୁଖରେ ତିଷ୍ଠିପାରୁ ନାହାନ୍ତି। ହାସିନି ପରେରା ଭଲ ଆରମ୍ଭ ଦେଉଥିଲେ ମଧ୍ୟ ଅନ୍ୟମାନଙ୍କ ସହ ବେଶି ସମୟ କ୍ରିଜ୍‌ରେ ତିଷ୍ଠିରହିବାରେ ଅସମର୍ଥ ହେଉଛନ୍ତି।

ଭାରତ ଶାଣିତ ବୋଲିଂ ଆଗରେ ଶ୍ରୀଲଙ୍କାର ବ୍ୟାଟିଂ ନିଷ୍ପ୍ରଭ ହୋଇଯାଇଛି। ରେଣୁକା ସିଂ ଠାକୁର ଓ ଅନ୍ୟ ଯୁବ ଫାଷ୍ଟ ବୋଲର ବେଶ ପ୍ରଭାବଶାଳୀ ପ୍ରଦର୍ଶନ କରୁଛନ୍ତି। ସ୍ପିନର ଶ୍ରୀ ଚରଣି, ଦୀପ୍ତି ଶର୍ମା, ନବାଗତ ବୈଭବୀ ଶର୍ମାଙ୍କ ସମ୍ମୁଖରେ ଶ୍ରୀଲଙ୍କା ବ୍ୟାଟିଂ ଫେଲ ମାରିଛି। ଭାରତର ଟପ୍ ଅର୍ଡରରେ ସ୍ମୃତି ମନ୍ଧାନା ବଡ ସ୍କୋର କରିନାହାନ୍ତି। କିନ୍ତୁ ତାଙ୍କ ପାର୍ଟନର ଶେଫାଳି ବର୍ମା ଦୁଇଟି ବଡ଼ ଇନିଂସ ଖେଳି ଶ୍ରୀଲଙ୍କା ଲାଗି ଦୁଃସ୍ୱପ୍ନ ପାଲଟିଯାଇଛନ୍ତି। ଜେମିମା ରୋଡ୍ରିଗ୍ସେଜ୍ ପ୍ରଥମ ମ୍ୟାଚ୍‌ରେ ବଡ଼ ଇନିଂସ ଖେଳିଥିଲେ। ଏହି ୩ଟି ଦମ୍‌ଦାର ଇନିଂରେ ଭାରତ ସହଜ ବିଜୟ ହାସଲ କରିଛି। ଆସନ୍ତାକାଲି ମଧ୍ୟ ଦଳ ମ୍ୟାଚ୍ ଜିତିବ ବୋଲି ଆଶା କରାଯାଉଛି।

## ୧୦୦୦ ରନ ଓ ୧୫୦ ୱିକେଟ: ବିରଳ କ୍ଲବ୍‌ରେ ଦୀପ୍ତି



ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ଅଭିଜ୍ଞ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ୧୦୦୦ ରନ ସଂଗ୍ରହ କରିବା ଓ ୧୫୦ ୱିକେଟ୍ ନେବାରେ ଦୀପ୍ତି ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ଏପରିକି କୌଣସି ପୁରୁଷ କ୍ରିକେଟର୍ ମଧ୍ୟ ଏହି ସଫଳତା ଆଜି ପର୍ଯ୍ୟନ୍ତ ପାଇ ନାହାନ୍ତି। ଶ୍ରୀଲଙ୍କା ବିପକ୍ଷରେ ଶୁକ୍ରବାର ଖେଳାଯାଇଥିବା ୩ୟ ଟି-୨୦ ଅବସରରେ ଦୀପ୍ତି ଏହି କୀର୍ତ୍ତିମାନ ହାସଲ କରିଥିଲେ। ଏହି ମ୍ୟାଚରେ ଦୀପ୍ତି ୪ ଓଭର ବୋଲିଂ କରି ୧୮ ରନ ବ୍ୟୟରେ ୩ଟି ୱିକେଟ୍ ନେଇଥିଲେ। ଫଳରେ ଅନ୍ତର୍ଜାତୀୟ ଟି-୨୦ରେ ତାଙ୍କ ୱିକେଟ୍ ସଂଖ୍ୟା ୧୫୧ରେ ପହଞ୍ଚିଥିଲା। ୧୩୧ତମ ମ୍ୟାଚ୍ ଖେଳିବା ଅବସରରେ ଦୀପ୍ତି ଏହି ସଫଳତା ପାଇଥିଲେ। ସେହିଭଳି ଟି-୨୦ କ୍ରିକେଟ୍‌ରେ ଦୀପ୍ତିଙ୍କ ନାମରେ ୧୧୦୦ ରନ ମଧ୍ୟ ଲିପିବଦ୍ଧ ରହିଛି। ଟି-୨୦ କ୍ରିକେଟ୍‌ର ବୋଲିଂ ତାଲିକାରେ ଦୀପ୍ତି ବର୍ତ୍ତମାନ ଏକ ନମ୍ବର ସ୍ଥାନରେ ରହିଛନ୍ତି।

## ୭ ବର୍ଷ ହେଲା ଅମ୍ପାୟାରଙ୍କ ମ୍ୟାଚ୍ ଫି’ ବଢ଼ିନାହିଁ

ନୂଆଦିଲ୍ଲୀ,୨୭।୧୨(ଏଜେନ୍ସି): କ୍ରିକେଟ ଖେଳରେ ଅମ୍ପାୟାରଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଟେକ୍ନୋଲୋଜିର ବିକାଶ ପରେ ଏବେ ଅମ୍ପାୟାରଙ୍କୁ ନିଷ୍ପତ୍ତି ନେବା ଯେମିତି ସହଜ ହୋଇଛି, ସେହିପରି ସେମାନଙ୍କୁ ନିର୍ଭୁଲ ଖେଳପରିଚାଳନା ଏକ ଚ୍ୟାଲେଞ୍ଜ ହୋଇଛି। ଏପରି ସ୍ଥଳେ ଗତ ୭ ବର୍ଷ ହେଲା ଅର୍ଥାତ୍ ୨୦୧୮ ରୁ ଭାରତରେ ମ୍ୟାଚ୍ ପରିଚାଳନା କରୁଥିବା ଅମ୍ପାୟାରଙ୍କ ମ୍ୟାଚ୍ ଫି’ ବଢ଼ିନାହିଁ। ଅମ୍ପାୟାରଙ୍କ କାର୍ଯ୍ୟକୁ ‘ଥ୍ୟାଙ୍କ୍‌ଲେସ୍ ଜବ୍’ ଭାବେ ବିବେଚନା କରାଯାଉଥିଲେ ମଧ୍ୟ ଭାରତୀୟ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ସେମାନଙ୍କ ମ୍ୟାଚ୍ ଫି ବଢ଼ାଉନାହିଁ। ଏ ସମ୍ପର୍କରେ ନିକଟରେ ବସିଥିବା ବିସିସିଆଇ ଆପେକ୍ସ କାଉନ୍ସିଲ ବୈଠକରେ ଆଲୋଚନା ହୋଇଥିଲା। କିନ୍ତୁ ମହିଳାଙ୍କ ମ୍ୟାଚ୍ ଫି ବୃଦ୍ଧି ଉପରେ କେବଳ ମୋହର ବାଜିଥିଲା। ଅମ୍ପାୟାର କମିଟି ମ୍ୟାଚ୍ ଫି ବୃଦ୍ଧି କରିବା ନେଇ ସୁପାରିସ୍ କରିଛି। ପରବର୍ତ୍ତୀ ଆପେକ୍ସ କାଉନ୍ସିଲ ବୈଠକରେ ଏହା ଉପରେ ନିଷ୍ପତ୍ତି ହେବ ବୋଲି ଆଶା କରାଯାଉଛି। ଏବେ ଭାରତରେ ଆୟୋଜିତ ହେଉଥିବା ଶହ ଶହ ଘରୋଇ ମ୍ୟାଚ୍‌କୁ ବିସିସିଆଇ ଦ୍ୱାରା ନିଯୁକ୍ତ ମାତ୍ର ୧୮୬ ଜଣ ଅମ୍ପାୟାର ପରିଚାଳନା କରୁଛନ୍ତି। ଏମାନଙ୍କୁ ୪ଟି କାଟାଗୋରୀରେ ଭାଗ କରାଯାଇଛି। ସେଗୁଡ଼ିକ ହେଲା ଏ’ ପ୍ଲସ୍, ଏ’, ବି’ ଓ ସି’। ଏବେ ବିସିସିଆଇ ଦ୍ୱାରା ନିଯୁକ୍ତ ହୋଇଥିବା ଅମ୍ପାୟାରଙ୍କ ମଧ୍ୟରେ ଏ’ ପ୍ଲସ୍ କାଟାଗୋରୀରେ ୯ ଜଣ, ଏ’ରେ ୨୦ଜଣ, ବି’ରେ ୫୮ ଓ ସି’ କାଟାଗୋରୀରେ ୯୯ ଜଣ ଅମ୍ପାୟାର ରହିଛନ୍ତି। ଏହା ମଧ୍ୟରୁ ଏ’ ପ୍ଲସ୍ ଓ ଏ’ କାଟାଗୋରୀ ଅମ୍ପାୟାରଙ୍କୁ ଦିନକୁ ୪୦,୦୦୦, ବି ଓ ସି’ କାଟାଗୋରୀ ଅମ୍ପାୟାରଙ୍କୁ ଦିନକୁ ୩୦,୦୦୦ ଲେଖାଏଁ ଟଙ୍କା ଦିଆଯାଉଛି। ଏହା ଛଡ଼ା ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ୍ୟ ମିଳୁଛି। କିନ୍ତୁ ଗତ ୭ ବର୍ଷ ଧରି ଏହି ମ୍ୟାଚ୍ ଫି’ରେ ବୃଦ୍ଧି ହୋଇନାହିଁ। ଏହି ଅମ୍ପାୟାର ମାନେ ପୁରୁଷ ଓ ମହିଳା ବିଭାଗରେ ସମସ୍ତ ସିନିଅର, ଜୁନିଅର, ସବ୍ ଜୁନିଅର ମ୍ୟାଚ୍ ପରିଚାଳନା କରୁଛନ୍ତି। ବିସିସିଆଇ ଅମ୍ପାୟର୍ସ କମିଟିର ପ୍ରସ୍ତାବକୁ ପରବର୍ତ୍ତୀ ଆପେକ୍ସ କାଉନ୍ସିଲ ବୈଠକରେ ଗ୍ରହଣ କରାଯିବ ବୋଲି ଆଶା କରାଯାଉଛି।

### ୭୧ତମ ଓଡ଼ିଶା ଷ୍ଟେଟ୍ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟିତ

## କଟକକୁ ୧୨ ପଦକ; ପ୍ରଥମ ଦିନରେ ୪ ନୂଆ ରେକର୍ଡ



ଭୁବନେଶ୍ୱର, ୨୭।୧୨ (ସମିସ): କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ସିନ୍ଥେଟିକ ଗ୍ରାଉଣ୍ଡରେ ଶନିବାର ଓଡ଼ିଶା ଷ୍ଟେଟ୍ ଆଥ୍‌ଲେଟିକ୍ ମିଟ୍‌ର ୭୧ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ କଟକର କ୍ରୀଡ଼ାବିତ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୧୨ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୫ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ ସାମିଲ ରହିଛି। କଟକ ପଛକୁ ୭ଟି ପଦକ ଜିତି ଯାଜପୁର ଦ୍ୱିତୀୟଶ୍ରେଷ୍ଠ ପ୍ରଦର୍ଶନ କରିଛି। ଅପରପକ୍ଷରେ ପ୍ରଥମ ଦିବସରେ ୪ଟି ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଛି। କଟକର ମନୀଷା ମେରେଲ ମହିଳା ଲଙ୍ଗ ଜମ୍ପରେ ୫.୭୧ ମିଟର ଲମ୍ଫ ପ୍ରଦାନ କରି ନୂଆ ମିଟ୍ ରେକର୍ଡ କରିଥିଲେ। ସେହିଭଳି ହାଇଜମ୍ପରେ ଅନୁଗୋଳର ସ୍ୱାଧୀନ ମାଝୀ ମଧ୍ୟ ମିଟ୍ ରେକର୍ଡ କରିଛନ୍ତି। ସେ ୨.୧୩ ମିଟର ଉଚ୍ଚକୁ ଡେଇଁ ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ଜିତିଥିଲେ। ୧୮ ବର୍ଷରୁ କମ୍ ବାଳିକା ଜାଭେଲିନ ଥ୍ରୋ’ରେ ଯାଜପୁରର ଆଲୋକିକା ସ୍ୱାଇଁ (୪୩.୦୧ ମିଟର) ଓ ୨୦ ବର୍ଷରୁ କମ୍ ବାଳକ ସଟ୍ ପୁଟ୍‌ରେ ଓମକାର ପ୍ରସାଦ ନନ୍ଦ (୧୭.୧୧ ମିଟର) ମଧ୍ୟ ରେକର୍ଡ ନିଜ ନାମରେ କରିଛନ୍ତି।

ପୂର୍ବରୁ କ୍ରୀଡ଼ା ବିଭାଗର କମିଶନର କମ୍ ସେକ୍ରେଟାରୀ ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମିଟ୍‌କୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲିମ୍ପିଆନ ଶ୍ରାବଣୀ ନନ୍ଦ, କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ୟେଦ୍ଦୁଲା ବିଜୟ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଓଡ଼ିଶା ଆଥ୍‌ଲେଟିକ ସଂଘ ସମ୍ପାଦକ ଅଭିଜିତ୍ ପାଲ୍ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଡିସେମ୍ବର ୩୦ରେ ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ

## ଯୁବା-କଟକ ଫାଇନାଲ

ଭୁବନେଶ୍ୱର,୨୭।୧୨(ସମିସ): ସ୍ଥାନୀୟ ୟୁନିଟ-୧ ବାସ୍କେଟବଲ କମ୍ପ୍ଲେକ୍ସ ପରିସରରେ ଖୋର୍ଦ୍ଧା ଜିଲ୍ଲା ବାସ୍କେବଲ ସଂଘ ଓ ସ୍ମୃତି କମିଟି ପକ୍ଷରୁ ପ୍ରଥମ ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନ୍‌ଅପ୍‌ସ୍ଥିର ହୋଇଯାଇଛି। ଆସନ୍ତାକାଲି ଖେଳାଯିବାକୁ ଥିବା ପୁରୁଷ ଫାଇନାଲରେ ଶହୀଦ୍ ନଗରର ଯୁବା ବାସ୍କେଟବଲ କ୍ଲବ୍ ସହ କଟକ ବାସ୍କେଟବଲ ଆସୋସିଏସନର ମୁକାବିଲା ହେବ। ସେହିପରି ମହିଳା ଫାଇନାଲରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ସହ ୟଙ୍ଗଷ୍ଟର ବାସ୍କେଟବଲ କ୍ଲବ୍‌ର ମୁକାବିଲା ହେବ। ପୁରୁଷ ବିଭାଗ ପ୍ରଥମ ସେମିରେ ଯୁବା ବାସ୍କେଟବଲ ଟିମ୍ ୬୫-୫୩ ପଏଣ୍ଟରେ କଳିଙ୍ଗ ବାସ୍କେଟବଲ କ୍ଲବ୍‌କୁ ଓ ଦ୍ୱିତୀୟ ସେମିରେ କଟକ ୮୬-୭୬ ପଏଣ୍ଟରେ ୱିନରର୍ସ ଆସୋସିଏସନକୁ ହରାଇଥିଲା।

## ମୁକ୍ତେଶ୍ୱର କପ୍: ସେମିରେ ରେଡ୍ ଷ୍ଟାର୍

ଭୁବନେଶ୍ୱର, ୨୭।୧୨ (ସମିସ): କଟକର ରାଇଜିଂ ଷ୍ଟୁଡେଣ୍ଟ୍‌ସକୁ ୩୫ ରନରେ ପରାସ୍ତ କରି କ୍ଲବ ଦି ରେଡ୍ ଷ୍ଟାର୍ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟରରେ ରେଡ୍ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ୮ ୱିକେଟ୍ ହରାଇ ୧୫୦ ରନ କରିଥିଲା। ଦଳ ପକ୍ଷରୁ କ୍ଷୀରୋଦ ଭଞ୍ଜ ସର୍ବାଧିକ ୫୪ ରନ କରିଥିଲେ। ପ୍ରତିପକ୍ଷ ବୋଲର ଦୁର୍ଗାଶିଷ ବେହେରାଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୧୧୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର ଅସମିତ୍ ୫୨ ରନ କରିଥିଲେ ମଧ୍ୟ ବୃଥା ଯାଇଥିଲା। ରେଡ ଷ୍ଟାରର ମନ୍ମଥ ୩ଟି ଏବଂ ଓମ୍ ସାହୁ ଓ ଦକ୍ଷେଶ୍ୱର ରାଉତଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ନିହାର ରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ କ୍ଷୀରୋଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ରବିବାର ଆୟୋଜକ ମୁକ୍ତେଶ୍ୱର କ୍ଲବ ଓ ଜୁଭେନାଇଲ୍ କ୍ରିକେଟ୍ କ୍ଲବ ମଧ୍ୟରେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଫାଇନାଲ ଖେଳାଯିବ।

**ଆନ୍ତଃବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ**

## କିସ୍‌ର ସଦାନନ୍ଦଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୭।୧୨ (ସମିସ)

ପଞ୍ଜାବରେ ଚାଲିଥିବା ଉତ୍ତର ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ୍ ସାଇସେନ୍ସ (କିସ୍)କୁ ଡବଲ୍ ପଦକ ସଫଳତା ମିଳିଛି। ଶନିବାର କିସ୍ ବିଶ୍ୱବିଦ୍ୟାଳୟର ସଦାନନ୍ଦ ବରିହା ସ୍ୱର୍ଣ୍ଣ ଓ ମୀନା ସାନ୍ତା କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପୁରୁଷ ୬୫ କିଗ୍ରା ବିଭାଗରେ ଅଂଶଗ୍ରହଣ କରିଥିବା ସଦାନନ୍ଦ ମୋଟ୍ ୨୫୪ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଯେଉଁଥିରେ ସେ ସ୍ନାଚରେ ୧୧୦ କିଗ୍ରା ଓ କ୍ଲିନ ଆଣ୍ଡ ଜର୍କରେ ୧୪୪ କିଗ୍ରା ଭାର ଉଠାଇଥିଲେ। ସେହିଭଳି ମୀନା ମହିଳା ୫୮ କିଗ୍ରା ବିଭାଗରେ ଭାଗନେଇଥିଲେ। ଏଥିରେ ସେ ସ୍ନାଚରେ ୮୦ କିଗ୍ରା ଏବଂ କ୍ଲିନ ଆଣ୍ଡ ଜର୍କରେ ୯୮ କିଗ୍ରା ସହ ମୋଟ୍ ୧୭୮ କିଗ୍ରା ଭାରତ୍ତୋଳନ କରିଥିଲେ। ଶୁଭକାନ୍ତ ମଳିଆ ପୁରୁଷ ଦଳର ଓ ରାଣୀ ପାତ୍ର ମହିଳା ଦଳର କୋଚ୍ ଭାବେ ଦଳ ସହ ଗସ୍ତ କରିଛନ୍ତି। ଏହି ସଫଳତା ଲାଗି ପ୍ରଫେସର ଅଚ୍ୟୁତ ସାମନ୍ତ ପଦକ ବିଜୟୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



**ମୀନା ଜିତିଲେ କାଂସ୍ୟ**

## ଗୋଆ, ସିକ୍କିମ ବିପକ୍ଷରେ ଖେଳିବେ ଗିଲ୍

ଚଣ୍ଡିଗଡ,୨୭।୧୨(ଏଜେନ୍ସି): ଭାରତୀୟ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍ ଚଳିତ ବିଜୟ ହଜାରେ ଟ୍ରଫିର ଗୋଆ ଓ ସିକ୍କିମ ବିପକ୍ଷ ମ୍ୟାଚ୍ ଲାଗି ଉପଲବ୍ଧ ହେବେ। ପାଦରେ ଆଘାତ ଲାଗିବା ପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଚତୁର୍ଥ ଟି-୨୦ ପୂର୍ବରୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ଯାହା ଫଳରେ ସେ ପଞ୍ଜାବର ପ୍ରଥମ ଦୁଇଟି ମ୍ୟାଚ୍ ଖେଳିପାରି ନ ଥିଲେ। ଏବେ ଏଥର ୨ଟି ଯାକ ମ୍ୟାଚ୍‌ରେ ଖେଳିବେ ବୋଲି ପଞ୍ଜାବ କ୍ରିକେଟ ସଂଘ ପକ୍ଷରୁ କୁହାଯାଇଛି।

ନନ୍ଦିଘୋଷ

‘ନନ୍ଦିଘୋଷ ଟିଭି’
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି।
ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା
ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com

ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS